Split by PDF Splitter



ଓ ଅସ୍ଥାୟୀଗୁଣବର୍ଦ୍ଧିଷ୍ଣୁ ଅର୍ଥାତ୍ ରୋଗକୁ ଢାଙ୍କି ରଖେ ନାହିଁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ 'ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହେଉଥିଏ ତଥାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧଞ୍ଜାବକ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସୀମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାହାର ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଲରେ ଉପଯୁକ୍ତ ରୋଗୀଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଅଷ୍ଟ୍ରିଆ, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମହାରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି କ୍ଷାନ୍ତ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅଭ୍ୟୁଦିତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତ ରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଟ ଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, ବୁଢ଼ି ଗରମି ଓ ପାରଦର ଘା, କାଛୁ ଓ ଡାଉର ଘା ଦେହରେ ବା ହସ୍ତ ଓ ପଦ ତଳରେ ଥାଇ ଗରମିର ସାଦା ବା କଳାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତଜ୍ଜନିତ କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାପ ଓ ଉକ୍ତି ବଂଶର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ ସମର୍ଥ କରାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବ, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ବୁନ୍ଦା ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ତରୁଣଙ୍କ ଶକ୍ତି ହାନି, ମୂତ୍ର ଧରିରଖିବା, ତରୁଣ ଅସ୍ଥିରତା, ନିର୍ଜ୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, 'ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସାର—ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରଜୀର୍ଣ୍ଣ ଦେହ ସବଳ ହୃଷ୍ଟ ଓ କାନ୍ତିଯୁକ୍ତ ହେବ ! ଶରୀରର ଓଜନ କ୍ରମେ ବଢ଼ିଯିବ ।

ଇଲେକ୍ଟ୍ରୋ ସାଲସା ।—ଏହିଠାରେ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଅବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍ଟ୍ରୋ ସାଲସା" ଭୂମଣ୍ଡଳର ଅଦ୍ଭୁତ ଔଷଧ ! ଯେହେତୁ କୌଣସି ରୋଗୀଙ୍କୁ ଏହା ଆଉ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨୧୦ ତିନି ଶିଶି ଟ ୭୧୦ ଛ ଶିଶି ଟ ୧୦୧ ଡଜନ ଟ ୨୦୧

ଡାକମାଶୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକଟ୍ରୋ ସାଲସାର ;—ଆବିଷ୍କର୍ତ୍ତା— ଡାକ୍ତର କେମନ୍, ମେଡ଼ିକ ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରୋସିଥିଡ଼, ନିଉୟର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବଲିଉ, ମେଡ଼ିକ ଏଣ୍ଡ କୋମ୍ପାନୀ," କଲିକତା ।

# ଫଁଲେଜ ପରିବାର୍ତ୍ତିତ

ଡାକ୍ତର ଶ୍ରୀକରତିଭ ନବ କବିରାଜଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଶ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

## ବ୍ରାହ୍ମୀ ଘୃତ

ଅଧୁନାତନ ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱାଭାବିକ ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ତହିଁରେ ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁ ମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨୧

## ଶ୍ରୀ କୃଷ୍ଣକାନ୍ତ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆତ୍ମର କନ୍ତ୍ରପ୍ରୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ୟାଣ ରସାୟନ ।

( ଦେଶୀୟ ସାଲସା )

ଏଥିରେ କୃଷ୍ଣଦଂଶ ( ଗରମୀ ) ଘାତ, ପାରଦାଦଦୋଷଜନିତ ଶରୀରରେ କଳା ଓ ତଳା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକେ ତିନିଶିଶି ନେଲେ ଟ ୪୧ ଖା ଲାଗେ ।

| | |
|---|---|
| ଚୌଧୁରୀ ବଜାର କଟକ | ଶ୍ରୀ ଜଗତ ନବ କବିରାଜ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ । |

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ୨ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଶର୍ତ୍ତ ୨୦ ୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଟାଉନ ଉତ୍କଳଦୀପିକା ପ୍ରିଣ୍ଟିଂ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖଣ୍ଡ ୩୮ ଶ } CUTTACK, SATURDAY THE 31st January 1903.
ସଂଖ୍ୟା ୫ } ତା ୧୯ ନ ମାଘ ସନ ୧୩୧୦ ସାଲ ଶନିବାର

{ ଅଗ୍ରିମ ଟ ୩୧
{ ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

ଉତ୍କଳ ପ୍ରେସ୍ କମ୍ପାନିଙ୍କର

## ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବପର ପ୍ରକାଶିତ ହୋଇ ଉପସ୍ଥ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦ ଲେଖିବା ସକାଶେ ସ୍ଥାନ ରହିଅଛି ଚିତଙ୍କ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦୧୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଶ୍ରୁ ଟ ୦୵ ଛୋଟପାଞ୍ଜି ଖ ୧ ଣ୍ଠାରୁ ଖ ୬ ଖ୍ର ପର୍ଯ୍ୟନ୍ତ ଟ ୦୧୬ । ବଡ଼ପାଞ୍ଜି ଖ ୧୦ ଖ୍ର ଏକକ ନେଲେ ଡାକମାସୁଲ ପଡିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

Wanted a temporary Clerk for three years for the Office of the Secretary, on a salary of Rs. 30 rising to Rs. 40 by bienniel increment of Rs. 2-8 per month. The candidate selected will be taken on probation for six months and there is every likelihood of the appointment being made permanent. Applications with copies of testimonials will be received by the undersigned up to 10th February 1903.

| | |
|---|---|
| Baripada the 24th January 1903 | Hari Madhav Mukhurji *Secretary to H. H. The Maharaja of Mourbhanj* |

Wanted a man to do Kanoongoe's duty in Keonjhar. Salary Rupees 40 a month.

Wanted also a Hd. Master for a Minor School in the same State, a graduate preferred. Salary Rupees 50 a man. Apply personally to the undersigned.

Cuttack, 29-1-03. } M. S. DAS.

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

ଆପଣ କି ଗୋଲ୍ଡପଜଡ଼ ଜିନିଷ ଦେଖିଛନ୍ତି ? ଏହା ଗୋଟିଏ ବିଶୁଦ୍ଧ ଇଂରାଜୀ କେନେଡଅନ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁରୀ ଏବଂ ଏହା ଆମ୍ଭର ବିଶେଷ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପର ବୋଧହୁଏ ଏହାର ଜ୍ୟୋତି



ଚିରସ୍ଥାୟୀ ଅଟେ । ଅଙ୍ଗୁରର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାକାର ହୀରା ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରପରି ଦେଖାଯାଏ ।

ଡାକସମୂଲ୍ୟ ପ୍ରତି ଗୋଟାକୁ ଟ ୧ ୧

ଟ ୬୧ରେ—ଗୋ ୧୨ ଟା "ଗୋଲ୍ଡପଜଡ଼" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ କେନେଡଅନ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ଗ୍ରଣ୍ଟବ୍ୟାଣ୍ଡ୍ ରୂପାର ଓ୍ୱାଚ୍

ଟ ୬୧ରେ—ଗୋ ୬ ଟା "ଗୋଲ୍ଡପଜଡ଼" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅରଟୋ ସିଲଭର ହଣ୍ଟିଂ ଓ୍ୱାଚ୍ ।

Miss K. K. Ker
No. 36 Cathedral Mission Lane
CALCUTTA.

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

### *Hamra' Baghua'.*

A Shikari shot a tiger in the Jungles of the Darpan Estate. He brought the carcass to the Magistrate expecting a reward. On seeing the man the Magistrate questioned him where he had shot the beast. On being informed that it was in the Jungles of Darpan the Magistrate rewarded him with some unparliamentary language and a slap. The reason for this unusually liberal reward was that *the tiger belonged to the Magistrate and the man had killed the Magistrate's tiger.* The Magistrate had received reports of the tiger's doings in the Darpan Jungles and intended to go out on a sporting excursion to meet Mr. Stripes. The shikari who killed the tiger had anticipated the Magistrate, and thus had deprived him of a magnificent sporting trophy. In drawing the attention of Government to the abovementioned report we beg to suggest that an enquiry be made to find out the Magistrate, who propounded this novel law of proprietory right in wild animals, and that such enquiry be entrusted to Mr. Fischer, the District Magistrate of Cuttack, for he will not have to go far to find out the propounder of this new legal doctrine.

---

ବଙ୍ଗୀୟ ବ୍ୟବସ୍ଥାପକ ସଭାର ଚଳିତବର୍ଷର ପ୍ରଥମ ଅଧିବେଶନ ଆସନ୍ତା ଶୁକ୍ରବାର ପୂର୍ବାହ୍ଣ ୧୧ ଘଣ୍ଟା ବେଳେ ହେବାର ସରକାରୀ ବିଜ୍ଞାପନ ବାହାରିଅଛି ।

---

ମଧ୍ୟପ୍ରଦେଶରେ ଦୁର୍ଭିକ୍ଷର ପ୍ରକୋପ କ୍ରମେ ବଢ଼ୁଅଛି । ଗତ ତା ୧୨ ଖରେ ଶେଷ ହେବା ସାପ୍ତାହିକ ବିବରଣରୁ ପ୍ରକାଶ ଯେ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୬୨୧୫ ରୁ ୨୦୨୪୬ କୁ ଉଠି ଅଛି । ଭାରତର ଅନ୍ୟତ୍ର ଅଳ୍ପ କଷ୍ଟ ଏକପ୍ରକାର, ବମ୍ବେଇ ଓ ଗଜସୁଭାନାରେ ପ୍ରାୟ ୧୮୦୦ ଅକ୍ଷମ ଲୋକ ସାହାଯ୍ୟ ପାଉଥାରେ ଅଛନ୍ତି ।

---

ପ୍ଲେଗ ରୋଗର ଗତ ତା ୨୨ ରଖରେ ଶେଷ ହେବା ସାପ୍ତାହିକ ତାଲିକାରୁ ପ୍ରକାଶ ଯେ ୧୯୬୩୧ ମୃତ୍ୟୁ ଘଟିଅଛି ତହିଁପୂର୍ବ ସପ୍ତାହର ସଂଖ୍ୟା ୧୬୧୭୨ ଥିଲା । ଭାରତର ପ୍ରାୟ କୌଣସି ପ୍ରଦେଶ ଏ ରୋଗରୁ ମୁକ୍ତ ନାହିଁ ଏବ ସଙ୍କଟ ବୃଦ୍ଧି ଉପରେ ଅଛି । ଉପରଲିଖିତ ୧୯୬୩୧ ମୃତ୍ୟୁ ମଧ୍ୟରୁ ବମ୍ବେଇରେ ୯୪୨୫ ପଞ୍ଜାବରେ ୨୪୪୩ ଯୁକ୍ତ ପ୍ରଦେଶରେ ୨୨୯୧ ଓ ବଙ୍ଗରେ ପ୍ରାୟ ତେତିଶ । ବଙ୍ଗ ପ୍ରଦେଶର ପାଟନା ଜିଲ୍ଲାରେ ଏ ରୋଗ ବଡ଼ ପ୍ରବଳ ହୋଇ ଅଛି ଏବଂ କଲିକତାରେ ଦୈନିକ ମୃତ୍ୟୁ ୪୮ ଠାରୁ ୧୪୫ ଲୁ ଉଠିଅଛି ।

---

ଫସଲ ବନ୍ଧକ ରଖି ମାଣ ସବୁ ଉର୍ଦ୍ଧ ଏକ ବର୍ଷରୁ ଅନଧିକ ମିଆଦରେ ଟଙ୍କା ଋଣ କରିବାକୁ ହେଲେ ସନ ୧୮୯୯ ସାଲର ଅ ୨ ଉକ୍ତ ଅର୍ଥାତ ଷ୍ଟାମ୍ପ ଆଇନର ୨ୟ ତପସିଲର ୪୧ ପ୍ରକରଣ ଅନୁସାରେ ତହିଁର ଦସ୍ତାବିଜ ବା ବନ୍ଧକ ତମସୁକ ଟ ୦। ଷ୍ଟାମ୍ପରେ ହେବାର ଥିଲା । ସମ୍ପ୍ରତି ଶ୍ରୀଯୁକ୍ତ ଗବର୍ଣ୍ଣମେଣ୍ଟ ଅନୁଗ୍ରହ କରି ଅଙ୍କ କାଟି ଦେଇ ଟ ୨୦୦ ଙ୍କା ପର୍ଯ୍ୟନ୍ତ ମୂଲ ଅଣା ଏବଂ ତଦୁର୍ଦ୍ଧ ପ୍ରତି ଟ ୧୦୦ ଙ୍କା ବା ତହିଁର ଅଂଶ ସକାଶେ ଟ ୦ ୵ ଷ୍ଟାମ୍ପ ଲାଗିବାର ବିଜ୍ଞାପନ ଦେଇ ଅଛନ୍ତି । ଏହାକୁ କୃଷକମାନଙ୍କ ପ୍ରତି ନବବର୍ଷର ଅନୁଗ୍ରହ ସ୍ୱରୂପ ଜ୍ଞାନ କରିବାକୁ ହେବ ।

---

ଏମ, ଏ, ପରୀକ୍ଷାର ଫଳ ବାହାରିଅଛି । ଗତ ଥର ଜ ୮୬ ଣ ପାସ କରିଥିଲେ । ଏଥର ପାସ କରିଅଛନ୍ତି ଜ ୭୦ ଣ ତହିଁ ମଧ୍ୟରୁ ୧ମ ଶ୍ରେଣୀରେ ଜ ୬ ଣ, ୨ୟରେ ଜ ୨୪ ଣ ଏବ ୩ୟରେ ଜ ୪୦ ଣ । ସଂସ୍କୃତ, ଅଙ୍କ, ଇତିହାସ ଏବ ରସାୟନରେ ପ୍ରଥମ ଶ୍ରେଣୀ ଶୂନ୍ୟ । ଇଂରାଜୀ ସାହିତ୍ୟରେ କେବଳ ଜ ୧ ଜଣର ନାମ ୧ମ ଶ୍ରେଣୀରେ ଅଛି ଏବ ସେ ବାହାରିଅଛି । ଇଂରାଜୀ ସାହିତ୍ୟରେ ସବାପେକ୍ଷା ଅଧିକ ଅର୍ଥାତ ଜ ୨୦ ଣ ଏବ ତହିଁତଳେ ମନୋବିଜ୍ଞାନରେ ଜ ୧୪ ଣ ଏବ ଅଙ୍କରେ ଜ ୧୨ ଣ ଓ ପଦାର୍ଥ ବିଦ୍ୟାରେ ଜ ୭ ଣ ଓ ସଂସ୍କୃତରେ ଜ ୬ ଣ ପାସ କରିଅଛନ୍ତି । ଏକା ପ୍ରେସିଡେନ୍ସି କଲେଜରୁ ପ୍ରାୟ ଅର୍ଦ୍ଧେ ଅର୍ଥାତ ଜ ୩୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଠା ରେଭେନସା କଲେଜର ନାମ ଆଦୌ ନାହିଁ ।

---

ଅଦାଲତର ଜଣେ ମୁସଲମାନ ପିଆଦା ଜଣେ ମକ୍କେଲଠାରୁ ପାନ ଖାଇବା ସକାଶେ ବଟୁଆ ମାଗିନେଲା । ପାନ ଖାଇସାରି ସେ ମକ୍କେଲର ବଟୁଆରେ ଥିବା ନଗଦ ଟ ୧୩୮୨ ରୁ ଟ ୩୧ ଙ୍କା ବାହାର କରି ନେଇ ବଟୁଆ ଫେରିଦେବା ମାତ୍ରେ ମକ୍କେଲ ଦେଖିଲା ଯେ ସେ ଟଙ୍କାକୁ ଟ ୩୧ଙ୍କା ଊଣା ହେଲା । ମକ୍କେଲ ପିଆଦାକୁ ଧରି କ ପଶ୍ଚାତ ଦଉଡ଼ି ପୁଲିସରେ ଏତଲା ଦେଇ ପୁଲିସରୁ କନଷ୍ଟେବଲ ଆଣି ସେହିକ୍ଷଣି ତାହା ଆଖାରୁ ଉକ୍ତ ଟଙ୍କା ବାହାର କଲା । ପିଆଦା ପାନ ଖାଇବା ସମୟରେ ଯେଉଁମାନେ ପିଆଦାକୁ ଦେଖିଥିଲେ ସେମାନେ ସାକ୍ଷୀ ହେଲେ । ମଧ୍ୟ ଭରାଦେବଙ୍କ ମେସଲରେ ମୋକଦମା ବିଚାର ହୋଇ ତାକୁ ବାରବେତ ଦଣ୍ଡହେଲା । ଭର୍ତ୍ତା-ଭୁଲର ପଶ୍ଚୋତ୍ତରୀ ଜଣେ ପିଆଦା କର୍ମକୁ ଗଲ ଥିବା ସ୍ଥଳେ ମୂର୍ଖଙ୍କୁ ପିଆଦାରେ ମନ୍ତରର ଲେ ଲକ୍ଷ୍ୟହୁଲୁ ଏହିପର ଫଳ ଘଟନା ହେବ ।

---

ପ୍ରବଳପ୍ରତାପ ଶ୍ରୀରହୈଂସର ସମ୍ରାଟ ଏଡ୍‌ଓ୍ୱାର୍ଡ ୭ମଙ୍କର ଅଭିଷେକ ଦେଖଣା ଏବ ତତ୍‌ସଙ୍ଗାନ୍ତ ଉତ୍ସବାଦିର 'ଅନୁଷ୍ଠାନ' ଏବ ବ୍ୟୟନିର୍ବାହ କାରଣ ଏ ନଗରରେ ସମସ୍ତ ଓଡ଼ିଶା ସକାଶେ ଗୋଟିଏ ସାଧାରଣ କମିଟି ଏବଂ ତହିଁର ଗୋଟିଏ କାର୍ଯ୍ୟନିର୍ବାହକ କମିଟି ଗଠିତ ହେବାର ପାଠକମାନଙ୍କୁ ଜଣାଅଛି । କମିଟିର ଚେଷ୍ଟାରେ ଯେତେ ଟଙ୍କା ଚାନ୍ଦା ସଂଗୃହିତ ହୋଇଅଛି ତହିଁର ତାଲିକା ସ୍ଥାନାନ୍ତରେ ପ୍ରକାଶିତ ହେଲା । ସେହି ଚାନ୍ଦାର ସମଷ୍ଟି ୯ହଜାର ଟଙ୍କାରୁ ବହୁ ଅଧିକ ଅଟେ । ସମସ୍ତ ଓଡ଼ିଶା ସକାଶେ ଏ ନଗରରେ ଦରବାର ହେବାରୁ ଉକ୍ତ ଟଙ୍କା ଏହିଠାରେ ଜମା ଖରଚ ହୋଇଅଛି । ଏହା ଛଡ଼ା ଓଡ଼ିଶାର ପ୍ରତି ଜିଲ୍ଲା ଓ ସବ୍‌ଡିଭିଜନରେ ଚାନ୍ଦା ସଂଗୃହିତ ହୋଇ ସ୍ଥାନୀୟ ଉତ୍ସବରେ ଖରଚ ହୋଇଅଛି । ସେ ସମସ୍ତ ମିଶାଇଲେ ଓଡ଼ିଶାର ମୋଟ ଚାନ୍ଦା ଅନ୍ୟୂନ ୧୨।୧୩ ହଜାର ଟଙ୍କା ହେବ* । ଓଡ଼ିଶାର ଅବସ୍ଥା ବିବେଚନାରେ ଏତେ ଟଙ୍କା ଚାନ୍ଦା ଦେବା ପ୍ରଗାଢ଼ ରାଜଭକ୍ତିର ନିଦର୍ଶନ ଅଟେ ସନ୍ଦେହ ନାହିଁ । ବାସ୍ତବରେ ଆନ୍ତରିକ ରାଜଭକ୍ତିରେ ମତ୍ତ ଉତ୍କଳବାସିମାନେ ପ୍ରଧାନ ନଗର ଠାରୁ ଗ୍ରାମ ଗ୍ରାମରେ ଯେପରି ଉତ୍ସବ କରିଅଛନ୍ତି ଏମନ୍ତ ପୂର୍ବେ କେବେ ହୋଇ ନ ଥିଲା ଏବ ଭାରତର ଅନ୍ୟାନ୍ୟ ସ୍ଥାନର ତୁଳନାରେ କୌଣସି ମତେ ଊଣା ନୁହେ ।

---

ସନ ୧୮୮୦ ସାଲ ଏବ ତହିଁ ପୂର୍ବର ରୂପା ମୁଦ୍ରାମାନ ଅର୍ଥାତ ଟଙ୍କା ଅଧୁଲି ସିକି ଇତ୍ୟାଦିର ଚଳପ୍ରଚଳ ରହିତ କରିବା ଅଭିପ୍ରାୟରେ 'ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଚାର କରି ଅଛନ୍ତି ଯେ ସେ ସମସ୍ତ ମୁଦ୍ରା ସରକାରୀ ଖଜଣାଖାନାରୁ ବାହାରକୁ ଦିଆଯିବ ନାହିଁ । ଏଥିକୁ ଏଠାରେ ତହିଁର ବିପରୀତ ଜନରବ ଉଠିଅଛି ଯେ ସେ ସମସ୍ତ ମୁଦ୍ରା ସରକାରୀ ଖଜଣାଖାନାରେ ନିଆଯିବ ନାହିଁ । ସୁତରାଂ ଲୋକେ ଦେଣା ପାଉଣାରେ ସେହି ସମୟର ମୁଦ୍ରାମାନ ନେବାକୁ କୁଣ୍ଠିତ ହେଉଅଛନ୍ତି । ଆମ୍ଭେମାନେ ଅନୁସନ୍ଧାନରେ ବୁଝି-

Digitized by srujanika@gmail.com

ଅଛୁ ଯେ ଉକ୍ତ ଜନରବ ଅମୂଳକ ଅଟେ । ଲୋକେ ସରକାରୀ ଦେଶୀରେ ସେପ୍ରକାର ମୁଦ୍ରା ଖଜଣାଖାନାରେ ଦେଲେ ବିନା ଆପତ୍ତିରେ ନିଆ ଯିବ ଏବଂ ନିଆ ଯାଉଅଛି । ମାତ୍ର ଖଜଣାଖାନାରେ ସେ ସମସ୍ତ ଅଟକ ହୋଇ ଟଙ୍କଶାଳକୁ ବାହାର ଯିବ ଓ ତହିଁରେ ନୂତନ ଟଙ୍କା ପ୍ରସ୍ତୁତ ହେବ । ବହୁକାଳର ଟଙ୍କା ବ୍ୟବହାରରେ କ୍ଷୟ ହୋଇଥିବାରୁ ଗବର୍ଣ୍ଣମେଣ୍ଟ ଉକ୍ତ ଆଦେଶ ପ୍ରଚାର କରୁଅଛନ୍ତି ଏବଂ ତଦ୍ଦୃଷ୍ଟିରେ ଲୋକଙ୍କର କର୍ତ୍ତବ୍ୟ ହେଉଅଛି ଯେ ସେ ସମସ୍ତ ଟଙ୍କା ହାତରେ ନ ରଖି ସରକାରୀ ଦେଶୀରେ ଖଜଣାଖାନାରେ ଦାଖଲ କରନ୍ତୁ ଅଥବା ବାଣ୍ଡରେ ଚଳାଇ ଦେବା ପ୍ରତି ତତ୍ପର ହୁଅନ୍ତୁ ଏବଂ ନୂତନ ଟଙ୍କା ଘରେ ରଖନ୍ତୁ । ତାହାହେଲେ ଅଳ୍ପକାଳରେ ପୁରୁଣା ଟଙ୍କା ସମସ୍ତ ନିଃଶେଷ ହୋଇଯିବ ।

---

### ମୋଫସଲରେ ଅଭିଷେକୋତ୍ସବ ।

ଏ ସମ୍ବନ୍ଧରେ ଏ ସପ୍ତାହରେ ଜଗତ୍‌ସିଂହପୁର ଛାମପଡ଼ା ପ୍ରଭୃତି କେତେକସ୍ଥାନର ଉତ୍ସବର ସମାଚାର ପାଇଅଛୁ । ଅନ୍ୟାନ୍ୟ ସ୍ଥାନପରି ସେ ସମସ୍ତ ସ୍ଥାନରେ ତୋପକାଇ ଫଁହଲୀ ଇତ୍ୟାଦି ଦ୍ୱାରା ଉତ୍ସବ ସମ୍ପାଦିତ ହୋଇଥିଲା ଏବଂ ଆହୁରି ଅନେକ ସ୍ଥାନରେ ସେହିପରି ହୋଇଅଛି । କ୍ରମାଗତ ସେ ସମସ୍ତର ବିବରଣ ପ୍ରକାଶ କରିବାର ସ୍ଥାନାଭାବ ଏବଂ ଏବେ ବିଲମ୍ବରେ ଆଉ ପ୍ରକାଶ କରିବାର ଆବଶ୍ୟକ ନାହିଁ ।

ଉତ୍ସବର ଦିନ ଜାନୁୟାରୀ ମାସର ପ୍ରଥମଦିନ ମାତ୍ର, ଦୁଇ ଏକସ୍ଥାନରେ ତହିଁଉତ୍ତାରୁ ଉତ୍ସବ ହେବାର ସମ୍ବାଦ ପାଇଅଛୁ । ଯଥା;—

ତାଲଯୋଡ଼ା ଓ ତୋକାଖଣ୍ଡ ମଧ୍ୟସ୍ଥିତ କଟଣୀ ପଟଣାଗ୍ରାମସ୍ଥ ପିରଙ୍କ ନିକଟରେ ଗତ ତା ୧୯ ରଖ ମାଘିସପ୍ତମୀ ସୋମବାର ଏକ ହରହାଟ ବସିଥିଲା । ଅନେକ ଭଦ୍ରଲୋକ ଆମନ୍ତ୍ରିତ ହୋଇ ଯୋଗଦାନ କରିଥିଲେ । ସମ୍ରାଟଙ୍କର ମଙ୍ଗଳ କାମନାରେ ପ୍ରାତଃକାଳରେ ସନ୍ନାମୀ ତୋପଧ୍ୱନି ହୋଇ ବ୍ରାହ୍ମଣମାନେ ଭାଗବତ ପାଠ ଆରମ୍ଭ କଲେ । ଦିନ ଦୁଇପ୍ରହର ସନ୍ଧି ପାଠ ଶେଷ ହୁଅନ୍ତେ ବ୍ରାହ୍ମଣଭୋଜନ ଉତ୍ତାରୁ ସଙ୍କୀର୍ତ୍ତନ ଏବଂ ନୃତ୍ୟ ଗୀତାଦି ଆରମ୍ଭ ମଙ୍ଗଳବାର ଦିବା ୨ପ୍ରହର ପର୍ଯ୍ୟନ୍ତ ହୋଇଥିଲା । ଉପସ୍ଥିତ ସମସ୍ତ ଶ୍ରେଣୀର ଲୋକଙ୍କର ଭୋଜନାନ୍ତେ ଜମିଦାର ଚୌଧୁରୀ ପଙ୍କଜଚରଣ କାନନଗୋଇ ରାଜଭକ୍ତି ଓ ସମ୍ରାଟଙ୍କର ବିଷୟରେ ବକ୍ତୃତା କରିଥିଲେ । ବାଦ୍ୟ ତୋପକାଇ ଆତସବାଜି ହୁଲାହୁଳି ଓ ଶଙ୍ଖଧ୍ୱନିରେ ସେ ସ୍ଥାନ କମ୍ପମାନ ହୋଇଥିଲା ।

କେନ୍ଦ୍ରାପଡ଼ାର ଉତ୍ସବ ସମୟରେ ସେଠାର କେତେକ ଉତ୍କଳ ଉତ୍କଳମୋହନର ପ୍ରଭୃତି ସ୍ଥାନାନ୍ତର ହେତୁ ଯୋଗ ଦେଇପାରି ନ ଥିବାରୁ ସେମାନେ ଲେଉଟିଆସି ଚେଦା ଫଣ୍ଡ କରି ଗତ ତା ୨୬ ରଖ କଲିକତାର ଉତ୍ସବ ଦିନ ସେଠା ଜମିଦାର ଶ୍ରୀ ଲକ୍ଷ୍ମୀନାରାୟଣ ଜଗଦ୍ଦେବଙ୍କ ଠାକୁର ମନ୍ଦିର ସମ୍ମୁଖରେ ଏକ ବୃହତ୍ ମଜଲିସ କରିଥିଲେ । ଆମନ୍ତ୍ରଣମତେ ସ୍ଥାନୀୟ ହାକିମ ଅମଲା ଜମିଦାର ପ୍ରଭୃତି ନାନାଶ୍ରେଣୀର ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ସନ୍ଧ୍ୟା ଆଠଘଣ୍ଟାଠାରୁ ପ୍ରାୟ ଶେଷରାତ୍ର ପର୍ଯ୍ୟନ୍ତ ନୃତ୍ୟ ଗୀତ ଏବଂ କଂସବଧନାଟକର କିୟଦଂଶ ଅଭିନୀତ ହୋଇଥିଲା । ପ୍ରାୟ ଶତଶତ ଲୋକ ମିଷ୍ଟାନ୍ନ ଭୋଜନ କରିଥିଲେ । ମୁସଲମାନଙ୍କର ଭୋଜନର ପୃଥକ୍ ବନ୍ଦୋବସ୍ତ ହୋଇଥିଲା ।

---

### ଲାଟବନ୍ଦ ନିଲାମ ।

ଏ ଜିଲାର ନବମ୍ବର କିସ୍ତ ବାକୀରାଜସ୍ୱ-ମହାଲ ସମସ୍ତର ନିଲାମ ତାରିଖ ଗତ ମଙ୍ଗଳବାର ଥିଲା । ଏଥର ୨୭୩ ମହାଲ ନିଲାମର ତାଲିକାରେ ବାହାରିଥିଲା । ତହିଁ ମଧ୍ୟରୁ କ୍ରମେ ଅନେକ ମହାଲର ବାକୀ ଟଙ୍କା କଲେକ୍ଟର ସାହେବ ଗ୍ରହଣ କରିଥିଲେ । ନିଲାମ ତାରିଖରେ ୭୭ ମହାଲ ନିଲାମ ହେବାର ବିଜ୍ଞାପନରେ ଲେଖାଥିଲା । ମାତ୍ର ତହିଁମଧ୍ୟରୁ ସେ ଦିନ କେତେକ ମହାଲର ଟଙ୍କା ନିଆଗଲା, ଯେ ସମସ୍ତ ମହାଲ ପୂର୍ବ ଲାଟବନ୍ଦରେ ବାକୀ ପଡ଼ିଥିଲା ସେ ସମସ୍ତ ମହାଲର ଜମିଦାରମାନେ ଟଙ୍କା ଯାଚଲେ ମଧ୍ୟ କଲେକ୍ଟର ସାହେବ ଗ୍ରହଣ କଲେ ନାହିଁ । ଅତଏବ ୨୯ ମହାଲ ନିଲାମ ହେଲା । ଏଥିପୂର୍ବ ଲାଟବନ୍ଦରେ ୨୬୪ ମହାଲର ରାଜସ୍ୱ ଦାଖଲ ହୋଇ ନ ଥିଲା । ତହିଁମଧ୍ୟରୁ ଅନେକ ମହାଲର ବାକୀ ଟଙ୍କା ନିଆଯାଇ ଶେଷରେ ୧୦୭ ମହାଲ ନିଲାମ ପର୍ଦ୍ଦରେ ଉଠିଥିଲା । ତହିଁମଧ୍ୟରୁ କଲେକ୍ଟର ସାହେବ ଅନୁଗ୍ରହ କରି ୯୫ ମହାଲର ଟଙ୍କା ନେଇ ଛାଡ଼ି ଦେବାରୁ କେବଳ ୧୨ ମହାଲ ନିଲାମ ହୋଇଥିଲା । ଅତଏବ ପୂର୍ବ ଲାଟବନ୍ଦ ଅପେକ୍ଷା ଏଥର ଅଧିକା ୯ ମହାଲ ବାକୀ ପଡ଼ିଥିଲା ମାତ୍ର ପୂର୍ବଥର ଅପେକ୍ଷା ଅଧିକା ୧୮ ମହାଲ ନିଲାମ ହୋଇଗଲା । ଏତେ ଅଧିକ ଅର୍ଥାତ୍ ୨୯ ମହାଲ ଅନେକଦିନ ହେଲା କୌଣସି ଏକ ଲାଟବନ୍ଦରେ ନିଲାମ ହୋଇ ନ ଥିଲା । ପୂର୍ବଠାରୁ ଏତିକ ଅଧିକ ମହାଲ ଲାଟବନ୍ଦରେ ବାକୀ ପଡ଼ିବାର ହେତୁ ଜମିଦାରଙ୍କର ହେଳା ବା ଅସାବଧାନତା ଅଟେ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ୨୯ ମହାଲ ମଧ୍ୟରୁ ଯୋଡ଼ିଏ ୩ ଗୁଣ, ଯୋଡ଼ିଏ ପାଞ୍ଚଗୁଣ, ୪ ଟା ୫ ଗୁଣରୁ ଊର୍ଦ୍ଧ୍ୱ ୧୦ ଗୁଣ ଭିତରେ, ୧୬ ଟା ୧୦ ଗୁଣଠାରୁ ୧୫ ଗୁଣ ମଧ୍ୟରେ, ଗୋଟିଏ ୧୭ ଗୁଣରେ, ୩ଟା ୨୫ଗୁଣରେ ଏବଂ ଗୋଟାଏ ୨୭ ଗୁଣରେ ନିଲାମ ହୋଇଗଲା । ଏଥିରୁ ଦେଖାଯାଏ ଯେ ଜମିଦାରୀର ମୂଲ୍ୟ କ୍ରମେ ବଢ଼ୁଅଛି । ପୂର୍ବେ ଅଧିକାଂଶ ସଦରଜମାର ଦଶ ଗୁଣ ମଧ୍ୟରେ ବିକ୍ରୟ ହେଉଥିବା ପ୍ରତ୍ୟକ୍ଷ ଏଥର ଅଧିକାଂଶ ଦଶଗୁଣରୁ ଅଧିକ ମୂଲ୍ୟରେ ଲୋକେ ଡାକ ନେଇଅଛନ୍ତି । ଏଥିରୁ କେହି ସିଦ୍ଧାନ୍ତ କରି ପାରନ୍ତି କି ଗତ ବନ୍ଦୋବସ୍ତରେ ସଦର ଜମା ବଢ଼ିଲେ ମଧ୍ୟ ଜମିଦାରୀର ଲାଭ ବଢ଼ୁଅଛି ମାତ୍ର ଆମ୍ଭେମାନେ ଅନୁମାନ କରୁଁ କି ଯାହାଙ୍କର ଟଙ୍କା ଅଛି ସେମାନେ ତାହା ଖଟାଇବାର ଅନ୍ୟ ଉପାୟ ନ ଦେଖି ଜମିଦାରୀ ଉପରେ ଧରାପରା ଦେଉଅଛନ୍ତି ।

---

### କଲିକତାରେ ଉତ୍ସବ ।

କଲିକତାରେ ଅଭିଷେକୋତ୍ସବ ମହାସମାରୋହ ସହିତ ସମ୍ପନ୍ନ ହୋଇଥିବାର ସମ୍ବାଦ ପତ୍ରମାନଙ୍କରୁ ଅବଗତ ହେଲୁଁ । ଗତ ତା ୨୬ ରଖ ସୋମବାର ସ୍କୁଲ ଛାତ୍ରମାନଙ୍କର ଖେଳ ଓ ଭୋଜୀ ହୋଇଥିଲା । ଉତ୍ସବକମିଟି ଏ କାର୍ଯ୍ୟର ଭାର ପ୍ରତ୍ୟେକ କଲେଜସ୍କୁଲ ପ୍ରଭୃତି ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ପ୍ରତି ଅର୍ପଣ କରି ଛାତ୍ରସଂଖ୍ୟା ଦୃଷ୍ଟିରେ ନଗଦ ଟଙ୍କା ପଠାଇ ଦେଇଥିଲେ । ଅଧ୍ୟକ୍ଷମାନେ ସେହି ଟଙ୍କା ଓ ପ୍ରୟୋଜନମତେ ନିଜର ଅନ୍ୟାନ୍ୟ ଚେଦାଦ୍ୱାରା ବିଦ୍ୟାଳୟମାନ ବିବିଧରୂପେ ସୁସଜ୍ଜିତ କରିଥିଲେ । ଛାତ୍ରମାନେ ଯଥାକାଳରେ ସମବେତ ହୋଇ କ୍ରୀଡ଼ା ଓ ମିଷ୍ଟାନ୍ନଭୋଜନ ସମାପନ ପୂର୍ବକ ଆନନ୍ଦରେ ବିଦାୟ ହୋଇଗଲେ । ସେ ଦିନ ଅନ୍ୟ କିଛି କାର୍ଯ୍ୟ ହୋଇ ନ ଥିଲା ।

ତା ୨୭ ରଖ ମଧ୍ୟାହ୍ନରେ ଦରିଦ୍ରମାନଙ୍କର ଭୋଜୀ ଏବଂ ସନ୍ଧ୍ୟା ସମୟରେ ଆତସବାଜୀ ଥିବାରୁ ସେ ଦିନ ଖୁବ୍ ଗହଳ ପଡ଼ି ଯାଇଥିଲା । ଭୋଜିର ସ୍ଥାନ ଘୋଡ଼ଦୌଡ଼ ମଇଦାନରେ ନିରୂପିତ ହୋଇଥିଲା । ହିନ୍ଦୁମାନଙ୍କ ସକାଶେ ୨୦ ଟା ଏବଂ ମୁସଲମାନମାନଙ୍କ ସକାଶେ ୧୦ ଟା ଅଡ଼ା ବନା ହୋଇଥିଲା । ପ୍ରତି ଅଡ଼ାରେ ଏକ ହଜାରରୁ ଅଧିକ ଲୋକ ବସିବାର ସ୍ଥାନ ହୋଇଥିଲା ଏବଂ ପ୍ରତି ଅଡ଼ା ସକାଶେ ଏକ୨ ଜଣ ସୁପ୍ରିଣ୍ଟେଣ୍ଟ ଏବଂ କେତେକଜଣ ତତ୍ତ୍ୱାବଧାରୀ ନିଯୁକ୍ତ ହୋଇଥିଲେ । ଗୋରା ପଲଟନ ଏବଂ ପୁଲିସ ଶାନ୍ତିରକ୍ଷାର୍ଥେ ନିଯୁକ୍ତ ହୋଇଥିଲେ । ଦିବା ଘ ୧୦ଘଣ୍ଟା ବେଳୁ କଙ୍ଗାଳମାନେ ଜମା ହେବାର ଆରମ୍ଭ ହେଲା ଏବଂ ଦୁଇପ୍ରହର ବେଳକୁ ସ୍ଥାନ ପୂର୍ଣ୍ଣ ହୋଇଗଲା । ମହାମାନ୍ୟ ଗବର୍ଣ୍ଣରଜେନ-

Split by PDF Splitter
Digitized by srujanika@gmail.com

ଇଲକ୍ଷ୍ମର ଶୁଭାଗମନ ଅପେକ୍ଷାରେ ଅନେକ ବେଳ ଏତେଲୋକ ଚଳି ରହିଥିଲେହେଁ କୌଣସି ଗୋଳଯୋଗ ହୋଇ ନ ଥିଲା ବରଂ ସେମାନେ କଥାବାର୍ତ୍ତା ଓ ନାନା କୌତୁକରେ ଆନନ୍ଦରେ ସୁଖ ବଢ଼ାଉଥିଲେ । ମହାମାନ୍ୟ ମହୋଦୟ ଲେପ୍ଟଲାଟ ଏବଂ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ ଉପସ୍ଥିତ ହେବା ମାତ୍ରେ ପରିବେଷଣକାରୀମାନେ ତତ୍ପର କାର୍ଯ୍ୟରେ ଲାଗିଗଲେ ଓ ଭୋଜୀ ଆରମ୍ଭ ହେଲା । ହିନ୍ଦୁମାନଙ୍କ ସକାଶେ ପୁରୀ ବ୍ୟଞ୍ଜନ ଦହି ମିଷ୍ଟାନ୍ନ ପ୍ରଭୃତି ଏବଂ ମୁସଲମାନଙ୍କ ସକାଶେ ପଲାଉ କୋରମା ପ୍ରଭୃତିର ବ୍ୟବସ୍ଥା ହୋଇଥିଲା । ପରିଶେଷରେ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ପାନ ପିକା ଓ ଗୁଡ଼ାଖୁ ଦିଆଯାଇଥିଲା । ଗୋରକ୍ଷା ଧର୍ମବିରୁଦ୍ଧ ହେତୁ ମାଂସ ଯୋଗାଇବାରୁ ଅକ୍ଷମ ହେବାରୁ କମିଟି ମୁସଲମାନଙ୍କ ସକାଶେ ଟ ୧୪୦୦ ଟଙ୍କାର ମାଂସ କିଣି ଦେଇଥିଲେ । ମୁସଲମାନଙ୍କର ସଂଖ୍ୟା ଟ ୧୬୦୦ ଥିଲା ଏବଂ ଜଣ ପ୍ରତି ଟ ୦ ।/ ହିସାବରେ ସେମାନଙ୍କ ଭୋଜନରେ ଟ ୩୧୫୦ ଟଙ୍କା ଖରଚ ହୋଇଥିଲା । ହିନ୍ଦୁଙ୍କ ସଂଖ୍ୟା ଲେଖା ହୋଇ ନାହିଁ । ମାତ୍ର ଅନୁମାନ ତହିଁର ଦ୍ୱିଗୁଣରୁ ଅଧିକ ହୋଇଥିବ ଏବଂ ଜଣ ପ୍ରତି ସେହି ପରିମାଣ ଖରଚ ପଡ଼ିଥିବ । ଯାହାହେଉ ସମସ୍ତେ ଅତି ସନ୍ତୋଷରେ ପୂର୍ଣ୍ଣଭୋଜନ କରିଥିବାରୁ ଲୁହାକୁହ ହୋଇ ଯାଉଥିଲେ ଏବଂ ଭୋଜନାନ୍ତେ ଯେତେବେଳେ ବଡ଼ଲାଟ ଓ ଲେପ୍ଟଲାଟ ସେମାନଙ୍କ ମଧ୍ୟରେ ବୁଲିଲେ ସେତେବେଳେ ସମସ୍ତେ ସ୍ଥିର ହୋଇ ଉଚ୍ଚୈଃସ୍ୱରରେ କୃତଜ୍ଞତା ପୂର୍ବକ ସମ୍ରାଟଙ୍କର ମଙ୍ଗଳବାଦ କଲେ । ସେ ସମୟର ଦୃଶ୍ୟ ଅତ୍ୟନ୍ତ ମନୋହର ହୋଇଥିଲା । ଅପରାହ୍ଣ ୩ ଘଣ୍ଟା ବେଳରେ ଏ କାର୍ଯ୍ୟ ଶେଷ ହେଲା ମାତ୍ର ଆତସବାଜି ଦେଖିବା ଆଶାରେ ଅନେକ ଲୋକ ଘରକୁ ନ ଯାଇ ସେହିଠାରେ ରହିଲେ । ଅଳ୍ପକ୍ଷଣରେ ନଗରବାସିମାନେ ଆତସବାଜି ଦେଖିବା ସକାଶେ ଆସି ଦିଗରୁ ସେହି ପଡ଼ିଆକୁ ବହି ପଡ଼ିଲେ । ଗାଡ଼ିଗାଡ଼ିର ସୀମା ନ ଥିଲା ଏବଂ ବାଟ ଚାଲିବା ଦୁସ୍ତର ହୋଇଥିଲା । ସମସ୍ତ ଲୋକ ପଡ଼ିଆରେ ସନ୍ଧ୍ୟାରୁ ଶୂନ୍ୟ ପଡ଼ିଲା ପରି ଦିଶୁଥିଲା । ଗାଡ଼ିଗାଡ଼ିର ଦର ଅତ୍ୟନ୍ତ ଚଢ଼ି ଯାଇଥିଲା ଏବଂ ସେମାନେ ଅଜ୍ଞା ପଣେ ରୋଜଗାର କରି ନେଲେ । ଲୋକେ ଯଥାସାଧ୍ୟ ହୋଇ ଛିଡ଼ା ହୋଇଥିଲେ ବା ବସିଥିଲେ । ତଥାପି ସୁଖର ବିଷୟ ଯେ କୌଣସି ଦୁର୍ଘଟନା ହୋଇ ନାହିଁ । ସମସ୍ତେ ଏକଧ୍ୟାନରେ ଆତସବାଜିକୁ ଚାହିଁଥିଲେ ।

ସନ୍ଧ୍ୟା ପୂର୍ବ କାଉସୁର୍କର ଅଧ୍ୟାପକ ସ୍ପେନସର ସାହେବ ବେଲୁନ ବା ବ୍ୟୋମଯାନରେ ଉଡ଼ିଲେ । ବେଲୁନ ଅଳ୍ପକ୍ଷଣରେ ପ୍ରାୟ ୧୫୦୦ ଫିଟ୍ ଉର୍ଦ୍ଧ୍ୱକୁ ଯାଇ କିଛିକ୍ଷଣ ଧୀରେ ଧୀରେ ଉଡ଼ିଲା ଏବଂ କ୍ରମେ ଓହ୍ଲାଇ ଗଡ଼କୁ ଦାବଡ଼ାର ଏକ ସମତଳଭୂମିରେ ଲାଗିଲା । ଆରୋହିମାନଙ୍କର କିଛି ବିପଦ ହୋଇ ନାହିଁ ।

ବେଲୁନ ଉଡ଼ିବା ସଙ୍ଗେ ସଙ୍ଗେ ଆତସବାଜି ଆରମ୍ଭ ହେଲା । ତହିଁର ପରିଚୟ ଏ କ୍ଷୁଦ୍ର ପତ୍ରିକାରେ ଦେବାର ସ୍ଥାନ ନାହିଁ । ସମସ୍ତେ ଏକ ବାକ୍ୟରେ କହୁଅଛନ୍ତି ଯେ ଏମନ୍ତ ଆତସବାଜି କଲିକତାରେ କେବେ ଦେଖା ଯାଇ ନାହିଁ । କଲାଘରେ ଏଥିର ଏତେ ଉନ୍ନତି ହୋଇଥିଲାରୁ ଦେଖି ସମସ୍ତେ ଧନ୍ୟ ଧନ୍ୟ କଲେ । ଏହି ଘଣ୍ଟା କାଳ ଲୋକେ ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ । ଧନ୍ୟ ବଙ୍ଗର ବୁଦ୍ଧି ଓ ଟଙ୍କା ରୋଜଗାରର କୌଶଳ !

ତା ୨୮ ରିଖ ବୁଧବାର ସନ୍ଧ୍ୟାବେଳେ ରୋଷନାଇ ହୋଇଥିଲା । ନଗରବାସି ପ୍ରାୟ ସମସ୍ତେ ଆପଣା ଆପଣା ଘରେ ଯଥାସାଧ୍ୟ ରୋଷନାଇ କରିଥିଲେ ଏବଂ ଏ ଦୃଶ୍ୟ ବଡ଼ ସୁନ୍ଦର ହୋଇଥିଲା । ସରକାରୀ ଗୃହମାନଙ୍କର ରୋଷନାଇ ଅତି ଚମତ୍କାର ହୋଇଥିଲା ଏବଂ ସାହେବ ବଣିକମାନେ ଆପଣା ଆପଣା କୋଠି ସଜାଇବା ଏବଂ ବିବିଧ ଆଲୋକ ଦାନରେ ଯଥେଷ୍ଟ ଉତ୍ସାହ ଦେଖାଇଥିଲେ । ମହାମାନ୍ୟ ଗବର୍ଣ୍ଣରଜେନେରଲ, ଲେପ୍ଟଲାଟ ଓ ଅନେକ ସରକାରୀ ଓ ବେସରକାରୀ ସମ୍ଭ୍ରାନ୍ତ ବ୍ୟକ୍ତି ରାତିରେ ବହି ସନ୍ଧ ସ ୧୫ ଘଣ୍ଟା ବେଳେ ନଗରଭ୍ରମଣ ପୂର୍ବକ ରୋଷନାଇ ଦେଖି ସନ୍ତୁଷ୍ଟ ହୋଇଥିଲେ ।

---

ନିରୁପେଷନ ବା ଜଳପ୍ରଣାଳୀ ।

କୃଷି କ୍ଷେତ୍ରକୁ ଜଳ ଯୋଗାଇବା ଏବଂ ନୌକା ଗମନାଗମନର ସୁବିଧା ନିମନ୍ତେ ଭାରତର ନାନାପ୍ରଦେଶରେ ଗବର୍ଣ୍ଣମେଣ୍ଟ ଯେ ସମସ୍ତ କାଳ ପ୍ରସ୍ତୁତ କରିଅଛନ୍ତି ସେ ସମସ୍ତ ଦୁଇଭାଗରେ ବିଭକ୍ତ ଯଥା ଅଗ୍ରବାନ୍ ଓ ରକ୍ଷଣୀୟ । ଅଗ୍ରବାନ୍ କାଲମାନ ଲାଭ ଲାଭ ଆଶାରେ ଋଣ ଟଙ୍କା ଦ୍ୱାରା ଏବଂ ରକ୍ଷଣୀୟ କାଲମାନ ଅନାବୃଷ୍ଟି ବା ଅତିବୃଷ୍ଟି ସମୟରେ କ୍ଷେତକୁ ଜଳ ଦେଇ ଫସଲ ରକ୍ଷା କରିବା ଅଭିପ୍ରାୟରେ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିରୁ ପ୍ରସ୍ତୁତ ହୋଇଅଛି । ଏ ସମସ୍ତ ଛଡ଼ା ଅନେକଗୁଡ଼ିଏ କ୍ଷୁଦ୍ର କାଲ ଅଛି ଯାହା ସାଧାରଣ ରାଜସ୍ୱଦ୍ୱାରା ନିର୍ମାଣ ହୋଇଅଛି । ଏ ସମସ୍ତ କାଲ ମଧ୍ୟରେ ଅଗ୍ରବାନ୍ କାଲ ପ୍ରଧାନ ଅଟେ । ଭାରତରେ ସେ ପ୍ରକାର କାଲ ୩୫ ଗୋ ଅଛି । ଯଥା ପଞ୍ଜାବରେ ୭, ଉତ୍ତରପଶ୍ଚିମରେ ୫, ମାନ୍ଦ୍ରାଜରେ ୮, ସିନ୍ଧୁରେ ୫, ବମ୍ବେରେ ୭ ଏବଂ ବଙ୍ଗରେ ୪ । ଏଥିମଧ୍ୟରୁ ସମସ୍ତ ବଙ୍ଗର ୪, ବମ୍ବେର ୨ ଏବଂ ମାନ୍ଦ୍ରାଜର ୮ ମଧ୍ୟରୁ ୨ ଏପରି ୧୩ କାଲ ଏପର୍ଯ୍ୟନ୍ତ ଅଗ୍ରବାନ୍ ହୋଇ ନାହିଁ କିମ୍ବା କେବେ ହେବାର ଆଶା ନାହିଁ । ଅବଶିଷ୍ଟ ୨୨ ଟ କାଲଦ୍ୱାରା ସନ ୧୯୦୦ ୧୯୦୧ ସାଲରେ ଶତକଡ଼ା ଟ ୧୦ ଟଙ୍କାରୁ ଅଧିକ ନିଟ ଆୟ ହୋଇଥିଲା ଏବଂ ତହିଁରୁ ହିସାବ କରି ଦେଖିଲେ ୧୧ କାଲର ସନ ପୂରଣ ହୋଇ ଶତକଡ଼ା ପ୍ରାୟ ଟ ୭୨ ଟଙ୍କା ଆୟ ହୋଇଥିଲା । ସମସ୍ତ ଭାରତର କାଲ ମଧ୍ୟରେ ପଞ୍ଜାବ ପ୍ରଦେଶର କାଲମାନ ସର୍ବାପେକ୍ଷା ଅଧିକ ଆୟକର । ଗତବର୍ଷରେ ସେଠା କାଲର ନିଟ ଆୟ ୨୨୯୮ ଲକ୍ଷ ଟଙ୍କାରୁ କିଛି ଅଧିକ ଏବଂ ମୂଳ ଧନ ଉପରେ ଶତକଡ଼ା ଟ ୧୫ ପଡ଼ିଥିଲା । ତହିଁତଳେ ମାନ୍ଦ୍ରାଜର ନିଟ ଆୟ ପ୍ରାୟ ୭୨ ଲକ୍ଷ ଟଙ୍କାରୁ ଶତକଡ଼ା ଟ ୯ ଟଙ୍କା, ଉତ୍ତର ପଶ୍ଚିମ ୬୪ ଲକ୍ଷରୁ ଶତକଡ଼ା ଟ ୬।୷; ସିନ୍ଧୁ ୧୪ ଲକ୍ଷରୁ ଶତକଡ଼ା ଟ ୭।୷ ଏବଂ ବମ୍ବେ ଓ ବଙ୍ଗଳାରେ ଯଥାକ୍ରମେ ଶତକଡ଼ା ଟ ୧।୷ ଏବଂ ଟ ୦ ।୷ ପଡ଼ିଥିଲା । ଅତଏବ ବଙ୍ଗଳାର କାଲ ସମୂହର ଆୟ ସର୍ବାପେକ୍ଷା ନିକୃଷ୍ଟ ଅଟେ ଏବଂ ସେ ସବୁ କାଲ ନିର୍ମାଣରେ ଖରଚ ହୋଇଥିବା ମୂଳଧନ ଯାହା ଋଣଦ୍ୱାରା ସଂଗୃହୀତ ହୋଇଅଛି ତହିଁର ବାର୍ଷିକ ସୁଧ ଶତକଡ଼ା ଟ ୩। ଧରିଲେ ସୁଧର ପରିମାଣ ସାମାନ୍ୟ ନୁହେଁ । ବଙ୍ଗଳାର ପ୍ରଧାନ କାଲ ସମୂହର ଗତବର୍ଷର ଆୟବ୍ୟୟ ନିମ୍ନେ ଲେଖାଗଲା ଯଥା—

କାଲ ପ୍ରଣାଳୀର

| ନାମ | ଆୟ | ବ୍ୟୟ | ସୁଧ |
|---|---|---|---|
| ଓଡ଼ିଶା | ୫ ୩,୦୮,୧୪୬ | ୫୪,୬୧,୧୪୧ | ୫୧୦,[illegible] |
| ମେଦନୀପୁର | ୫ ୨,୩୩,୩୨୬ | ୫୧,୭୨,୪୦୨ | ୫[illegible] |
| ହୁଗଲି | ୫ ୧୧,୧୦,୬୮ | ୫୭,୨୪,୪୧୧ | ୫୨୦,[illegible] |
| ପୁରୀ | ୫ ୪୭,୪୪୮ | ୫୩୨,୦୭୭ | ୫[illegible] |

ଉପରଲିଖିତ ଅଙ୍କରୁ ପ୍ରକାଶ ଯେ ଓଡ଼ିଶାର କାଲ ସମୂହର ଆୟ ସେ ସମସ୍ତର ସଂରକ୍ଷଣ ଏବଂ କାର୍ଯ୍ୟ ଚଳାଇବା ବ୍ୟୟରୁ ଊଣା ଏବଂ ସେଥିପାଇଁ ଓ ଅନ୍ୟାନ୍ୟ କାଲର ଆୟରୁ ବ୍ୟୟ ଅଧିକ ହୋଇ କିଛି କମ ପଡୁଅଛି ମାତ୍ର ତାହା ସୁଧକୁ ଅଣ୍ଟୁ ନାହିଁ । ଏ ସବୁ କାଲ ହେତୁରୁ ଓଡ଼ିଶାରେ ପ୍ରାୟ ୩ କୋଟି ମେଦନୀପୁରରେ ୯୦ ଲକ୍ଷ ସୋନରେ ୨ କୋଟି ଦଶଲକ୍ଷ ଏବଂ ହୁଗଳୀରେ ୨୧୫ ଲକ୍ଷ ଟଙ୍କା ନଷ୍ଟ ପଡ଼ିଅଛି ।

ବଙ୍ଗପ୍ରଦେଶର କ୍ଷୁଦ୍ର କାଲ ମଧ୍ୟରେ ଏକ ମାତ୍ର ନଦିଆ ଓ ସୁନ୍ଦର ବେଙ୍ଗାଲ ଅଗ୍ରବାନ୍ ଅଟେ । ବର୍ତ୍ତମାନବର୍ଷରେ ତହିଁରୁ ଶତକଡ଼ା ଟଙ୍କା ଲାଭ ହୋଇଥିଲା ଏବଂ ଏ କାଲ ନିର୍ମାଣ ହେବା ସମୟରୁ ଏପର୍ଯ୍ୟନ୍ତ ପ୍ରାୟ ଦେଢ଼କୋଟି ଟଙ୍କା ଲାଭ ହୋଇଅଛି । ଏଥାନ୍ତରେ ଓଡ଼ିଶା

Split by PDF Splitter
Digitized by srujanika@gmail.com

ଦୋମ୍ପ ନେହାଲର ଆୟ ଟ ୫୦,୧୬୧ ଟଙ୍କାରୁ ବ୍ୟୟ ଟ ୫୭,୬୧୬୯ ଟଙ୍କା ବର୍ତ୍ତିତବର୍ଷରେ ହୋଇଥିଲା ଏବଂ ଏପର୍ଯ୍ୟନ୍ତ ପ୍ରାୟ ୧ ଲକ୍ଷ ୭୩ ହଜାର ଟଙ୍କା କ୍ଷତି ପଡ଼ିଅଛି ।

ଓଡ଼ିଶାରୁ ଅଳ୍ପ ଅନ୍ତର ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ଋଷିକୁଲ୍ୟା କାଲ ଅଛି । ଏହା ରକ୍ଷଣୀୟ କାଲ ଶ୍ରେଣୀର ଅନ୍ତର୍ଗତ ଅଟେ । ବର୍ତ୍ତିତବର୍ଷରେ ଏହି କାଲର ଆୟ ଟ ୯୩,୭୬୧ ଟଙ୍କା ଏବଂ ବ୍ୟୟ ଟ ୮୬,୭୮୩ ଟଙ୍କା ହୋଇଥିଲା । ମାତ୍ର ଏ କାଲ ନିର୍ମାଣ ହେବାର ମୂଲଧନର ବାର୍ଷିକ ସୁଧ ଟ ୧,୭୪,୭୬୩ ଟଙ୍କା ଅଟେ । ସୁତରାଂ ଏବର୍ଷ ଦେଢ଼ଲକ୍ଷରୁ ଅଧିକ କ୍ଷତି ପଡ଼ିଅଛି ଏବଂ ଆରମ୍ଭରୁ ଏପର୍ଯ୍ୟନ୍ତ ୧୫ ଲକ୍ଷ ୧୩ ହଜାର ଟଙ୍କା କ୍ଷତି ପଡ଼ିଅଛି ।

ଘାହାଟେହିଲ୍ ଲାଭଡିଭ ସମ୍ବନ୍ଧ ବଡ଼ ଓ ଛୋଟ କାଟର ଲଭରୁ ଖର୍ଚ୍ଚ କଟିଯାଇ ବର୍ତ୍ତିତବର୍ଷରେ ଟ ୫୧,୧୫,୧୬୧ ଟଙ୍କା ଏବଂ କାଲ କାର୍ଯ୍ୟ ଆରମ୍ଭଠାରୁ ଏପର୍ଯ୍ୟନ୍ତ ୪୭,୭୬,୯୯,୨୬୯ ଟଙ୍କା ନିଟ ଲାଭ ହୋଇଥିବାର ସରକାରୀ ହେସାବରେ ପ୍ରକାଶ ହୋଇଅଛି ଏହା ଅବଶ୍ୟ ସୁଖର ବିଷୟ ଅଟେ ଏବଂ ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ସ୍ଥିର ବିଚାର କରି କାଲ ନିର୍ମାଣ କଲେ ଲାଭ ବିନା କ୍ଷତିର କଥା ନାହିଁ ।

—————

## ଉତ୍କଳଖଣ୍ଡର ରାଜକୀୟ ସଂଯୋଗ

ଗତ ସପ୍ତାହରେ ଆମ୍ଭେମାନେ ଜଣାଇଅଛୁ ଯେ ଗଞ୍ଜାମଜିଲ୍ଲାର ଓଡ଼ିୟାମାନେ ସେମାନଙ୍କର ଦୁରବସ୍ଥା ମୋଚନାର୍ଥେ ସମଗ୍ର ଉତ୍କଳଭୂମିକୁ ବଙ୍ଗୀୟ ଅଥବା କୌଣସି ଏକ ପ୍ରାଦେଶିକ ଶାସନ ଏବଂ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରିବା କାରଣ ଇଣ୍ଡିଆଗବର୍ଣ୍ଣମେଣ୍ଟ ସମୀପକୁ ଆବେଦନ ପତ୍ର ପଠାଇ ଅଛନ୍ତି । 'ଓଡ଼ିଆ ଓ ନବସମ୍ବାଦରୁ' ଅବଗତ ହେଲୁ ଯେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ବଙ୍ଗ ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡମାନଙ୍କୁ ଏକତ୍ର କରି ଯୁକ୍ତ ତିନ ପ୍ରଦେଶ ମଧ୍ୟରୁ କୌଣସି ଏକ ପ୍ରଦେଶର ଅନ୍ତର୍ଗତ କରିବା କାରଣ ମହାମାନ୍ୟ ଗବର୍ଣ୍ଣରଜେନେରାଲଙ୍କ ନିକଟରେ ଆବେଦନ କରିଅଛନ୍ତି । ରାଜା ବାହାଦୁରଙ୍କର ଆବେଦନପତ୍ର ଅଥବା ତହିଁର ସଂକ୍ଷିପ୍ତ ମର୍ମ୍ମ ସହଯୋଗୀ ପ୍ରକାଶ କରି ନାହାନ୍ତି କିମ୍ବା ତାହା ଅନ୍ୟ କୌଣସି ସମ୍ବାଦପତ୍ର ଯୋଗେ ବା ପୃଥକ୍‌ରୂପେ ଉତ୍କଳବାସିଙ୍କୁ ଜଣାଇଦିଆଯାଇ ନ ଥିବାରୁ ରାଜାବାହାଦୁରଙ୍କର ପ୍ରାର୍ଥନାର ଦେଭୁତକ ବୁଝିବାର ଉପାୟ ନାହିଁ । ଭରସାକରୁ ସହଯୋଗୀ ଶୀଘ୍ର ତାହା ପ୍ରକାଶ କରିବେ ଏବଂ ତହିଁରୁ ବଙ୍ଗଶାସନାଧୀନ ଉତ୍କଳଖଣ୍ଡର ବର୍ତ୍ତମାନ ଏମନ୍ତ କ ଅସୁସାର ଅଛି ଯେ ମାନ୍ଦ୍ରାଜ ଅଥବା ମଧ୍ୟପ୍ରଦେଶର ଅଧୀନ ନ ହେଲେ ତହିଁର ପ୍ରତୀକାର ହେବ ନାହିଁ ଏ କଥା ଅଥବା କେବଳ ଗଞ୍ଜାମ ଓ ସମ୍ବଲପୁରର ଓଡ଼ିୟାଙ୍କ ହିତାର୍ଥେ ଉକ୍ତ ପ୍ରସ୍ତାବ ହୋଇଅଛି ତାହା ସ୍ପଷ୍ଟ ଜଣାଯିବ । ଆମ୍ଭେମାନେ ଗତ ସପ୍ତାହରେ ଦେଖାଇଅଛୁ ଯେ ବଙ୍ଗାଧୀନ ଉତ୍କଳଖଣ୍ଡ ବୃହତ୍ ଏବଂ ଉନ୍ନତିମାର୍ଗରେ ଅଗ୍ରସର । ଏହି କାରଣରୁ ଅନୁମାନକରୁ ସମ୍ବଲପୁରର ଓଡ଼ିୟାମାନେ ବଙ୍ଗର ଶାସନରେ ଆସିବାର ଇଚ୍ଛା ପୁନଃ ପ୍ରକାଶ କରିଅଛନ୍ତି ଏବଂ ଗଞ୍ଜାମର ଓଡ଼ିୟାମାନଙ୍କର ଆବେଦନ ପତ୍ରର ପ୍ରାର୍ଥନାରେ ଅବାନ୍ତରରୂପେ ଅନ୍ୟ କୌଣସି ପ୍ରଦେଶ ବା ବିଶ୍ୱବିଦ୍ୟାଳୟର ଉଲ୍ଲେଖ ହୋଇଥିଲେହେଁ ବଙ୍ଗପ୍ରଦେଶ ସଙ୍ଗେ ଯୋଗ ହେବାର ସ୍ପଷ୍ଟ ଲେଖାଅଛି । ବାସ୍ତବରେ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡମାନ ବୃହତ୍‌ଖଣ୍ଡ ସଙ୍ଗେ ଯୋଗହେବା ସ୍ୱାଭାବିକ ଏବଂ ଗଞ୍ଜାମ ଓ ସମ୍ବଲପୁରର ଉତ୍କଳଖଣ୍ଡମାନ ମୂଳ ଓଡ଼ିଶା ସଙ୍ଗେ ମିଶି ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ହେଲେ ସର୍ବାପେକ୍ଷା ଉତ୍ତମ ଏବଂ ସମସ୍ତ ଓଡ଼ିୟାଙ୍କର ସନ୍ତୋଷଜନକ ହେବ ଏହାହିଁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ।

ଏଥରୁ 'ପାୟୋନିୟର' ନାମକ ଇଂରାଜୀ ଦୈନିକ ସମ୍ବାଦପତ୍ରରେ ଲେଖାଅଛି କି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ଅତ୍ୟନ୍ତ ଅଧିକ ହେବାରୁ ବଙ୍ଗପ୍ରଦେଶରୁ ଏକ ଦିଗରେ ଚଟ୍ଟଗ୍ରାମକୁ ଆସାମ ଭୁକ୍ତ ଏବଂ ଅନ୍ୟଦିଗରେ ଓଡ଼ିଶାକୁ ମଧ୍ୟପ୍ରଦେଶ ଭୁକ୍ତ କରିବାର ପ୍ରସ୍ତାବ କେତେକଦିନରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିବେଚନା କରୁଅଛନ୍ତି ଏବଂ ସେହି ପ୍ରସ୍ତାବ ସଫଳ କରିବା ଅଭିପ୍ରାୟରେ ମାନ୍ୟବର ଫ୍ରେଜର ସାହେବ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ ହୋଇଅଛନ୍ତି । ଯେବେ ଏ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୁଏ ତେବେ ସମ୍ବଲପୁରସ୍ଥ ଓଡ଼ିୟାମାନଙ୍କର କେବଳ ଓଡ଼ିଶା ସଙ୍ଗେ ମିଶିବା ବିନା ବିଶେଷ କିଛି ଲାଭ ହେବ ନାହିଁ । କିନ୍ତୁ ଓଡ଼ିଶାର ଅତ୍ୟନ୍ତ ଦୁର୍ଗତି ଉପସ୍ଥିତ ହେବ । ବଙ୍ଗପ୍ରଦେଶ ବହୁକାଳର ଅତି ପ୍ରଚଳିତ ରାଜ୍ୟ ଏବଂ ମଧ୍ୟପ୍ରଦେଶର ଶାସନବିଭାଗ ସୃଷ୍ଟି ହେବାର ଅର୍ଦ୍ଧଶତାବ୍ଦୀ ହୋଇ ନାହିଁ । ଅବଶ୍ୟ ତାହା ଏକପ୍ରକାର ଅର୍ଦ୍ଧଆଦିମ ପ୍ରଚଳିତ ରାଜ୍ୟରେ ରହିଅଛି । ପ୍ରଜାବର୍ଗର ସୁରକ୍ଷା ସୁବିଧାର ଏବଂ ଉନ୍ନତି ନିମନ୍ତେ ବଙ୍ଗଳାର ଶାସନଯନ୍ତ୍ର ଯେପରି ସର୍ବାଙ୍ଗୀନ ମଧ୍ୟପ୍ରଦେଶରେ ସେପରି ନାହିଁ । ସେଠାରେ ରେଭିନ୍ୟୁବୋର୍ଡ ନାହିଁ ହାଇକୋର୍ଟ ନାହିଁ ବ୍ୟବସ୍ଥାପକ ସଭା ବିଶ୍ୱବିଦ୍ୟାଳୟ ପ୍ରଭୃତି କିଛି ନାହିଁ । ବଙ୍ଗଳାରେ ଏକାଧିକ ରାଜକର୍ମଚାରୀ ଏକତ୍ରେ ବସି ଯାହା କରୁଅଛନ୍ତି ମଧ୍ୟପ୍ରଦେଶରେ ଏକ ଏକ ଜଣ ରାଜକର୍ମଚାରୀ ତାହା କରୁଅଛନ୍ତି । ଏକ ହାଇକୋର୍ଟ ଦ୍ୱାରା ଯେତେ ଅବିଚାର ଓ ଅତ୍ୟାଚାରର ପ୍ରତୀକାର ହେଉଅଛି ଏକ ଏକ ଜଣ କମିଶନରଦ୍ୱାରା ତେତେ ହେବାର ଆଶା କରାଯାଇ ନ ପାରେ । ବଙ୍ଗଳାରେ ଏତେ କାଏଦା କଟକଣା ଥାଇ ମଧ୍ୟ ବେଳେ ବେଳେ ହାକମର କାଣ୍ଡ ଦେଖି ଅସ୍ଥିର ହେବାକୁ ହୁଏ । କେବଳ ହାଇକୋର୍ଟ ଯୋଗେ ବିଶେଷ ଅନିଷ୍ଟ ଘଟେ ନାହିଁ । ଏକଜଣ ଡିଭିଜନାଲ କମିଶନରଙ୍କ ଅଦାଲତରେ କେମନ୍ତ ସୁବିଚାର ହୋଇ ପାରବ କି ? ଏବଂ କଲିକତାରୁ ସୁଯୋଗ୍ୟ ବାରିଷ୍ଟର ବା ଉକୀଲ ନେଇ ନାଗପୁର ଠାରେ ମାମଲା ଚଲାଇବାକୁ କେତେଜଣ ସମର୍ଥ ହେବେ ? ଅତଏବ ଯେଉଁଦିଗରୁ ବିବେଚନା କର ଓଡ଼ିଶା ମଧ୍ୟପ୍ରଦେଶର ଅନ୍ତର୍ଗତ ହେଲେ ଅବନତି ଭିନ୍ନ ଉନ୍ନତି ହେବ ନାହିଁ ଏବଂ ଯେବେ ଗଞ୍ଜାମଜିଲାର ଉତ୍କଳାଂଶ ଓଡ଼ିଶା ସଙ୍ଗେ ମିଶି ମଧ୍ୟପ୍ରଦେଶକୁ ଯାଏ ତହିଁର ଅବସ୍ଥା ମଧ୍ୟ ଭଲ ହେବ ନାହିଁ । ପରନ୍ତୁ ଯେବେ ଓଡ଼ିଶା ମାନ୍ଦ୍ରାଜଭୁକ୍ତ ହେବ ତେବେ ଗଞ୍ଜାମ ଓଡ଼ିୟାଙ୍କର ଦୁଃଖ ଓଡ଼ିଶାବାସିଙ୍କୁ ଭୋଗ କରିବାକୁ ହେବ । ମାନ୍ଦ୍ରାଜର ଶାସନଯନ୍ତ୍ର ବଙ୍ଗଳା ସଙ୍ଗେ ସମାନ ସନ୍ଦେହ ନାହିଁ । ମାତ୍ର ସେଠାର ଆଇନ କାନୁନ ଓ ରାଜସ୍ୱ ବନ୍ଦୋବସ୍ତ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଓଡ଼ିଶାର ଉପଯୋଗୀ ନୁହେ । ତହିଁ ଉପରେ ଓଡ଼ିଶା ପ୍ରତି କଲିକତା ଅପେକ୍ଷା ମାନ୍ଦ୍ରାଜ ବହୁ ଦୂର ଏବଂ ଓଡ଼ିଶାର କଲିକତା ସଙ୍ଗେ ଯେତେ ପ୍ରକାର ସମ୍ବନ୍ଧ ଅଛି ମାନ୍ଦ୍ରାଜ ସଙ୍ଗେ ତହିଁର କିଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେବେ ଓଡ଼ିଆଙ୍କ ମଙ୍ଗଳ ସକାଶେ ସମସ୍ତ ଉତ୍କଳଭାଷାପ୍ରଚଳିତ ରାଜ୍ୟକୁ ଏକ ପ୍ରାଦେଶିକ ଶାସନର ଅଧୀନ କରିବା ଉଚିତ ହୁଅଇ ତେବେ ତାହା ବଙ୍ଗଶାସନାଧୀନ ହେବା ଶ୍ରେୟସ୍କର ତାହା ଛଡ଼ା ଅନ୍ୟ ଉପାୟ ନାହିଁ । ତାହା ହୋଇ ନ ପାରିଲେ ବରଂ ଯାହା ଅଛି ତାହା ଥାଉ ଓଡ଼ିଶାକୁ ମଧ୍ୟପ୍ରଦେଶ ବା ମାନ୍ଦ୍ରାଜ ସଙ୍ଗେ ମିଶାଇ ତହିଁର ଉନ୍ନତି ପଥରେ କଣ୍ଟା ପକାଇବା କୌଣସି ମତେ ଭଲ ନୁହେ । ଅତଏବ ଆମ୍ଭେମାନେ ସମସ୍ତ ଉତ୍କଳବାସିଙ୍କୁ ଦୃଢ଼ରୂପେ ଅନୁରୋଧ କରୁଅଛୁ କି ସେମାନେ ଜାଗ୍ରତ ହୋଇ ଓଡ଼ିଶାକୁ ମଧ୍ୟପ୍ରଦେଶରେ ଭରତି କରିବା ପ୍ରସ୍ତାବର ଯଥାଶକ୍ତି ପ୍ରତିବାଦ କରନ୍ତୁ । ଦେଖାଯାଉ ଯେବେ ଗବର୍ଣ୍ଣମେଣ୍ଟ ସେ ପ୍ରସ୍ତାବ ଗ୍ରହଣ କରିବେ ତେବେ ପଶ୍ଚାତ୍ ଆପତ୍ତି କରିବା ଅରଣ୍ୟରେ ରୋଦନ କରିବା ତୁଲ୍ୟ ହେବ ।

—————

Split by PDF Splitter
Digitized by srujanika@gmail.com

Split by PDF Splitter



ଗତ ୨୬ ସୋମବାର ଠାରୁ ଜିଲ୍ଲା ସ୍କୁଲର ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଅଛି ।

କଟକପ୍ରତ୍ୟାଗତ ପୂଜ୍ୟପଦ ଗଙ୍ଗାଧର୍ମ୍ମ ଶ୍ରୀ ସଚ୍ଚିଦାନନ୍ଦ ସରସ୍ୱତୀ ଗତ ସୋମବାର ଏଠାରେ ପହୁଞ୍ଚି ଅଛନ୍ତି ।

ମେଘ ସମସ୍ତେ ଦେଖା ଯାଉଅଛି । ଶୀତ ଅନେକ ପରିମାଣରେ କମି ଅଛି ।

---

ପତ୍ରପ୍ରେରକଙ୍କପ୍ରତି

ଶ୍ରୀ ମାୟାଧର ଭର୍ତ୍ତପଟ୍ଟନାୟକ—ସ୍ଥାନାଭାବରୁ ଉପେକ୍ଷିତ ହେଲା ।

---

ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ !

ସଂକଳ୍ପଧୃତଂ କର୍ମାରବ୍ଧସ୍ୟ ନଯାବଦ୍ଦର୍ଶଶୈଽନ୍ତସ୍ତଂ ସୂତକାଦ୍ୟଶୌଚପାତେ କା କର୍ତ୍ତବ୍ୟତେତିପ୍ରଶ୍ନସ୍ୟ ଉତ୍ତରଂ, ଯଥା;—ଗଦାଧର ପଦ୍ଧତୌ ।

ଦେବାର୍ଚ୍ଚା ଶୂନ୍ୟ ଗୌଦ୍ଧୈର୍ଦ୍ଧରଶିରଣଶିବା ବ୍ରହ୍ମପୂଜା ଚ ନିତ୍ୟା । ମାନସ୍ୟୋକାଦଶୀ ଶ୍ରାମଧୁର-ସୂଯତନଂ ମାନସଂ ବାଘମଧ୍ୟେ ॥

ଆରବ୍ଧଂ ପୂର୍ବମୁକ୍ତଥୈବ ଭୟୁରଯଜନଂସ୍ୟାଦ୍ୟଥାରବ୍ଧ କାଯ୍ୟ ସ୍ତ୍ରୋକ୍ତାଦ୍ୟଂ ତୀର୍ଥଯାତ୍ରାଦ୍ୟନୁତ୍ତବସମିତସ୍ୟାଦଘାନ୍ତେ ସମାପ୍ୟଂ । ଇତି ।

ଉପରୋକ୍ତ ପ୍ରମାଣବଚନେକ ସତ୍ୟଶୌଚପାତେ ସଙ୍କଳ୍ପିତକପାଦକଂ ପ୍ରତ୍ୟହଂ କର୍ତ୍ତବ୍ୟଂ । ତନ୍ତୁ ଅଶୌଚମଧ୍ୟେ ସମାପ୍ତିର୍ନ କାର୍ଯ୍ୟା ତଦପଗମେ ସମାପନୀୟମିତି ପରାମର୍ଶଂ ଉଚ୍ଚଲଂ ପ୍ରପଶ୍ୟେନ ।

ଶ୍ରୀ ଯୋଗେନ୍ଦ୍ରମିଶ୍ର ଶର୍ମ୍ମା ।
ପୁରୀ ବାହ୍ମଣସମିତମେମ୍ବର ।

* ଏ ପଣ୍ଡିତ ମହାଶୟ ଉତ୍କଳଭାଷାରେ ଏହାର ମର୍ମ ବୁଝାଇ ଦେଇଥିଲେ ସଂସ୍କୃତ ନ ଜାଣିବା ପାଠକଙ୍କର ସୁବିଧା ହୋଇଥାନ୍ତା ।

ସମ୍ପାଦକ ।

---

ମହାଶୟ !

ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ନିମ୍ନଲିଖିତ ବିଷୟଟି ଆପଣଙ୍କ ସୁପ୍ରସିଦ୍ଧପତ୍ରିକାରେ ସ୍ଥାନ ପ୍ରଦାନ କରି ବାଧିତ କରନ୍ତୁ । ୨ବର୍ଷ ଅତୀତ ହେଲା ପୁରୀ ନଗରୀର ବାଲିସାହି ଅନ୍ତର୍ଗତ କୁଣ୍ଡିଆସାହିସ୍ଥ ଜିଗନ୍ନୋହନା ମଠରେ "ଶିକ୍ଷୋନ୍ନତିପ୍ରଦାୟିନୀ" ନାମ୍ନୀ ଗୋଟିଏ ସମିତି ସ୍ଥାପିତ ହୋଇ କେତେଦିନ ପର୍ଯ୍ୟନ୍ତ ଏହାର କାର୍ଯ୍ୟପ୍ରଣାଳୀ ସୁଶୃଙ୍ଖଳରୂପେ ସମ୍ପନ୍ନ ହୋଇ ଆସୁଥିଲା । କିନ୍ତୁ ସଭ୍ୟମାନଙ୍କର ଆଲସ୍ୟ ଉକ୍ତ ସମିତିର ଉନ୍ନତିରେ ଶେଷର ମୂଳକାରଣ ହୋଇପଡ଼ିଲା । ପ୍ରାୟ ୨ ମାସ ହେଲା କେତେକ ନବ୍ୟ ଶିକ୍ଷିତବ୍ୟକ୍ତିଙ୍କଦ୍ୱାରା ଏହାର ପୁନରୁଦ୍ଧାର କରା ଯାଇଅଛି । ଶିକ୍ଷାର ଉନ୍ନତି ସମିତିର ଉଦ୍ଦେଶ୍ୟ । ନିମ୍ନଲିଖିତ ବ୍ୟକ୍ତିମାନଙ୍କଠାରେ ନିମ୍ନଲିଖିତ ପଦଭାର ଗ୍ରସ୍ତ ନ୍ୟସ୍ତ କରା ଯାଇଅଛି ।

ସଭାପତି ଶ୍ରୀଯୁତ ଦିବାକର କାବ୍ୟତୀର୍ଥ
ସମ୍ପାଦକ „ ବୈଦ୍ୟନାଥ ମହାପାତ୍ର
ତତ୍ତ୍ୱାବଧାରକ „ ଲୋକନାଥ ମହାପାତ୍ର
ସହ ସମ୍ପାଦକ „ ହରେକୃଷ୍ଣ ଖୁଣ୍ଟିଆ ଏବଂ

ପଣ୍ଡିତ ଶ୍ରୀ ସଦାଶିବ ରଥ ପ୍ରଭୃତି ୧୦ ଜଣ ବ୍ୟକ୍ତିଙ୍କୁ ସଭ୍ୟଭୁକ୍ତ କରା ଯାଇଅଛି ।

ଶିକ୍ଷୋନ୍ନତିପ୍ରଦାୟିନୀ ସମିତି
କୁଣ୍ଡିଆସାହି ପୁରୀ
୨୧।୧।୦୩ } ଏକାନ୍ତ ବଶମ୍ବଦ
ଧନସ୍ତ ସଭ୍ୟବୃନ୍ଦ

---

ମାନନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ଉଦାରଚରିତେଷୁ ।

ମହାଶୟ !

ଏହିକ ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ କିଞ୍ଚିତ୍ ସ୍ଥାନ ଦାନ କରି ଚିରବାଧିତ କରନ୍ତୁ ।

ଗତ ତା ୨୫ ରିଖ ରବିବାରରେ ଦେଉଳୀ ବଦ୍ୟୋଗ୍ରାହିନୀ ସମାଜର ଚତୁର୍ଥ ଅଧିବେଶନ ହୋଇଥିଲା । ଉକ୍ତ ଅଧିବେଶନରେ ହିନ୍ଦୁ ଓ ମୁସଲମାନ [illegible] ଜଣ ସଭ୍ୟ ଉପସ୍ଥିତ ହୋଇ ଧର୍ମ ସମ୍ବନ୍ଧୀୟ ଅନେକ ବାଦାନୁବାଦ ପ୍ରାୟ ତିନ ଘଣ୍ଟା ପର୍ଯ୍ୟନ୍ତ କରିଥିଲେ । ଏଥିରେ ମୁସଲମାନ ଦଳ ଅଗ୍ରଣୀ ଥିଲେ—ଜଣେ ପାରସିକ ଭାଷାରେ ଗୋଟିଏ ଦୀର୍ଘବକ୍ତୃତା ଦେଇଥିଲେ ।

କଟକଥାନାନ୍ତର୍ଗତ ବେଣ୍ଟକାର ଭଜଗୋବିନ୍ଦ ନାମକ ପବିତ୍ରସ୍ଥାନରେ ପ୍ରତ୍ୟେକ ବର୍ଷ ମକର ମାସ ପ୍ରାରମ୍ଭରେ ଗୋଟିଏ ବୈଷ୍ଣବମେଳା ହୁଏ । ଏ ବର୍ଷ ଗ୍ରାମବାସିଙ୍କ ଅନ୍ତର୍ବିବାଦ ହେତୁ ଉକ୍ତ ମେଳା ଦ୍ୱିଧା ହୋଇଗଲା । ଗ୍ରାମବାସିଙ୍କର ଏକଦଳ ଏବଂ ଶ୍ରୀ ବାବୁ ସଦାନନ୍ଦ ମହାନ୍ତିଙ୍କର ଏକଦଳ ଏପରି ଦୁଇଦଳ ବୈଠକ ହେଲା ବୈଷ୍ଣବମାନଙ୍କ ଠାରୁ ଶୁଣାଯାଏ ଦୁଇ ଦଳର ମେଳା ଉତ୍ତମରୂପେ ନିର୍ବାହିତ ହୋଇ ଥିଲା ।

୨୩।୧।୦୩ } ଶ୍ରୀ ରଘୁନାଥ ନାୟକ
ଦେଉଳୀବଦ୍ୟୋଗ୍ରାହିନୀ ସେକ୍ରେଟରୀ

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା-ସମ୍ପାଦକ
ମହୋଦୟ ସମୀପେଷୁ ।

ମହାଶୟ !

କେନ୍ଦ୍ରାପଡ଼ା ଗୋବରୀ କେନାଲର ଦକ୍ଷିଣ ପାର୍ଶ୍ୱରେ ଥିବା ଭୋଗେଶ୍ୱର ପୁର, ନଣଭିପୁର ଓ ମିରପଟଣା ଏହି ତିନ ଖଣ୍ଡ ଗ୍ରାମ ମେଉନିସିପାଲଟୀର ଅନ୍ତର୍ଭୁକ୍ତ ସତ୍ୟ ମାତ୍ର କେନାଲ ବନ୍ଧ ଛଡ଼ା ଉକ୍ତ ଗ୍ରାମବାସିମାନଙ୍କର ଗମନାଗମନର ଅପର ରାସ୍ତା ନାହିଁ । ଉକ୍ତ ବନ୍ଧର ମରାମତି ପ୍ରଭୃତି ମିଉନିସିପାଲଟୀ କରୁ ନ ଥିବାରୁ କାଲ ବନ୍ଧର କର୍ତ୍ତୃପକ୍ଷ ବନ୍ଧର ସ୍ଥାନେ ୨ ଖୁଣ୍ଟ ପୋତି ଆଜକୁ ପ୍ରାୟ ତିନିବର୍ଷ ହେବ ଉପରୋକ୍ତ ଗ୍ରାମମାନଙ୍କୁ ଗାଡ଼ି ଓ ବୋଝାଇବଳଦ ପ୍ରଭୃତି ଯିବା ଆସିବା ଏକାବେଳକେ ବନ୍ଦ କରିଦେଇ ଅଛନ୍ତି । ଏଣୁକରି ଗ୍ରାମବାସିମାନେ ଏହି ସମୟରେ ବିଶେଷତଃ ପ୍ରତିବର୍ଷ ଫସଲ ଅମଲ ସମୟରେ ଗାଡ଼ି ରାସ୍ତା ରୁଦ୍ଧ ହେବାରୁ ଯଥେଷ୍ଟ ନାସ୍ତି କଷ୍ଟ ଭୋଗି ରାସ୍ତାର ସୁବିଧା ନିମନ୍ତେ ମ୍ୟୁନିସିପାଲଟୀକୁ ବହୁବାର ଆବେଦନ କଲେହେଁ ସମସ୍ତ "ଅରଣ୍ୟ ରୋଦନ" ତୁଲ୍ୟ ହୋଇ ଅଛି ।

ପୁନଶ୍ଚ ଉକ୍ତ ଗ୍ରାମମାନଙ୍କର ଶବଦାହ ଭୂମି ମିଉନିସିପାଲଟୀ ଯେଉଁ ସ୍ଥାନ ନିର୍ଦ୍ଦେଶ କରି ଦେଇ ଅଛନ୍ତି ସେଠାକୁ ଆଷାଢ଼ ମାସ ଠାରୁ ଫାଲ୍ଗୁନ ଶେଷ ପର୍ଯ୍ୟନ୍ତ ବର୍ଷର ମା ୯ ମାସ ଯିବା ଦୁଷ୍କର ଅଟେ । କାରଣ ଗ୍ରାମ ମଧ୍ୟରୁ ସେଠାକୁ ଯିବ ସବାଶେ ଯେଉଁ ହା ୧୫୦।୨୦୦ ହ ଜଳପଥ ପଡ଼େ ସମସ୍ତ ତହିଁରେ ଜଳ ଅଥଳ ଓ କୁମ୍ଭୀରଭୟ ଏପରି କି ଏଥିରେ ଗଣ୍ଡି କଥା ଦୂରେ ଥାଉ ତଳବେଳେ ଶବ ପୋଡ଼ିବାକୁ କେହି ସାହସ କରନ୍ତି ନାହିଁ । ଏହି ଅସୁବିଧା ଦୂରୀକରଣାର୍ଥେ ସେଠାକୁ ଗୋଟିଏ ରାସ୍ତା ପ୍ରସ୍ତୁତ କରାଇ ଦେବା ନିମିତ୍ତ ଗରିବ ଗ୍ରାମବାସି ଟାକ୍ସ ଦାତାମାନେ ବାରମ୍ବାର ମିଉନିସିପାଲଟୀରେ ଆବେଦନ କରି ଓ ସେମାନଙ୍କର ଦୁରବସ୍ଥା ଚେୟାରମାନ ମହୋଦୟ ଓ କେତେକ ମେମ୍ବର କମିଶ୍ନରଙ୍କୁ ଉକ୍ତ ସ୍ଥାନକୁ ଆଣି ଦେଖାଇ ମୌଖିକ ଗୁହାରି କରିସୁଦ୍ଧା ସେମାନଙ୍କ ପ୍ରାର୍ଥନା "ଋଙ୍କ ଗୁହାରି ବାଙ୍କେ ଗଲା" ପରି ଶୂନ୍ୟ ଗଲା । ପରିଶେଷରେ ବକ୍ତବ୍ୟ ଯେ ଉପରୋକ୍ତ ଗ୍ରାମମାନ ମିଉନିସିପାଲଟୀର ଅନ୍ୟାନ୍ୟ ଅଂଶ ପରି ପକ୍କା ରାସ୍ତା, ଆଲୋକ କିମ୍ବା ନିୟମିତରୂପେ ଗ୍ରାମ୍ୟରାସ୍ତା ପରିଷ୍କାର ପ୍ରଭୃତି ସୁବିଧା ମିଉନିସିପାଲଟୀରୁ ପ୍ରାପ୍ତ ହେଉ ନ ଥିବା ସ୍ଥଳେ ଯଦ୍ୟପି ପ୍ରାର୍ଥିତ ଉପରୋକ୍ତ ଦୁଇଟି ବିଷୟର ମଧ୍ୟ କୌଣସି ସୁବିଧା ନ ପାଇଲେ ତେବେ ଗରିବଙ୍କର ଟାକ୍ସ ଦେବାର କାରଣ କଣ ? ବୁଝା ଯାଉ ନାହିଁ । ସୁବିଧା ମଧ୍ୟରେ ଯାହା କହୁ ଅଛି ତାହା କେବଳ 'ମଲା ଉତ୍ତାରୁ ଗୋଇଠା' ଏତଦ୍ଧେତୁ ମିଉନିସିପାଲଟୀର କର୍ତ୍ତୃପକ୍ଷ ମହୋଦୟମାନଙ୍କ କୃତାଞ୍ଜଳିପୂର୍ବକ ତାରେ ପ୍ରାର୍ଥନା ଯେ ଟାକ୍ସ ଦେବାର ଜଲମ୍ ହେଲେ ଯେପରି ଗରିବଙ୍କ ଅବସ୍ଥା ପ୍ରତି ଦୃଷ୍ଟି ନ କରି ସେମାନଙ୍କ ଦୁଃଖ

Digitized by srujanika@gmail.com

Split by PDF Splitter



ପଦାର୍ଥ କତ୍ସ୍ୟ କରଇ ଟାକୁ ଅଦାସ୍ୟ କରନ୍ତି ସେହିପରି ଗଣ୍ଟାବଳଙ୍କର ଗମନାଗମନ ପଥର ଅସୁ-ବିଧା ଦୂରୀକରଣ ଗୁହାସି ପ୍ରଭ ଚଷ୍ଟ ଓ ବଣ୍ଟି ବନ୍ଦ ନ କର ବାହୁତ ବଗ୍ୱର କରନ୍ତୁ ।

୨୭।୧।୦୩ } ଆପଣଙ୍କ ଏକାନ୍ତ କଶମ୍ବଦ
କେନ୍ଦ୍ରାପଡ଼ା } ଶ୍ରୀ ଭାଗବତ ଦାସ
। ସା । ଜଗଡ଼ିପୁର

ସମ୍ରାଟ ଅଭିଷେକୋତ୍ସବ ସ୍ମାରକ
କଟକ କମିଟିର ସଂଗୃହୀତ
ଚେନ୍ଦା ଫର୍ଦ୍ଦ ।

୧ ରଜା । ବା । କନକା ଟ ୧୦୦୦
୨ ରାଜ୍ୟ ଦସବଲ୍ଲଭ ଦେବ ବାହାଦୁର ଟ ୧୦୦୦
୩ ରଜା । ବା । ଅଠମଲ୍ଲିକ ଟ ୫୦୦
୪ ମହାରଜା । ବା । ମୟୂରଭଞ୍ଜ ଟ ୫୦୦
୫ ମହାରଜା । ବା । କେନ୍ଦୁଝର ଟ ୩୦୦
୬ ବାବୁ ନବେନ୍ଦ୍ର ନାଥ ରାୟ ଚୌଧୁରୀ ଟ ୨୫୦
୭ ରଜା । ବା । କମ୍ପଡ଼ା ଟ ୨୫୦
୮ ରଜା । ବା । ବଉଦ ଟ ୨୦୦
୯ " । ବା । ଦଶପଲ୍ଲା ଟ ୨୦୦
୧୦ " । ବା । ଅଳ ଟ ୨୦୦
୧୧ ଉପାଧ୍ୟ ଗଣେଶ୍ୱର ଭରଗ ଗୋସାଇଁ ଟ ୨୦୦
୧୨ ମେନେଜର ଦର୍ପଣ ଷ୍ଟେଟ ଟ ୨୦୦
୧୩ ରଜା । ବା । ନୀଳଗିରି ଟ ୨୦୦
୧୪ " ବା । ଖଣ୍ଡପଡ଼ା ଟ ୨୦୦
୧୫ " । ବା । ହିନ୍ଦୋଳ ଟ ୨୦୦
୧୬ ବାବୁ ସୁଧାପ୍ରସାଦ ଭଗତ ଟ ୧୫୦
୧୭ ବାବୁ ଯୋଗେନ୍ଦ୍ର ନାଥ ମୁଖର୍ଜି ଟ ୧୫୦
୧୮ ରଜା । ବା । ମଧୁପୁର ଟ ୧୦୦
୧୯ " । ବା । ବଉମ୍ବା ଟ ୧୦୦
୨୦ ମହାରଜା ଦୁର୍ଗାଚରଣ ସହା ଟ ୧୦୦
୨୧ ରଜା । ବା । ଖାଲକୋଟ ଟ ୧୦୦
୨୨ ବାବୁ ରାମଲକ୍ଷ୍ମଣପ୍ରସାଦ ଭଗତ ଟ ୧୦୦
୨୩ " ବଳରାମପ୍ରସାଦ ଭଗତ ଟ ୧୦୦
୨୪ ରଜା । ବା । ରଣପୁର ଟ ୧୦୦
୨୫ ଏଫ୍, ଏଚ୍, ଫିସର ସ୍କ୍ୱାୟାର ଟ ୧୦୦
୨୬ ରଜା । ବା । ସୁକିନ୍ଦା ଟ ୧୦୦
୨୭ ବାବୁ ଗଜନାରାୟଣ ଦାସ ଓ ଭାଗବତ ଦାସ ଟ ୧୦୦
୨୮ କେ, ଜି, ଗୁପ୍ତ ସ୍କ୍ୱାୟାର ଟ ୧୦୦
୨୯ ରଜା । ବା । ଆଠଗଡ଼ ଟ ୧୦୦
୩୦ ଏମ୍, ଏସ୍, ଦାସ ସ୍କ୍ୱାୟାର ଟ ୧୦୦
୩୧ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଟ ୫୦
୩୨ ଜମନ ମେନେଜର ଗଙ୍ଗପୁର ଷ୍ଟେଟ ଟ ୫୦
୩୩ ବର୍ଦ୍ଧମାନ ରାଜ୍ୟ ଷ୍ଟେଟ ଟ ୫୦
୩୪ ବାବୁ ବନମାଳୀ ପଣ୍ଡିତ ଟ ୫୦
୩୫ ମହନ୍ତ ନାରାୟଣ ରାମାନୁଜ ଦାସ ଟ ୩୫
୩୬ କଟକ ପ୍ରିଣ୍ଟିଂ କମ୍ପାନୀ ଟ ୪୦
୩୭ ଖଣ୍ଡା ନୟାଗଡ଼ ଟ ୩୦
୩୮ ରାୟ ସାହେବ ବେଣିମାଧବ ମିଶ୍ର ଟ ୨୫
୩୯ ବାବୁ କୈଳାସଚନ୍ଦ୍ର ରାୟ ମହାଶୟ ଟ ୨୫
୪୦ " ଜଗନ୍ନାଥ ପତି ଟ ୨୫
୪୧ " ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ ଟ ୨୫
୪୨ ମହନ୍ତ ବଳରାମ ରାମାନୁଜ ଦାସ ଟ ୨୫

ଟ ୬୪୪୫

୪୩ ବାବୁ କେଦାର ନାଥ ମଲ୍ଲିକ ଟ ୨୫
୪୪ ଜେ, ଆର, ଟୁ କାନ୍ତିଲ ସ୍କ୍ୱାୟାର ଟ ୨୫
୪୫ ବାବୁ ରାମାଇ ଚରଣ ମିଶ୍ର ଟ ୨୦
୪୬ ରଜା ପଟିଆ ଟ ୨୦
୪୭ ବାବୁ ଗୋପଶଙ୍କର ରାୟ ଟ ୨୦
୪୮ ଜେ କମଚ ସ୍କ୍ୱାୟାର ଟ ୨୦
୪୯ ବାବୁ ହେମେନ୍ଦ୍ର ନାଥ ରାୟ ମହାଶୟ ଟ ୨୦
୫୦ " ଗୋବର୍ଦ୍ଧନ ଦାସ ଟ ୨୦
୫୧ ଏନ୍, ଏସ୍, ବୁଦ୍ଧ ସ୍କ୍ୱାୟାର ଟ ୨୦
୫୨ ମେଜର ଜେ ଟି, କଲଭିନ୍ ଟ ୧୬
୫୩ ମେନେଜର ବର୍ଦ୍ଧମାନ ରାଜ ଟ ୧୫।୦
୫୪ ବାବୁ ସୁରେନ୍ଦ୍ର ନାଥ ଘୋଷ ଟ ୧୫
୫୫ " ଶ୍ୟାମସୁନ୍ଦର ଘୋଷ ଟ ୧୦
୫୬ ରାଏ, ଜେ, ଭି ଡନ ବାହାଦୁର ଟ ୧୦
୫୭ ବାବୁ ମାଧବ ଦାସ ଟ ୧୦
୫୮ " ସେବକନାଥ ପଣ୍ଡା ଟ ୧୦
୫୯ " ଦ୍ୱାରିକାନାଥ ମିଶ୍ର ଟ ୧୦
୬୦ " ମଦନମୋହନ ପାଢ଼ୀ ଟ ୧୦
୬୧ " ରାଜକ ସାହୁ ଟ ୧୦
୬୨ ଜଗନ୍ନାଥ ପୁରୀ ଗୋସାଇଁ ଟ ୧୦
୬୩ ବାବୁ ଯତେନ୍ଦ୍ର ନାଥ ବୋଷ ( ଦ୍ଦଙ୍ଗ ) ଟ ୧୦
୬୪ ଜଗନ୍ଧ, ଚନ୍ଦ୍ରମଣି ମହାପାତ୍ର ଟ ୧୦
୬୫ ମିନସି ସଯ୍ୟଦ ମହମ୍ମଦ ମଜହର (ବାଲୁବଜ) ଟ ୧୦
୬୬ ବାବୁ ଶ୍ରୀନାଥ ରାୟ ଟ ୭
୬୭ ଚଇତନ ସାହୁ ଟ ୬
୬୮ ମନସି, ଅବ୍ଦୁଲ ଜଫର ଟ ୬
୬୯ ବାବୁ ଉଦ ନାରାୟଣ ମିଶ୍ର ଟ ୫।୦
୭୦ ରେଭରେଣ୍ଡ, ସି ଦୟାଲ ଟ ୫
୭୧ ଅଚ, ସି, ପୁରୁଣ୍ଡି ଟ ୫
୭୨ ପି, ଜେଦଜ୍ଞ ରାଉତ ( ଦେଓଗଡ଼ ) ଟ ୫
୭୩ ବାବୁ ପ୍ରାଣକୃଷ୍ଣ ସେନ ଟ ୫
୭୪ " ନରସିଂହ ପ୍ରଧାନ ଟ ୫
୭୫ " କଙ୍ଗାଳ ବନ୍ଧୁ ଘୋଷ ଟ ୫
୭୬ " ସେଲାନାଥ ବାନର୍ଜି ଟ ୫
୭୭ ଦେଓଁଗଣ୍ଡା ( କେନ୍ଦ୍ରାପଡ଼ା ) ଟ ୫
୭୮ ମୌଲବୀ ଅବଦୁଲ ଗନି ଟ ୫
୭୯ ବାବୁ ଭଗବାନପ୍ରସାଦ ସେନ ଟ ୫
୮୦ ମନ୍ସିପେଲ ଭଜନ ମନ୍ଦର ଟ ୫
୮୧ ବାବୁ ରାଜକୃଷ୍ଣ ଶପା ଟ ୫
୮୨ " ଅର୍କ୍କ ମିଶ୍ର ( ରଥ ପାଲ ) ଟ ୫
୮୩ ମନସି ସେକ ଓସବାହୁର ଟ ୫
୮୪ ବାବୁ ଜେନାନନ୍ଦ ଦାସ କୁଳଙ୍ଗ ଟ ୫
୮୫ " ଗଣେଶପ୍ରସାଦ ଭଞ୍ଜ ବଦ୍ୟାଧରପୁର ଟ ୫
୮୬ " ଦାମୋଦର ମହାପାତ୍ର ଟ ୫
୮୭ ନଟବର ନାଥ ଷଡ଼ଙ୍ଗୀ ଟ ୫
୮୮ " ଏଶ୍ୱର ସଲ ଟ ୫
୮୯ " ଗଣପତ ସାହୁ ଟ ୫
୯୦ " ବୃନ୍ଦାବନ ପାଟଯୋଷୀ ଟ ୫

ଟ ୪୨୨।୦

୯୧ ବାବୁ କୃଷ୍ଣପ୍ରସାଦ ବୋଷ ଟ ୫
୯୨ " ପତନ ସାହୁ ଟ ୫
୯୩ " ସଦାନନ୍ଦ କେଉଟ ଟ ୨
୯୪ " ଦେବେନ୍ଦ୍ର ଭଗତ ଟ ୫
୯୫ " ଜଗବନ୍ଧୁ ପାଣିଗ୍ରାହୀ ଟ ୫
୯୬ ସାହାସି ସାହାବ ଖସଗ୍ଞା ( କେନ୍ଦୁଣ ) ଟ ୫
୯୭ ଶ୍ରୀ ମହନ୍ତ ବଦ୍ୟାଧର ଦାସ ଟ ୫
୯୮ ବାବୁ ରାମଚନ୍ଦ୍ର ରାୟ ଟ ୫
୯୯ " କୃଷ୍ଣଚନ୍ଦ୍ର ପାଢ଼ି ଟ ୫
୧୦୦ " ଅଚଳ ମହାପାତ୍ର ଟ ୫
୧୦୧ " ସୁଧାଚରଣ ରାୟ ଟ ୫
୧୦୨ " ଦାମୋଦର ଦାସ ଟ ୫
୧୦୩ " ସଲା ଚନ୍ଦ୍ରମାର ରାୟ ଟ ୫
୧୦୪ " ଭଗବାନ ଦାସ ଟ ୪
୧୦୫ " ସଦାନନ୍ଦ ଦାସ ଟ ୩
୧୦୬ " କାଳୀକୃଷ୍ଣ ସୁନ୍ଦରାଜ ଟ ୪
୧୦୭ " ସଦାନନ୍ଦ ମହାନ୍ତି କେଣ୍ଡୁବାଳ ଟ ୪
୧୦୮ " ମଧୁସୂଦନ ପଣ୍ଡା ଟ ୩
୧୦୯ " ଗୋପୀନାଥ ଚୌଧୁରୀ ଟ ୩
୧୧୦ " ବିଶ୍ୱନାଥ ସିଂହ ଟ ୪
୧୧୧ " କଟକ ପୋଷ୍ଟ ଅଫିସ ଟ ୪
୧୧୨ " ବାବୁ ମଧୁସୂଦନ ଗୁପ୍ତ ଟ ୩
୧୧୩ କେ, ଏଚ ଅସ୍ୱଙ୍ଗ ଟ ୩
୧୧୪ ରେ, ଯେ ଅସ୍ୱଙ୍ଗ ଟ ୩
୧୧୫ ବାବୁ ଦୁର୍ଗାଚରଣ ଦାସ ଟ ୩
୧୧୬ " ଚତୁର୍ଭୁଜ ପାଣିଗ୍ରାହୀ ଟ ୩
୧୧୭ " ମୋହନମୋହନ ଘୋଷ ଟ ୩
୧୧୮ " ଅନଙ୍ଗମୋହନ ମୂର୍ତ୍ତି ଟ ୩
୧୧୯ " କୃଷ୍ଣଚରଣ ଦାସ ସୋର ଟ ୩
୧୨୦ " ଚନ୍ଦ୍ରଶେଖର ଷଡ଼ଙ୍ଗୀ ଟ ୩
୧୨୧ " ଜନପ୍ରସାଦ ପାଣ୍ଡେ ଟ ୩
୧୨୨ " ଶ୍ରୀକୃଷ୍ଣ ବେହେରା ଟ ୩
୧୨୩ " ବୈକୁଣ୍ଠନାଥ ରଥ ଟ ୩
୧୨୪ ଚୌଧୁରୀ ମହାଦେବ ଜେନା ଟ ୩
୧୨୫ ବାବୁ ରାମନାରାୟଣ ଦାସ ଟ ୩
ଟ ୫୦ ଏକ ୨ ଖା ଲେଗାଁସ୍ ଲେବାନ୍ଦ
ଜ ୫୬ ଣ ଏକଟା ଲେଗାଁସ୍ " ଟ ୫୬
ସବଡିଭିଜନ କେନ୍ଦ୍ରାପଡ଼ା ଟ ୫୦୦
" ଯାଜପୁର ଟ ୨୫୦
" ଭଦ୍ରକ ଟ ୫୦୨
ଏଠାରୁ ସୁଦ୍ଧା ଏକଟଙ୍କାର ନ୍ୟୂନ କେତେ ଦେଲେ ଏଠାରୁ ହୋଇଅଛି ।

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ କପିଳ ମିଶ୍ର ବଡ଼ଦଣ୍ଡ ଟ ୩
" ରଘୁନାଥ ନାୟକ ଡେରଣ ଟ ୧୨
" ବଇଦାଥ ମହାପାତ୍ର ପୁରୀ ଅସାହି ସୁଦ ଟ ୧
ଶ୍ରୀ ମନ୍ ଇଚ୍ଛାଧରୀ ଖଣ୍ଡାମ ଟ ୩
" ଓସ୍ତ ମେହର ସମ୍ବଲପୁର ଟ ୩
" ଚନ୍ଦ୍ରମଣି ପାହାଡ଼ି ସାଲପୁର ଟ ୧

ବିଜ୍ଞାପନ ।

WANTED

An Amin for Surveying the demarcated boundaries of the Reserved Forests of the Angul Division, Orissa for a period of two months certain and prospects of employment for a further 3 months. The pay while employed on field work will be Rs. 30 per mensem, and when engaged on plotting work at Head Quarters Rs. 15 per mensem. Apply with certificates to Forest Officer, Angul Division, Orissa.

Digitized by srujanika@gmail.com

Split by PDF Splitter






ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବହୁବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଚତୁର୍ଦ୍ଦିଗ ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ର ମୋହନ ଠାକୁର ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଈଶ୍ୱରଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଜୀନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନୁପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ସୁଝି ପାରିବି ନାହିଁ । ମୋତେ ଆହୁରି ୩ ଡ଼ଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ବୀରବର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ଏମ୍ବା ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ

ରେଜଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ୱାସ୍ଥ୍ୟ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାନଜୀନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକଟ୍ରୋ ସାଲସା —ନିଜ ଗୁଣରେ ଚତୁର୍ଦ୍ଦିଗ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ କେତେ ହଜାର ଶିଶି ବିକ୍ରୟ ହେଉଅଛି ତେଣୁ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ଓ କରୁଅଛି ।

ଇଲେକଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଦ୍ଭୁତ ବେଗରେ ସବୁ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୁନିଶ୍ଚିତ ଅନୁଭବ କରିଯାଏ, ପୁଣି ୩୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଜାଜ୍ୱଲ୍ୟମାନ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକଟ୍ରୋ ସାଲସା :—ବ୍ୟଗ୍ର ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୟିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ କୃତ୍ରିମ

Digitized by srujanika@gmail.com

Split by PDF Splitter



ଓ ଅସ୍ଥାୟୀଗୁଣବର୍ଜିତ ଅର୍ଥାତ୍ ରୋଗକୁ ଛାଡ଼ି ଭଙ୍ଗେ ନାହିଁ—

ଇଲେକଟ୍ରୋ ହୋମିଓପାଥୀ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଏବଂ କଦାପି ପୁନରାକ୍ରମଣ କରେ ନାହିଁ। ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି। ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁ ହିଁ ଏହି ଅଳ୍ପକାଳ ମଧ୍ୟରେ ଏହି ଔଷଧପ୍ରଣାଳୀର ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ହୋମିଓପାଥୀର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି। ବଡ଼ ବଡ଼ ହାସପାତାଳରେ ଉପଯୁକ୍ତ ରୋଗିଙ୍କୁ ଏହି ଚିକିତ୍ସା ବ୍ୟବସ୍ଥା କରା ଯାଉଅଛି। ଅଷ୍ଟ୍ରିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି। ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି। ଇଲେକ୍ଟ୍ରୋ ହୋମିଓପାଥୀ ସତ୍ୟ ସତ୍ୟ ଯେପରି ଶୀଘ୍ର ଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅଭ୍ୟୁଦିତ ହୋଇଥିଲା!!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଠାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ।

ଇଲେକଟ୍ରୋ ହୋମିଓପାଥୀ—ଦୂଷିତ ରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ; ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଡି ଫୁଲିବା ଲୁଣ୍ଠିତ ହୋଇ ଫୁଲି ଉଠିବା, ଭୁଣ୍ଡିଆଣ, ଚୁଲି ଗରମି ଓ ଯାଉର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଦାଗ ଗରମିର ସାଦା ବା କଳାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ଲିଙ୍ଗର କ୍ଷତ ହାତୁକ ଯନ୍ତ୍ରଣାଦ ପୁଣି ପାରା ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ।

ଇଲେକଟ୍ରୋହୋମିଓପାଥୀ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ତେଜଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବ, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳିରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ଦୁର୍ବଳ ଶରୀର ଗ୍ଳାନି, ମୁଣ୍ଡ ଘୂରିବା, ଚିତ୍ତର ଅସ୍ଥିରତା, ନିର୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକଟ୍ରୋ ହୋମିଓପାଥୀ:—ର ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ! ସଙ୍ଗେ ସଙ୍ଗେ ଶୁଭଫଳ ପାଇବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ ହୃଷ୍ଟ ଓ କାନ୍ତିଯୁକ୍ତ ହେବ। ଶରୀରର ଓଜନ କ୍ରମେ ବଢ଼ୁଥିବ।

ଇଲେକ୍ଟ୍ରୋ ହୋମିଓପାଥୀ:—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

"ଇଲେକ୍ଟ୍ରୋ ହୋମିଓପାଥୀ" ଗୁପ୍ତ ରୋଗର ପ୍ରକୃତ ଔଷଧ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଅଦ୍ୟାପି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପ୍ରସ୍ତାବାକାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ।

ମୂଲ୍ୟ ପ୍ରତି ଶିଶି ଟ ୧୯ ୩ ଶିଶି ଟ ୫୷
୬ ଶିଶି ଟ ୧୦୷ ଡଜନ ଟ ୨୦୯
ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକଟ୍ରୋ ହୋମିଓପାଥୀର;—ଆବିଷ୍କର୍ତ୍ତା—ଡାକ୍ତର୍ କେମନ୍, ମେଡ଼ିକ ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ୍, ନ୍ୟୁୟର୍କ ଆମେରିକା। ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବ୍ଲିଉ,ମେଡ଼ିକ ଏଣ୍ଡ କୋମ୍ପାନୀ," କଲିକତା।

# ଫଁଲେନ ପରିଚୀୟତେ

କବିରାଜ ଶାରଦାପ୍ରସନ୍ନ କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ବିଶୁଦ୍ଧ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ। ମଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଆଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ।

## ବ୍ରାହ୍ମୀ ଘୃତ

ଅଳ୍ପକାଳ ଏହି ଘୃତ ସେବନ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ତେଜ ହେବାର ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନହେ ଏହା ବ୍ୟକ୍ତିମାନଙ୍କେ ହିଁ ପ୍ରୟୋଜନୀୟ; ବାସ୍ତବିକ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱାଭାବିକ ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ। ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ।

ଏକଶିଶିର ମୂଲ୍ୟ ଟ ୨୯

## ଶୀ କୁରକ୍ତି କବଟିକା।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ନଷ୍ଟ ଶୁକ୍ର ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ। ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ। ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ।

ଏକ ଡିବା ଔଷଧର ମୂଲ୍ୟ ଟ ୧୷ ମାତ୍ର।

## କଲ୍ପତରୁରସାୟନ।

( ଦେଶୀୟ ହୋମିଓପାଥୀ )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦଦୋଷଜନିତ ଶରୀରରେ ଚକା ଚକା ଦାଗ; ଷ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ। ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ।

ଏକ ଶିଶିର ମୂଲ୍ୟ ଟ ୧୷ ମାତ୍ର।

ଏକକେ ଅନେକ ଶିଶି ନେଲେ ୵୦ ବା ଲାଗେ।

| | |
|---|---|
| ଚୌଧୁରୀ ବଜାର<br>କଟକ | ଶ୍ରୀ ଶାରଦା କର କବିରତ୍ନ<br>ଅନ୍ନପୂର୍ଣ୍ଣା<br>ଆୟୁର୍ବେଦୀୟ ଔଷଧାଳୟ। |


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୵୦ ୬ |
| ଅର୍ଦ୍ଧସ୍ତମ୍ଭକୁ | ୩ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୯ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଶୁଳ୍କ ୫୦ ଅ ଣାରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶୁଳ୍କ ପ୍ରଥମ ଥରର ତେହାଇ ଓ ଦୁଇଗୁଣ ଯଥାକ୍ରମେ ହେବ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।



ଏହି ଉତ୍କଳଦୀପିକା କଟକ ୪୫୦ ନମ୍ବର ବଜାରରେ ଦ୍ୱିତୀୟ ସପ୍ତାହ ଶନିବାର ଦିନେ ସ୍ଥାନରେ ମୁଦ୍ରିତ ଓ ପ୍ରକାଶିତ ହେଲା


Digitized by srujanika@gmail.com

Split by PDF Splitter

REGISTERED No. C 81




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

୩୮ ଭାଗ }
୫ ୬ ସଂଖ୍ୟା }

CUTTACK, SATURDAY THE 7th February 1903.

ତା ୨୫ ଇ ମାଘ ସନ ୧୩୧୦ ସାଲ ଶନିବାର

{ ଅଗ୍ରିମ ଟ ୩
{ ପଶ୍ଚାଦେୟ ଟ ୬



## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

### ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସିହାର ପୂର୍ବପରି ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡିଶାରେ ପ୍ରାଚୀନ ବୃଦ୍ଧରୁ ଏବଂ ବଣ୍ଡର ବ୍ୟବସ୍ଥାଯୁକ୍ତ ଅଟଇ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

ବଡ଼ପଞ୍ଜିକା ଟ ୦।

ଛୋଟପଞ୍ଜିକା ଟ ୦।୬

ଡାକମାସୁଲ ବଡ଼ପାଞ୍ଜି ଖ ୧ ରୁ ଟ ୦/ ଛୋଟପାଞ୍ଜି ଖ ୧ ରୁ ଠାରୁ ଖ ୭ ରୁ ପର୍ଯ୍ୟନ୍ତ ଟ ୦।୬ । ବଡ଼ପାଞ୍ଜି ଖ ୧୦ ରୁ ଅଧିକ ନେଲେ ଡାକମାସୁଲ ପଡିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ

ସେକ୍ରେଟରୀ

## WANTED

Temporarily for three months an Accountant on salary Rs. 40 ( Forty ) per mensem. Preference will be given to one having experience of account and correspondence work. Applications with copies of testimonials to be received up to the 13th instant by

Ganja P. O. } Indramani Mahanty
Kanika }
3—2—1903 } *Head Clerk in charge*

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | | |
|---|---|---|
| Oriya Alphabet and Spelling Book. For Infant Class and Standard I | ... As. | 1 |
| Oriya Lower Primary Science Reader | ... „ | 3 |
| Oriya Lower Primary Arithmetic | ... „ | 4 |
| Oriya Upper Primary Science Reader | ... „ | 4 |
| Oriya Upper Primary History Reader (Bengal) | ... „ | 3 |
| Oriya Upper Primary Geography Reader | ... „ | 3 |
| Oriya Upper Primary and Middle Vernacular Arithmetic | „ | 8 |
| Oriya Upper Primary Literature Book | ... „ | 3 |
| Oriya Upper Primary and Middle Vernacular Practical Geometry and Mensuration | „ | 4 |
| Oriya Middle Vernacular Science Reader | ... „ | 7 |
| Oriya Middle Vernacular History Reader | ... „ | 4 |
| Oriya Middle Vernacular Literature Book | ... „ | 6 |
| Macmillan's "Official" Copy Books Nos. 1, 2, 3, 4, | | 5 pice |
| Arnold's Civil Service Copy Books Nos. 1, 2, 3, 4, | | 5 pice |
| " O. M. P. " Blank Drawing Books | As. 1 & As. | 1 6 |
| Grammatical Primer (C. L. S.) | As. | 2 6 |
| Manual of English Grammar (C. L. S.) | As. | 7 |

Expected in a day or two:—Simple English Readers by Behari Dhar, Dr. Sircar, and the C. L. S. Society's Series of Readers.

*For any of these books apply to:—*

R. J. GRUNDY,
*Supt. Orissa Mission Press,*
*Mission Road*, CUTTACK.

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says : That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.


Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ଢାକାର ନବାବ ବାହାଦୁର ଶାସନ-ମଣ୍ଡଳୀ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

---

କଲିକତାର ସେନେଟହାଉସ୍ ବିଶ୍ୱବିଦ୍ୟାଳୟର ବାର୍ଷିକ ସଭା ସକାଶେ ତାହାର ପ୍ରୟୋଜନ ହେବାରୁ ଆଗାମୀ ଉକାଲତି ପରୀକ୍ଷା ପୂର୍ବନିର୍ଦ୍ଧାରିତ ଦିନମାନଙ୍କରେ ନ ହୋଇ ଚଳିତ ମାସର ତା ୨୩,୨୪ ଓ ୨୬ ରିଖ ମାନଙ୍କରେ ହେବ ଏବଂ ମୁକ୍ତାରୀ ପରୀକ୍ଷା ଉକ୍ତ ତା ୨୩ ଓ ୨୪ ରିଖରେ କଲିକତା ଗୌହାଟି ଓ ସିଲହଟରେ ହେବ ।

---

ଗତ ପ୍ରକାଶିତ ସାପ୍ତାହିକ ବିବରଣରେ ଭାରତବର୍ଷରେ ପ୍ଲେଗ ରୋଗ ଘଟିତ ମୃତ୍ୟୁ ସଂଖ୍ୟା ୧୯୬୩୯ ଥିଲା । ଏ ସପ୍ତାହରେ ପ୍ରକାଶିତ ତାଲିକାର ମୋଟ ୨୩୬୩୨ ଅର୍ଥାତ ଗତ ସପ୍ତାହର ମୃତ୍ୟୁ ଅପେକ୍ଷା ପ୍ରାୟ ସାଢ଼େ ଚାରିଶତ ଅଧିକ ଅଟେ । ପ୍ରାୟ ସମସ୍ତ ପ୍ରଦେଶରେ ରୋଗର ପ୍ରକୋପ ବୃଦ୍ଧି ଉପରେ ଅଛି । ମୋଟ ମୃତ୍ୟୁ ମଧ୍ୟରୁ ଏକା ବମ୍ବେଇ ପ୍ରଦେଶରେ ୧୧-୨୪୨ ବଙ୍ଗରେ ୩୧୩୬ ଆଗ୍ରା ଓ ଅଯୋଧ୍ୟା ଯୁକ୍ତ ପ୍ରଦେଶରେ ୨୯୬୪ ପଞ୍ଜାବରେ ୨୬୨୭ ଏବଂ ଅନ୍ୟାନ୍ୟ କୌଣସି ପ୍ରଦେଶରେ ଏକହଜାରରୁ ଅଧିକ ନୁହେ ।

---

ମହରମ ଏବଂ ଗୁଡ଼ଫ୍ରାଇଡେ ପର୍ବମାନଙ୍କ ଉପଲକ୍ଷରେ ଆଗାମୀ ଅପ୍ରେଲ ମାସ ତା ୮ ରିଖ ଠାରୁ ତା ୧୩ ରିଖ ପର୍ଯ୍ୟନ୍ତ ଦି ୬ ନ ଦେବାନୀ ଅଦାଲତ ଇତ୍ୟାଦି ବନ୍ଦ ହେବ । ସେହି ସମୟରେ ମୁରଶିଦାବାଦ ବହରମପୁରଠାରେ ପ୍ରାଦେଶିକ ସମିତିର ଅଧିବେଶନ ହେବାର ସ୍ଥିର ହୋଇଅଛି ଏବଂ ଏଥି ମଧ୍ୟରେ ସେଠାରେ ଗୋଟିଏ ସଭା ଗଠିତ ହୋଇ ତହିଁର ଯଥୋଚିତ ଆୟୋଜନ ଆରମ୍ଭ ହୋଇଅଛି । ଗତ ବର୍ଷ ଏହି କଟକ ନଗରରେ ଉକ୍ତ ସମିତିର ଅଧିବେଶନ ହେବାର କଥା ଥିଲା । ମାତ୍ର ଉତ୍ସାହ ଓ ସହୃର ଅଭାବରୁ ତାହା ହୋଇ ପାରିଲା ନାହିଁ । ବଡ଼ଦୁଃଖର ବିଷୟ ଅଟେ ।

---

ଭାରତେଶ୍ୱରଙ୍କ ମୁକୁଟୋତ୍ସବ ଦିବସ ଅର୍ଥାତ ଗତ ଜାନୁଆରୀ ତା ୧ ରିଖଠାରୁ ପୁରୀ ମିଉନିସିପାଲିଟିଦ୍ୱାରା ସିଂହଦ୍ୱାର ନିକଟରେ "[illegible] କରୋନେସନ୍ ଡିସ୍‌ପେନ୍‌ସରୀ" ନାମରେ ଗୋଟିଏ ଦାତବ୍ୟ ଔଷଧାଳୟ ସ୍ଥାପିତ ହୋଇଅଛି । ପୁରୀର ଜେନେରାଲ ହାସପିଟାଲ ସହରର ଏକପାର୍ଶ୍ୱରେ ରହିଥିବାରୁ ଅପର ପାର୍ଶ୍ୱନିବାସିମାନଙ୍କର ବିଶେଷ ଅସୁବିଧା ହେଉଥିଲା ବିଶେଷତଃ ପୁରୀର କେନ୍ଦ୍ର ସ୍ଥଳୀ ସିଂହଦ୍ୱାର ନିକଟରେ ଅଭିଷେକୋତ୍ସବର ସ୍ମାରକ ସ୍ୱରୂପ ଏହି ଔଷଧାଳୟ ସ୍ଥାପନ କରି ମିଉନିସିପାଲିଟି ଗୋଟିଏ ପ୍ରଧାନ ଅଭାବ ଦୂର କରିଥିବାରୁ ପୁରୀବାସିଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

---

ଦିଲ୍ଲୀର ଶିଳ୍ପପ୍ରଦର୍ଶନୀ ଯାହା କି ଦରବାର ସଙ୍ଗରେ ମିଳିଥିଲା ଏପର୍ଯ୍ୟନ୍ତ ଦର୍ଶକମାନଙ୍କ ସକାଶେ ଖୋଲା ରହିଥିଲେହେଁ ତହିଁପ୍ରତି ଲୋକଙ୍କର ଆଗ୍ରହ ଊଣା ପଡ଼ିଅଛି ଏବଂ ବିକ୍ରୀ ହୋଇଥିବା ଦ୍ରବ୍ୟମାନ କ୍ରମେ୨ ବାହାରି ଯାଉଅଛି । ଯେଉଁ କାରିଗରମାନେ କାର୍ଯ୍ୟ କରୁଥିଲେ ସେମାନେ ବ୍ୟସ୍ତ ହୋଇ ଘରକୁ ଚାଲିଯାଉଅଛନ୍ତି । ପ୍ରଧାନ୨ ଶିଳ୍ପ ଦ୍ରବ୍ୟମାନ ପ୍ରଦର୍ଶନୀରେ ଅଛି ମାତ୍ର ଖୁଚୁରା ଦ୍ରବ୍ୟ ସବୁ ବାହାରି ଗଲାଣି । ପ୍ରଦର୍ଶନୀର ଦ୍ରବ୍ୟକ୍ରେତାଙ୍କ ମଧ୍ୟରେ ହାଇଦରାବାଦର ନିଜାମ ପ୍ରଧାନ ଅନ୍ୟ ବ୍ୟକ୍ତିମାନେ ବାଛି୨ ଦ୍ରବ୍ୟ କିଣିଅଛନ୍ତି ମାତ୍ର ନିଜାମ ମହୋଦୟ ଏକ୨ ଆଲମାରୀ ବା କୋଠରୀର ସମସ୍ତ ଦ୍ରବ୍ୟ କିଣିଅଛନ୍ତି । ସେ କେବଳ ଜହରାଦ ଦ୍ରବ୍ୟ ୩ ଲକ୍ଷ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ୨ ଲକ୍ଷ ଏପରି ପାଞ୍ଚଲକ୍ଷ ଟଙ୍କାର ଖରିଦ କରିଅଛନ୍ତି ।

---

କଲିକତାର ଅଭିଷେକୋତ୍ସବ ଉପଲକ୍ଷରେ ଯେଉଁଦିନ ବିଳାତି ଆତସବାଜି ହୋଇଥିଲା ତହିଁ ଆରଦିନ ସନ୍ଧ୍ୟା ବେଳେ କଲିକତାସ୍ଥ ଚୀନବାସିମାନେ ସ୍ୱଦେଶର ଆତସବାଜି ନିଜ ବ୍ୟୟରେ ଦେଖାଇଥିଲେ । ବିଳାତି ବାଜିରେ ଅବଶ୍ୟ ଅନେକ ଟଙ୍କା ବ୍ୟୟ ହୋଇଥିଲା । ସେତେ ବ୍ୟୟ କରିବା କଲିକତାସ୍ଥ ଅଳ୍ପ ଚୀନ ଲୋକଙ୍କର ସାମର୍ଥ୍ୟ ନାହିଁ ଏବଂ କଲିକତା ଲୋକଙ୍କର ସେପରି ଚୀନବାସିଙ୍କଠାରୁ ଆଶା କରାଯାଇ ନ ପାରେ । ସୁତରାଂ ସେମାନେ ଅଳ୍ପ ସମୟରେ ଅନେକ ପ୍ରକାର କାର୍ଯ୍ୟ ଦେଖାଇ ପାରି ନ ଥିଲେ । ମାତ୍ର ସେମାନେ କେତେଗୁଡ଼ିଏ ଏମନ୍ତ ଆଶ୍ଚର୍ଯ୍ୟ ଆତସବାଜି ଦେଖାଇଥିଲେ କି ଯାହା ବିଳାତି ବାଜିକୁ ବଳି ଯାଇଥିଲା ଏବଂ ଚୀନର ଶିଳ୍ପ କୌଶଳର ପୂର୍ବଖ୍ୟାତି ଏପର୍ଯ୍ୟନ୍ତ ଅଟଳ ରହିଥିବାର ଦର୍ଶକମାନେ ଦେଖି ବଡ଼ ଆନନ୍ଦିତ ହୋଇଥିଲେ । ବିଳାତ ସଙ୍ଗରେ ପ୍ରତିଯୋଗିତାରେ ପ୍ରଶଂସା ପାଇବା ସାମାନ୍ୟ କଥା ନୁହେ । ଆଶା କରୁଅଛୁ ଏଣିକି ଏ ଦେଶରେ ଚୀନ ଆତସବାଜିର ଅଧିକ ଆଦର ହେବ ।

---

ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନର ଗୋଟିଏ ବିଧାନ ଏହିକି—ସ୍ଥିତିବାନ୍ ପ୍ରଜା ନିଜଗ୍ରାମରେ ଯେଉଁ ନୂତନ ଜମି ଧରିବ ତହିଁରେ ତାହାର ଦଖଲି ସ୍ୱତ୍ୱ ହେବ । ଏଥିରୁ ନାଲହଟ ରେଲୱେ କମ୍ପାନି, ଜିଲ୍ଲା ବୋର୍ଡ ଏବଂ ଅପରାପର ସାଧାରଣ ସମିତିମାନଙ୍କରେ ଯେ ସମସ୍ତ ପଡ଼ିଆ ବା ଅନାବାଦ ଜମି ଅଛି ସେମାନେ ତାହା କୌଣସି ପ୍ରଜାଙ୍କୁ ପଟ୍ଟା ଦେଇପାରୁ ନାହାନ୍ତି କାରଣ ରାଇୟତଙ୍କୁ ବନ୍ଦୋବସ୍ତ ସକାଶେ ପଟ୍ଟା ଦେଲେ ସେ ଚିରକାଳ ଭୋଗ କରିବାର ସ୍ୱତ୍ୱବାନ୍ ହେବ ଏବଂ ଭୂସ୍ୱାମିର ଆଉ କିଛି ଅଧିକାର ରହିବ ନାହିଁ । ଏ ବିଷୟ ରେଭେନ୍ୟୁ ବୋର୍ଡଙ୍କର ବିବେଚନାଧୀନରେ ଅଛି । ମାତ୍ର ରେଭେନ୍ୟୁ ବୋର୍ଡ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି କି ସମ୍ପ୍ରତି କୌଣସି ବିଶେଷ ଆଇନ କରିବାର ଆବଶ୍ୟକ ନାହିଁ ; ଯେତେବେଳେ ପ୍ରଜାସ୍ୱତ୍ୱ ଆଇନ ସଂଶୋଧନ କରିବା ପ୍ରସଙ୍ଗ ଉପସ୍ଥିତ ହେବ ସେତେବେଳେ ଏଥିର ବିଚାର ହେବ । ପ୍ରଜାସ୍ୱତ୍ୱ ଆଇନରେ ସରକାର ପ୍ରଜାର ହିତକୁ ଅତିରିକ୍ତ [illegible] ଜମିଦାରଙ୍କର ଯେ ସବୁ ଅସୁବିଧା ଓ କ୍ଷତି ଘଟାଇ ଅଛନ୍ତି ଏହା ତହିଁର ଗୋଟିଏ ଉଦାହରଣ ଅଟେ ।

---

ବଙ୍ଗଦେଶର ଭଲ୨ ଛାତ୍ରର ଶିକ୍ଷା, ଚିକିତ୍ସା ପ୍ରଭୃତି ଦାନ ସମ୍ବନ୍ଧୀୟ ଏବଂ ସରକାର କର୍ମଚାରୀଙ୍କ ନାମିକ ସ୍ୱରୂପ ଯେ ସମସ୍ତ ଟଙ୍କା ସରକାରରେ ଗତ ଡିସେମ୍ବର ମାସ ତା ୩୧ ରିଖରେ ଜମା ଥିଲା ତହିଁର ତାଲିକା ଗତ ତା ୨୮ ରିଖର କଲିକତା ଗେଜେଟରେ ବାହାରିଅଛି । ତହିଁରେ ଦେଖିଲୁଁ ଯେ ଏଠା ଜେନେରାଲ ହାସପାତାଲର ଅସ୍ତ୍ର ନିମନ୍ତେ ଗୋଟିଏ ପାଣ୍ଠି ସ୍ଥାପିତ ହୋଇ ତହିଁରେ ଟ ୯୦୦୧ ଙ୍କା ଜମା ଅଛି । ଡାକ୍ତରୀ ଅସ୍ତ୍ରମାନ ବ୍ୟବହାରଦ୍ୱାରା କ୍ଷୟ ହୁଅଇ ଏବଂ ନୂତନ ଅସ୍ତ୍ର ଆଣିବାର ପ୍ରତିବର୍ଷ ଆବଶ୍ୟକ ହୁଅଇ । ହାସପାତାଲର ନିଯୁମିତ ବ୍ୟୟରୁ ସେ ଟଙ୍କା ଯୋଗାଇବାର ଉପାୟ ନାହିଁ । ବିଶେଷତଃ ବର୍ତ୍ତମାନ ଏଠାରେ ଅସ୍ତ୍ରଚିକିତ୍ସା ବହୁତ ପରିମାଣରେ ହେଉଅଛି ଏବଂ ଓଡ଼ିଶାର ନାନା ସ୍ଥାନର ରୋଗୀ ଏଠାକୁ ଆସୁଅଛନ୍ତି । କାରଣ ବଡ଼୨ ଅସ୍ତ୍ରଚିକିତ୍ସାର ସୁବିଧା ଓଡ଼ିଶାର ଅନ୍ୟ କୌଣସିଠାରେ ନାହିଁ । ଅତଏବ ଏ ପାଣ୍ଠିରେ ଅଧିକ ଟଙ୍କା ଜମା ହେବା ଆବଶ୍ୟକ ଏବଂ ଉତ୍କଳର ବଦାନ୍ୟବ୍ୟକ୍ତିମାନଙ୍କୁ, ଏଥିର ସାହାଯ୍ୟ କାରଣ ବିଶେଷ ଅନୁରୋଧ କରୁଅଛୁଁ ।

---

Digitized by srujanika@gmail.com

କଲିକତାରୁ ଏକ ବ୍ୟକ୍ତି ଲେଖିଅଛନ୍ତି କି ଭଦ୍ରକ ସବଡିଭିଜନ ଅନ୍ତର୍ଗତ ଏଉତଲ ନିବାସୀ ବାବୁ ଯଜ୍ଞେଶ୍ୱର ମହାପାତ୍ର କଲିକତା ଖିଦିରପୁରରେ ଅନେକ ଦିନରୁ ବାସ କରି ନାନା ବ୍ୟବସାୟ ଉତ୍ତମରୂପେ ଚଳାଇ ଆପଣା ଅବସ୍ଥାର ଏପରି ଉନ୍ନତି କରିଅଛନ୍ତି ଯେ ନିଜର ଯୋଡ଼ିଘୋଡ଼ାଗାଡ଼ିରେ ଗତାୟାତ କରନ୍ତି । ଦିଲ୍ଲୀ ଦରବାରକୁ ଯିବା କାଳରେ ମୟୂରଭଞ୍ଜର ମହାରାଜା ଏବଂ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ଯେତେବେଳେ କଲିକତାରେ ଥିଲେ ମହାପାତ୍ର ମହାଶୟ ସେମାନଙ୍କର ଯଥୋଚିତ ଆଦର ଅଭ୍ୟର୍ଥନା କରିଥିଲେ । ଏ କଥା ଶୁଣି ଉତ୍କଳବାସିମାନେ ଅବଶ୍ୟ ଆନନ୍ଦିତ ହେବେ ଏବଂ ଯେଉଁମାନେ ମନେ କରନ୍ତି କି ଓଡ଼ିଆମାନେ କେବଳ କଲିକତାରେ ମୂଲିଆ ମଜୁରି ବା ମାଳି ଭଣ୍ଡାରି ପ୍ରଭୃତି ଦାସତ୍ୱ ଗ୍ରହଣ କରନ୍ତି ସେମାନଙ୍କର ଭ୍ରମ ଭାଙ୍ଗିଯିବ । ଦୁଃଖର ବିଷୟ ଯେ ଲେଖାପଢ଼ା ଗୁଣର ବା ବାଣିଜ୍ୟ ବ୍ୟବସାୟ ନିମନ୍ତେ ଓଡ଼ିଶାରୁ ଅଧିକ ଲୋକ କଲିକତାକୁ ଯାଉ ନାହାନ୍ତି । ପ୍ରଥମରେ କଷ୍ଟ ସ୍ୱୀକାରପୂର୍ବକ ଯତ୍ନ ଓ ଚେଷ୍ଟା ନ କଲେ ଭଲ ଅବସ୍ଥା ଲଭିବାର ଅଳ୍ପ ସମ୍ଭାବନା ।

---

ବିଲାତରେ କନଟରେ ଗୋଟିଏ ଛାଡ଼ପତ୍ର ମାମଲା ହୋଇଥିଲା ଯେ, ତହିଁରେ ଉଭୟ ପକ୍ଷର ଖର୍ଚ୍ଚ ଦୁଇ ଲକ୍ଷ ପଚିଶ ସହସ୍ର ଟଙ୍କା ହୋଇଥିଲା । ବାଦୀ ଜଣେ ଧର୍ମ ଲାଟ ଅଟନ୍ତି । ସେ ଆପଣାର ମେମ ଓ ଅନ୍ୟ ଜଣେ ଲାଟଙ୍କୁ ପ୍ରତିବାଦୀ କରି ସେ ଦୁହିଁଙ୍କର ପାପାଲାପ ହେତୁ ମେମଙ୍କୁ ଛାଡ଼ପତ୍ର ଦେବା ଓ ଲାଟ ପ୍ରତିବାଦୀଠାରୁ ଖେସାରତ ପାଇବାର ପ୍ରାର୍ଥନା କରିଥିଲେ । ଲାଟପତ୍ନୀ ବ୍ୟଭିଚାର ଅସ୍ୱୀକାର କରି ଉଲଟି ଆପଣା ସ୍ୱାମି ନାମରେ ମାରପିଟ ଆଦି ନିଷ୍ଠୁରତାର ଅଭିଯୋଗ କରିଥିଲେ । ଏ ମାମଲାରେ ସାକ୍ଷୀ ଗ୍ରହଣ ଓ ତର୍କ ବିତର୍କରେ ହି ୧୩ ଦିନ କାଳ ଲାଗିଲା ଓ ପ୍ରତିଦିନ ବିଚାରାଳୟ ଦର୍ଶକମଣ୍ଡଳୀରେ ପୂର୍ଣ୍ଣ ହେଉଥିଲା । ଜୁରି ଉଭୟ ପକ୍ଷର ଅଭିଯୋଗ ଅପ୍ରମାଣ ହେବାର ମତ ପ୍ରକାଶ କରିବାରୁ ଜଜ ସାହେବ ଛାଡ଼ପତ୍ର ଅଗ୍ରାହ୍ୟ କରି ବାଦୀ ଓ ତାଙ୍କ ମେମ ବିବାହବନ୍ଧନଯୁକ୍ତ ରହିବାର ଆଜ୍ଞା ପ୍ରଦାନ କଲେ । ସେତେବେଳେ ଦର୍ଶକମାନଙ୍କର ହାସ୍ୟାର୍ଣ୍ଣବ ଉଚ୍ଛୁଳିତ ହେଲା କାରଣ ଉଭୟ ପକ୍ଷ ଅକାରଣେ ମାମଲାରେ ମାତ୍ର ଲକ୍ଷ ଲକ୍ଷ ଟଙ୍କା ଅନର୍ଥକ ଉଡ଼ାଇଦେଲେ । ମାମଲାର ବାଇ ଯେ କେବଳ ଏହି ଦେଶରେ, ଏମନ୍ତ ନୁହେ, ସଭ୍ୟତମ ଦେଶରେ ମଧ୍ୟ ଦେଖାଯାଏ । ମାମଲାରେ ଲୋକଙ୍କର କେତେ ଅର୍ଥ ବ୍ୟୟ ହେଉଅଛି ! କେତେ ଉଚ୍ଛନ୍ନ ହେଉଅଛନ୍ତି ! ମାମଲାର କି ମୋହିନୀ ଶକ୍ତି !

---

ସ୍ଥାନାନ୍ତରେ ପ୍ରକାଶିତ ପଣ୍ଡିତ ଶ୍ରୀମାର୍କଣ୍ଡେୟ ତର୍କପଞ୍ଚାନନଙ୍କ ପତ୍ର ପ୍ରତି ପାଠକମାନଙ୍କର ବିଶେଷତଃ ହିନ୍ଦୁ ସଙ୍ଗତିପନ୍ନ ବ୍ୟକ୍ତିମାନଙ୍କର ଦୃଷ୍ଟି ପ୍ରାର୍ଥନା କରୁଅଛୁଁ । ତୀର୍ଥ କାମନାରେ ପୁରୀକୁ ଯାଇ କେବଳ ମହାପ୍ରଭୁଙ୍କ ଦର୍ଶନ କରି ଫେରିଆସିବା ଯଥେଷ୍ଟ ନୁହେ । ସେବକ ପଣ୍ଡିତ ଦରିଦ୍ରଙ୍କର ଯଥାବିଧି ସତ୍କାର କରିବା ଅବଶ୍ୟ କର୍ତ୍ତବ୍ୟ ଅଟେ । କାରଣ ବଡ଼ଲୋକଙ୍କଠାରେ ସମସ୍ତଙ୍କର ଆଶା ତହିଁ ମଧ୍ୟରେ ପଣ୍ଡା ଓ ଦରିଦ୍ରମାନେ ଷୋଳ ଅଣା ବା ଅଧିକ କହିଲେ ପ୍ରାୟ ସକଳ ଯାତ୍ରିଙ୍କଠାରୁ ପ୍ରାପ୍ତ ହୁଅନ୍ତି । ମାତ୍ର ପଣ୍ଡିତମାନଙ୍କର ସତ୍କାର ଅତି ବିରଳ ଏବଂ ସେହି କାରଣରୁ ପଣ୍ଡିତକୁଳ ଲୋପ ହେବାର ଉପକ୍ରମ ହୋଇଅଛି । ବହୁ ପରିଶ୍ରମରେ କଠିନ ସଂସ୍କୃତ ବିଦ୍ୟା ପାଠ କରି ଯେବେ ଖାଇବାର ସଂସ୍ଥାନ ନ ହେଲା ତେବେ ପଣ୍ଡିତ ହେବାପାଇଁ କିଏ କେତେ ଶ୍ରମ କରିବ ? ପଣ୍ଡିତସମାଜ ହେତୁ ମୁକ୍ତିମଣ୍ଡପର ଯେଉଁ ସୁଖ୍ୟାତି ପୂର୍ବେ ଥିଲା ତାହା ଏବେ କାହିଁ ? ବଙ୍ଗଦେଶରେ ସଙ୍ଗତିପନ୍ନ ବ୍ୟକ୍ତିମାନେ କ୍ରିୟା କଳାପ ଉପଲକ୍ଷରେ ପଣ୍ଡିତମାନଙ୍କର ଯଥାସାଧ୍ୟ ସତ୍କାର କରନ୍ତି ବୋଲି ସେଠାରେ ପଣ୍ଡିତ ବ୍ୟବସାୟ ଜାଗ୍ରତ ରହିଅଛି । ଓଡ଼ିଶାରେ ସେ ପ୍ରଥା ପ୍ରାୟ ନାହିଁ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଉତ୍କଳର ପ୍ରଧାନ ତୀର୍ଥ ଶ୍ରୀକ୍ଷେତ୍ରରେ ଯେବେ ଯାତ୍ରିମାନେ ପୂର୍ବପରି ପଣ୍ଡିତମାନଙ୍କର ସମାଦର କରିବେ ତେବେ ସଂସ୍କୃତ ପଢ଼ି ପଣ୍ଡିତ ହେବାକୁ ଅନେକ ବ୍ରାହ୍ମଣ ଇଚ୍ଛାନ୍ୱିତ ହେବେ ଏବଂ ତଦ୍ଦ୍ୱାରା ଯାତ୍ରିମାନଙ୍କର ତୀର୍ଥ କରିବାର ଫଳ ଅଧିକ ହେବ । ଶାସ୍ତ୍ରଜ୍ଞ ପଣ୍ଡିତମାନେ ହିନ୍ଦୁଧର୍ମରକ୍ଷକ ଓ ପ୍ରଚାରକ ଅଟନ୍ତି । ଅତଏବ ସେମାନଙ୍କର ସମାଦର କରିବା ସମସ୍ତ ହିନ୍ଦୁଙ୍କର କର୍ତ୍ତବ୍ୟ ହେଉଅଛି ।

---

ସମ୍ପ୍ରତି ଇଂଲଣ୍ଡର କେତେ [illegible] ଲୋକ କଲିକତାକୁ ଭ୍ରମଣାର୍ଥେ ଆସିଅଛନ୍ତି । ମହାରାଜକୁମାର ପ୍ରଦ୍ୟୋତକୁମାର ଠାକୁର ସମ୍ରାଟଙ୍କର ମୁକୁଟୋତ୍ସବ ଉପଲକ୍ଷରେ ଗତ ଗ୍ରୀଷ୍ମକାଳରେ ବିଲାତରେ ଅବସ୍ଥାନ କରୁଥିବା କାଳରେ ସେମାନଙ୍କ ସହିତ ଆଳାପ ପରିଚୟ ହୋଇଥିଲା । ସୁତରାଂ ସେମାନଙ୍କର ସମାଦର ନିମନ୍ତେ ମହାରାଜକୁମାର କଲିକତାର ଠାକୁରପ୍ରାସାଦ ନାମକ ଭବନରେ ଗୋଟିଏ ଭୋଜି ଦେଇଥିଲେ । ଏହି ଉପଲକ୍ଷରେ ପ୍ରାସାଦଟି ପୁଷ୍ପ ପତାକାଦିଦ୍ୱାରା ମନୋହରରୂପେ ସୁସଜ୍ଜିତ ଏବଂ ଅପାର ବୈଦ୍ୟୁତିକ ଆଲୋକମାଳାରେ ସୁରଞ୍ଜିତ ହୋଇଥିଲା । ଯଥା ସମୟରେ ବିଖ୍ୟାତ ଆମନ୍ତ୍ରିତ ବ୍ୟକ୍ତିମାନେ ଉପସ୍ଥିତ ହୁଅନ୍ତେ ମହାରାଜକୁମାର ଫାଟକଠାରୁ ସେମାନଙ୍କୁ ଅଭ୍ୟର୍ଥନା କରି ପ୍ରାସାଦର ଏକ ସ୍ଥାନରେ ବସାଇଲେ ଏବଂ ଭୋଜନ ଶେଷ ହେଲା ଉତ୍ତାରୁ ପ୍ରାସାଦର ଅନ୍ୟ ଏକ ସ୍ଥାନକୁ ନେଇଗଲେ । ସେଠାରେ ତାହାଙ୍କର ଆମନ୍ତ୍ରଣମତେ ଅନେକ ଏ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତି ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଙ୍କର ନାମ ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ପରସ୍ପର ଆଳାପ ପରିଚୟ ଓ କଥାବାର୍ତ୍ତା ଏବଂ ବାଇନାଚ; ବାଳୁକ ସୀତାର ଓ ନସ୍ତରଙ୍ଗ ବାଦ୍ୟାଦି ଦର୍ଶନ ଓ ଶ୍ରବଣରେ କେତେକ ଘଣ୍ଟା ଆମୋଦ ପ୍ରମୋଦ କରି ଏବଂ ନାଚ ଓ ବାଦ୍ୟରେ ବଡ଼ ଆନନ୍ଦିତ ହୋଇ ଅନେକ ରାତ୍ରରେ ବିଦାୟ ହୋଇଗଲେ । ଏହି ସମ୍ମିଳନ ଅତ୍ୟନ୍ତ ପ୍ରୀତିକର ହୋଇଥିଲା ଏବଂ ସମୟେ ସମୟେ ଏପରି ହେଉଥିଲେ ବିଲାତ ଓ ଦେଶୀୟ ଭଦ୍ରଲୋକଙ୍କ ମଧ୍ୟରେ ସୁହୃଦଭାବ ବଢ଼ିବାର ଆଶା ହୁଅଇ ।

---

ମଧ୍ୟପ୍ରଦେଶର ପୂର୍ବ ଚିଫ କମିଶନର ଓ ବର୍ତ୍ତମାନ ପୁଲିଶକମିଶନର ସଭାପତି ସର ଫ୍ରେଜର ସାହେବ ନାନାସ୍ଥାନ ଭ୍ରମଣ କରି ପୁଲିସ ଅନୁସନ୍ଧାନ କରୁଅଛନ୍ତି । ଏଥି ମଧ୍ୟରେ ସେ ଉତ୍ତରପଶ୍ଚିମରୁ କଲିକତାକୁ ଆସିବା ବେଳେ ନାଗପୁରଠାରେ ସେଠାର ମିଉନିସିପାଲ କମିଶନରମାନେ ତାହାଙ୍କୁ ଏକ ଅଭିନନ୍ଦନପତ୍ରଦ୍ୱାରା ସମ୍ମାନ କରିଥିଲେ । ତହିଁର ଉତ୍ତରରେ ସର ଫ୍ରେଜର ମହୋଦୟ ଅନ୍ୟାନ୍ୟ କଥା ମଧ୍ୟରେ କହିଥିଲେ କି ମଧ୍ୟପ୍ରଦେଶର ଶାସନ କାର୍ଯ୍ୟରେ ସେ ସଫଳତା ଲାଭ କରିବାର ପ୍ରଧାନ କାରଣ ଏହି କି ଦେଶୀୟ ଅଧୀନସ୍ଥ କର୍ମଚାରୀମାନେ ନିଜ ନିଜର ଇଉରୋପୀୟ ଉପରସ୍ଥ କର୍ମଚାରୀମାନଙ୍କୁ ଏବଂ ତାହାଙ୍କୁ ସରଳଭାବରେ ଯଥାସାଧ୍ୟ ସକଳ ସମ୍ବାଦ ଦେଉଥିଲେ ଏବଂ ସାହାଯ୍ୟ କରିଥିଲେ ଏବଂ ବେସରକାରୀ ଭଦ୍ରଲୋକଙ୍କ ମଧ୍ୟରେ ଶ୍ରୀଯୁକ୍ତ ଚିଟନବିସ ଓ ମାନ୍ୟବର ବି, କେ ବୋଷ ଏବଂ ସେମାନଙ୍କ ପରି ଅନ୍ୟମାନେ ତାହାଙ୍କ କାର୍ଯ୍ୟରେ ହୃଦୟର ସହିତ ଯୋଗଦାନ କରୁଥିଲେ ଏବଂ ପରସ୍ପର ମଧ୍ୟରେ ଏକାନ୍ତ ବିଶ୍ୱାସ ଓ ଆସ୍ଥା ଥିଲା । ଦେଶୀୟ ଭଦ୍ରଲୋକଙ୍କଠାରୁ ଶାସନ କାର୍ଯ୍ୟରେ ସାହାଯ୍ୟ ପାଇବା କଥା ଶାସନକର୍ତ୍ତାମାନଙ୍କ ମୁଖରୁ ଶୁଣିବା ବିରଳ । ଫ୍ରେଜର ସାହେବ

Split by PDF Splitter
Digitized by srujanika@gmail.com

Split by PDF Splitter



ମୁକ୍ତକଣ୍ଠରେ ତାହା ସ୍ୱୀକାର କରି ରାଜ୍ୟ ମହତ୍ତ୍ୱର ପରିଚୟ ଦେଇଅଛନ୍ତି ଏବଂ ତାହାଙ୍କୁ ସମ୍ପୂର୍ଣ୍ଣ ଆଶା ହେଉଅଛି ଯେ କେତେକମାସ ଉତ୍ତାରୁ ସେ ବଙ୍ଗଦେଶର ଶାସନଭାର ଗ୍ରହଣ କରି ଏଠା ଲୋକଙ୍କ ସହିତ ସେହିପରି ବ୍ୟବହାର କରିବେ । ଉକ୍ତ ବକ୍ତୃତାର ଶେଷରେ ସେ କହିଅଛନ୍ତି କି ମଧ୍ୟପ୍ରଦେଶର ଉପରଲିଖିତ ବନ୍ଧୁମାନଙ୍କ ସହିତ ସେ କାର୍ଯ୍ୟ କରି ଯେମନ୍ତ ସୁଖୀ ହୋଇଅଛନ୍ତି ଅବଶିଷ୍ଟ ଚାକିରୀ କାଳରେ ଯେଉଁଠାରେ ସେ କାର୍ଯ୍ୟ କରିବେ ସେଠାରେ ମଧ୍ୟ ସେହିପରି ସୁଖୀ ହେବାର ଆଶା କରନ୍ତି । ସର ଫ୍ରେଜର ସାହେବଙ୍କ ମୁଖରୁ ଏ କଥା ଶୁଣି ଆମ୍ଭମାନଙ୍କର ଆଶା ଅଧିକତର ବଢ଼ିଅଛି । କେତେକମାସ ଉତ୍ତାରୁ ସେ ବଙ୍ଗର ଲେଫ୍ଟେନାଣ୍ଟଙ୍କ ଗାଦିରେ ବସି ଆମ୍ଭମାନଙ୍କର ଶାସନକର୍ତ୍ତା ହେବେ ଏବଂ ତାହାଙ୍କଦ୍ୱାରା ଅନେକ ମଙ୍ଗଳ ହେବ । ବାସ୍ତବରେ ଯେଉଁ ଶାସନକର୍ତ୍ତା ଦେଶୀୟ ଯୋଗ୍ୟ ଲୋକଙ୍କୁ ଚିହ୍ନି ପାରନ୍ତି ଏବଂ ସେମାନଙ୍କଠାରୁ ପ୍ରକୃତ ସମ୍ବାଦ ଅବଗତ ହୋଇ ସୁପରାମର୍ଶରେ କାର୍ଯ୍ୟ କରିବାକୁ ଯତ୍ନବାନ ହୁଅନ୍ତି ତାହାଙ୍କର ଶାସନ ଅବଶ୍ୟ ସୁଫଳପ୍ରଦ ।

---

ଏ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ କାଜପୁର ଅପର ପ୍ରାଇମେରୀ ସ୍କୁଲର ପ୍ରଥମ ଶିକ୍ଷକ ଲେଖିଅଛନ୍ତି କି କାଜପୁର ମେଟ୍ରକାଫ ସ୍କୁଲର କେତେ ଜଣ ଛାତ୍ରାବଧାରକଙ୍କ ଆମନ୍ତ୍ରଣମତେ ଏ ଜିଲ୍ଲା କଲେକ୍ଟର ସାହେବ ଗତ ମାସ ତା ୧୩ ରଖ ପୂର୍ବାହ୍ନରେ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସାହେବ ମହୋଦୟଙ୍କ ସମ୍ମାନାର୍ଥେ ବିଦ୍ୟାଳୟଟି ଯଥୋଚିତମତେ ସୁସଜ୍ଜିତ ହୋଇଥିଲା ଏବଂ ପ୍ରାୟ ଶତାଧିକ ଭଦ୍ର ବ୍ୟକ୍ତି ଏକତ୍ରିତ ହୋଇଥିଲେ । ସାହେବ ମହୋଦୟଙ୍କୁ ଯେଉଁ ଅଭିନନ୍ଦନପତ୍ର ସେହି ସଭାରେ ପ୍ରଦତ୍ତ ହୋଇଥିଲା ତହିଁରେ ଦୁଇଟି ପ୍ରାର୍ଥନା ଥିଲା । ଯଥା (୧) ନାନା କାରଣରୁ କେତେକ ବର୍ଷ ହେଲା ସ୍କୁଲର ଦୁରବସ୍ଥା ଘଟିବାରୁ ସରକାରୀ ସାହାଯ୍ୟ ଟ ୩୭ ୯ ପା ଥିବା ସ୍ଥଳେ ଟ ୨୭୯ ପା ଲେଖାଏଁ ଦିଆଯାଉଅଛି । ଏଥିରୁ ଗତ ବ ୩ ବର୍ଷର ପରୀକ୍ଷାଫଳ କ୍ରମାଗତ ଭଲ ହୋଇ ଉନ୍ନତିର ପରିଚୟ ଦେଉଅଛି । ଅତଏବ ସେହି ସାହାଯ୍ୟର ପୁନର୍ବୃଦ୍ଧି କରିବା । (୨) କାଜପୁର ସେ ଅଞ୍ଚଳର କେନ୍ଦ୍ରସ୍ଥଳ ହେବା ପ୍ରତ୍ୟକ୍ଷେ ସେଠାରେ ଜଣେ ମାତ୍ର ଭଲ ବୈଦ୍ୟ ନ ଥିବାରୁ ସେଠାର ଏବଂ ଚତୁଃପାର୍ଶ୍ୱସ୍ଥ ଗ୍ରାମବାସିଙ୍କର ଚିକିତ୍ସା ଲାଭର କୌଣସି ଉପାୟ ନାହିଁ । ଅତଏବ ସେଠାରେ ଚିକିତ୍ସା ଔଷଧାଳୟ ନାମରେ ଗୋଟିଏ ଡାକ୍ତରଖାନା ସ୍ଥାପନ କରିବା । ସାହେବ ମହୋଦୟ ଅଭିନନ୍ଦନପତ୍ର ଗ୍ରହଣ ଉତ୍ତାରୁ ଉପସ୍ଥିତ ଭଦ୍ର ଲୋକଙ୍କ ସହିତ ବାଳାପ ଓ ଉପରଲିଖିତ ଉଭୟ ପ୍ରାର୍ଥନା ସମ୍ବନ୍ଧରେ କେତେକ କଥୋପକଥନ ଓ ପୁଷ୍ପମାଳା ଅତର ଓ ପାନ ଗ୍ରହଣ କରି ଅନନ୍ତରେ ପ୍ରସ୍ଥାନ କଲେ । ସାହେବ ମହୋଦୟ ଯାହା ବିଚାର କରିବେ ତାହା ଯଥାକାଳରେ ଜଣା ପଡ଼ିବ । ଫଳତଃ ସେମାନଙ୍କର ଆଶା ସଫଳ ହେଉ ବା ନ ହେଉ କିନ୍ତୁ ହାକିମ ମୋଫସଲର ଗସ୍ତ ସମୟରେ ସେ ଯେବେଳେ ଯେଉଁ ଅଞ୍ଚଳରେ ଛାଉଣିମାନ ହେବେ ସେ ଅଞ୍ଚଳର ଗ୍ରାମବାସିମାନେ ସମବେତ ହୋଇ କାଜପୁର ସ୍କୁଲ ଛାତ୍ରାବଧାରକଙ୍କ ଅନୁରୋଧରେ ଆପଣା ଅବସ୍ଥା ଓ ଅଭାବମାନ ତାହାଙ୍କୁ ଜଣାଇଲେ ଅବଶ୍ୟ ମଙ୍ଗଳ ହେବ । ପୂର୍ବେ ହାକିମମାନେ ମୋଫସଲ ଗସ୍ତ ବେଳେ ସ୍ୱୟଂ ଗ୍ରାମ ବୁଲି ଲୋକଙ୍କର ଅବସ୍ଥା ଓ ଅଭାବ ଅନୁସନ୍ଧାନ କରୁଥିଲେ ଓ ସୁବିଧା ଶୁଣି ଚେତେ ଦଳ ରଙ୍କି ଦେଉଥିଲେ ଏବେ ହାକିମମାନଙ୍କର ଗସ୍ତ ଭିନ୍ନପ୍ରକାର ହୋଇଅଛି । ସେମାନେ ଥାନା, ଫାଣ୍ଡି, ଡାକଗୋଇ ଘର, କାଞ୍ଜିହାଉସ୍ ପ୍ରଭୃତି ପରିଦର୍ଶନ କରିବା ଯଥେଷ୍ଟ ମନେ କରନ୍ତି । ସୁତରାଂ ଲୋକେ ତାହାଙ୍କୁ ଆମନ୍ତ୍ରଣ କରି ଅବସ୍ଥା ଜଣାଇବା ଭିନ୍ନ ଆଉ କି ଉପାୟ ଅଛି ?

---

### ଦରବାରପଦକ ଓ ଇତିହାସ ।

ଦିଲ୍ଲୀର ମହାଦରବାର ଶେଷ ହୋଇଗଲା । ସେ ସମ୍ବନ୍ଧରେ ଦୁଇଟି ସରକାରୀ କାର୍ଯ୍ୟ ବାକି ଅଛି । ଯଥା—ସମ୍ରାଟଙ୍କର ମୁକୁଟୋତ୍ସବ-ସ୍ମରଣାର୍ଥ ପଦକ ବିତରଣ ଏବଂ ଦରବାରର ଇତିହାସ ସଙ୍କଳନ । ପଦକମାନ ସମ୍ରାଟଙ୍କ ଆଦେଶରେ ପ୍ରସ୍ତୁତ ହୋଇଅଛି । ଅଳ୍ପକାଳରେ ସେ ସମସ୍ତ ବଣ୍ଟାଯିବ । ତାଲିକା ପ୍ରସ୍ତୁତ ହେଉଅଛି । ଦେଶୀୟରାଜ୍ୟର ଶାସନକର୍ତ୍ତା ରାଜାମାନଙ୍କ ମଧ୍ୟରୁ ଯେଉଁମାନେ ଦିଲ୍ଲୀଦରବାରରେ ଉପସ୍ଥିତ ହୋଇଥିଲେ ସେମାନଙ୍କୁ ଏବଂ ଅଳ୍ପ ସଂଖ୍ୟକ ବିଦେଶୀୟ ରାଜପ୍ରତିନିଧି ଏବଂ ଉଚ୍ଚ ରାଜକର୍ମଚାରୀମାନଙ୍କୁ ସୁବର୍ଣ୍ଣପଦକ ଦିଆଯିବ । ବ୍ରିଟିସ ପ୍ରଜାମାନଙ୍କୁ ଏ ପଦକ ଦିଆଯିବ ନାହିଁ । ସେମାନଙ୍କ ସକାଶେ ପ୍ରାୟ ଦୁଇସହସ୍ର ରୌପ୍ୟପଦକ ପ୍ରସ୍ତୁତ ହୋଇଅଛି । ଇଉରୋପୀୟ ଏବଂ ଦେଶୀୟ ଉଭୟ ଶ୍ରେଣୀର ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁମାନେ ଦିଲ୍ଲୀଦରବାର ସମ୍ପର୍କରେ ଚିହ୍ନିତ କାର୍ଯ୍ୟ କରିଅଛନ୍ତି ସେମାନେ ତାହା ପାଇବେ । ବିଲାତରେ ମୁକୁଟୋତ୍ସବ-ପଦକ ଧାରଣ କରିବା ରୀତିରେ ଏହି ପଦକମାନ ଧାରଣ କରିବାକୁ ହେବ ।

ଦରବାରର ସରକାରୀ ଇତିହାସ ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଏହି ବ୍ୟବସ୍ଥା କରିଅଛନ୍ତି କି ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଆଦେଶାନୁସାରେ ଶ୍ରୀଯୁକ୍ତ ଷ୍ଟିଫେନହୁଇଲର ସାହେବ ସେହି ଇତିହାସ ରଚନା କରିବେ ଏବଂ ଲଣ୍ଡନ ନଗରରେ ଅତି ଶୀଘ୍ର ତାହା ପ୍ରକାଶିତ ହେବ । ତହିଁରେ ଦରବାର ଓ ତତ୍ସଂକ୍ରାନ୍ତ ସମସ୍ତ ଉତ୍ସବ ସୈନ୍ୟପରେଡ଼ ଇତ୍ୟାଦି ବର୍ଣ୍ଣିତ ହେବ । ଏହି ପୁସ୍ତକର କଲେବର ରଏଲ ଚତୁର୍ଥାଂଶ ପୃ ୧୭୫ ଖ୍ରୀ ଠାରୁ ପୃ ୨୦୦ ଖ୍ରୀ ମଧ୍ୟରେ ହେବ ଓ ତହିଁରେ ଅନେକ ଚିତ୍ର ଦିଆଯିବ । ଦରବାରରେ ଯୋଗ ଦେଇଥିବା ରାଜା ଓ ଅନ୍ୟାନ୍ୟ ଆମନ୍ତ୍ରିତ ବ୍ୟକ୍ତିଙ୍କର ତାଲିକା ଏବଂ ପ୍ରଧାନ ରାଜାମାନଙ୍କର ଜୀବନୀ, ରାଜ୍ୟର ବିବରଣ ଇତ୍ୟାଦି ସନ୍ନିବିଷ୍ଟ ହେବ । ଏହାଛଡ଼ା ଭାରତର ଅନ୍ୟାନ୍ୟ ସ୍ଥାନର ଉତ୍ସବର ମଧ୍ୟ ସଂକ୍ଷେପ ଉଲ୍ଲେଖ ହେବ । ଏ ପୁସ୍ତକର ମୂଲ୍ୟ ଜନସାଧାରଣଙ୍କ ସକାଶେ ପ୍ରତିଖଣ୍ଡ ତିନିଗିନି ଅର୍ଥାତ୍ ଟ ୪୫ ଏବଂ ବୃହତ୍ ରାଜ ସଂସ୍କରଣ ଅନୁଷ୍ଠ ବନ୍ଧାଇ ପୂର୍ବରୁ ଗ୍ରାହକ ହେବ ବ୍ୟକ୍ତିଙ୍କ ସକାଶେ ପ୍ରତିଖଣ୍ଡ ଟ ୧୫୭ । ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଛାପା ଫାରମରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ସେକ୍ରେଟରୀ ଅଥବା କଲିକତା ସରକାରୀ ଛାପାଖାନାର ସୁପରିଣ୍ଟେଣ୍ଡେଣ୍ଟ ଅଥବା ଥାକର କମ୍ପାନି କଲିକତା ବା ଥାଙ୍କ, ଥାଙ୍କ କମ୍ପାନି ବମ୍ବେଇରୁ ଆବେଦନ ପତ୍ର ପଠାଇବେ । ଗ୍ରାହକମାନଙ୍କର ନାମ ସେହି ଇତିହାସରେ ଛାପା ହେବ । ଅତଏବ ଦରବାର ସମ୍ବନ୍ଧରେ ବଡ଼ଲୋକମାନଙ୍କର ଏତେ ଖରଚ ଲାଗିଅଛି । ଏ ଟଙ୍କା ଅବଶ୍ୟ କଷ୍ଟକରୁ ଯିବ ।

---

### ମହାରାଜା ହୋଲକାରଙ୍କର ପଦତ୍ୟାଗ ।

ହୋଲକାର ରାଜ୍ୟ ମଧ୍ୟଭାରତର ଗୋଟିଏ ପ୍ରଧାନ ଦେଶୀୟ ରାଜ୍ୟ ଅଟେ । ତହିଁର ବର୍ତ୍ତମାନ ଅଧିପତି ମହାରାଜାଧିରାଜ ରାଜରାଜେଶ୍ୱର ଶ୍ରୀ ଶିବାଜୀରାଓ ହୋଲକାର ବାହାଦୁରଙ୍କର ରାଜତ୍ୱ ତ୍ୟାଗ ବିଷୟରେ ନିମ୍ନଲିଖିତ ସରକାରୀ ସମ୍ବାଦ ପ୍ରଚାରିତ ହୋଇଅଛି ଯଥା—

ଶାରୀରିକ ଅସୁସ୍ଥତା ନିବନ୍ଧନ ମହାରାଜା ହୋଲକାର ରାଜକାର୍ଯ୍ୟରୁ ଅବସର ନେବା କଥା ତା ୩୧ ରଖ ଜାନୁଆରୀରେ ଇନ୍ଦୋର ଦରବାରରେ ପ୍ରକାଶ କରିଥିଲେ ଏବଂ ଗତ ଅଗଷ୍ଟ ମାସରେ ସ୍ୱଇଚ୍ଛାରେ ସେହି କଥା ରେସିଡେଣ୍ଟ ସାହେବଙ୍କ ଯୋଗେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିଲେ । ତହିଁପୂର୍ବେ ମଧ୍ୟ କେତେଥର ସେହି କଥା ଜଣାଇଥିଲେ । ସେ ରାଜପଦରେ

Digitized by srujanika@gmail.com

ଇସ୍ତଫା ଦେଇ ନିଶ୍ଚିନ୍ତ ହୋଇ ଏକ ସ୍ଥାନରେ ରହିବାର ପ୍ରାର୍ଥନା କରିଥିଲେ । ଇଣ୍ଡିଆଗବର୍ଣ୍ଣମେଣ୍ଟ ବିଲାତସ୍ଥ ଭାରତୀୟ ସେକ୍ରେଟରୀଙ୍କ ଅନୁମୋଦନ କ୍ରମେ ମହାରାଜାଙ୍କର ସେହି ପ୍ରାର୍ଥନା ଗ୍ରହଣପୂର୍ବକ ତାହା କାର୍ଯ୍ୟରେ ପରିଣତ କରିବାର ସମୁଚିତ ବ୍ୟବସ୍ଥା କରୁଥିବା କାଳରେ ମହାରାଜା ଦିଲ୍ଲୀ ଦରବାରରେ ସ୍ୱୟଂ ଉପସ୍ଥିତ ହେବା କାରଣ ଇଚ୍ଛା କରି ସେ ପର୍ଯ୍ୟନ୍ତ ଉକ୍ତ ପ୍ରସ୍ତାବ ସ୍ଥଗିତ ରଖିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଏବଂ ତହିଁ ସଙ୍ଗେ ଲେଖିଲେ କି ଦରବାରରୁ ପ୍ରତ୍ୟାଗମନ କରି ନିଜ ରାଜଧାନୀ ଇନ୍ଦୋରଠାରେ ଦରବାରରେ ନିଜେ ଅବସର ନେବା କଥା ପ୍ରଚାର କରିବେ । ମହାମାନ୍ୟ ଗବର୍ଣ୍ଣରଜେନେରଲ ସେ ପ୍ରସ୍ତାବମାନଙ୍କରେ ସମ୍ମତ ହେଲେ ଏବଂ ମହାରାଜା ହିତୈଷୀମାନଙ୍କ ସହିତ ବିଚାର ପୂର୍ବକ ଦରବାରର ଦିନ ସ୍ୱୟଂ ଧାର୍ଯ୍ୟ କରି ସେହି ଦରବାରରେ ପଦତ୍ୟାଗ କରିଅଛନ୍ତି ଅତଃ ମହାରାଜା ବାରବାହା ନାମକ ସ୍ଥାନରେ ନିଜର ଆବାସ ନିମନ୍ତେ ଯେଉଁ ପ୍ରାସାଦ ନିର୍ମାଣ କରାଇଅଛନ୍ତି ସେହିଠାରେ ବାସ କରିବେ ଏବଂ ବାର୍ଷିକ ଚାରିଲକ୍ଷ ଟଙ୍କା ଖୋରାକ ନିଜ ରାଜ୍ୟରୁ ପାଇବେ । ଉକ୍ତ ପ୍ରାସାଦ ନର୍ମଦା ନଦୀ କୂଳରେ ନିର୍ମିତ ହୋଇଅଛି ଏବଂ ତାହା ଇନ୍ଦୋରଠାରୁ ମା ୫୦ ଇଲ ଅଟେ । ମହାରାଜାଙ୍କର ଏକମାତ୍ର ପୁତ୍ର ଓ ଉତ୍ତରାଧିକାରୀ ବର୍ତ୍ତମାନେ ରାଜ ଗାଦିରେ ବସିଅଛନ୍ତି । ତାହାଙ୍କର ନାବାଳଗି ଯାଇ ନାହିଁ । ରାଜକାର୍ଯ୍ୟ ନିର୍ବାହାର୍ଥେ ଯେଉଁ ସଭା ପୂର୍ବରୁ ଗଠିତ ହୋଇଅଛି ସେହି ସଭା ମନ୍ତ୍ରୀ ରାୟ ନାନକ ଚନ୍ଦ ସି, ଅଇ ଇ ସଭାପତିଙ୍କ ଅଧୀନରେ ସମସ୍ତ କାର୍ଯ୍ୟ ନିର୍ବାହ କରିବେ ।

ପୂର୍ବକାଳରେ ବୟୋଧିକରାଜା ସୁଯୋଗ୍ୟ ପୁତ୍ରକୁ ରାଜସିଂହାସନରେ ବସାଇ ଅବସର ନେବାର ପୁରାଣରେ କଥିତ ହୁଅଇ ମାତ୍ର ଏ କାଳରେ ତାହା ଦେଖା ନାହିଁ । ହୋଲକାର ମହାରାଜା ବୃଦ୍ଧ ହୋଇ ନାହାନ୍ତି ତମ୍ଭା ତାହାଙ୍କର ପୁତ୍ର ଯୋଗ୍ୟ ବୟସ ପ୍ରାପ୍ତ ହୋଇ ନାହାନ୍ତି । ଏସ୍ଥଳେ ମହାରାଜା ସ୍ୱେଚ୍ଛାରେ ରାଜତ୍ୱ ତ୍ୟାଗ କରିବାର ସ୍ପଷ୍ଟ ହେତୁ ବୁଝିବା କଠିନ । କଥିତ ହୁଅଇ ନାନା କାରଣରୁ ଗବର୍ଣ୍ଣମେଣ୍ଟ ତାହାଙ୍କ ପ୍ରତି ଅସନ୍ତୁଷ୍ଟ ହୋଇ ତାହାଙ୍କର ଅଧିକାର ଖର୍ବ କରିବା ଏବଂ ଶାସନ କାର୍ଯ୍ୟ ପରିଚାଳନାର୍ଥେ ଗୋଟିଏ ସଭା ସ୍ଥାପନ କରିବାରୁ ସେ ବିରକ୍ତ ହୋଇ ଏହା କରିଅଛନ୍ତି । ଯାହା ହେଉ ଯେତେବେଳେ ସେ ପୁନଃ୨ ଅବସର ନେବାର ପ୍ରାର୍ଥନା କଲେ ସେତେବେଳେ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିବା ଅସଙ୍ଗତ ବୋଲିଯାଇ ନ ପାରେ । ଦେଶୀୟ ରାଜାଙ୍କର ଦୃଢ଼ରୂପେ ବୁଝିବା ଉଚିତ ଯେ ସୁଶାସନଦ୍ୱାରା ଇଂରାଜରାଜଙ୍କୁ ସନ୍ତୁଷ୍ଟ କରି ନ ପାରିଲେ ସେମାନଙ୍କର ରାଜଭୋଗ ସୁଖରେ ହେବ ନାହିଁ । ପକ୍ଷାନ୍ତରେ ଏହା ମଧ୍ୟ ସତ୍ୟ ଯେ ବେଳେ୨ ରେସିଡେଣ୍ଟଙ୍କର ମନ ଖୁସି କରିବା ଦେଶୀୟ ରାଜାଙ୍କ ପକ୍ଷରେ ସହଜ ନୁହେ । ଉଭୟ ଦିଗ ପ୍ରତି ନିରପେକ୍ଷ ଭାବରେ ଦୃଷ୍ଟି ରଖିବା ଗବର୍ଣ୍ଣମେଣ୍ଟଙ୍କର ଏକାନ୍ତ କର୍ତ୍ତବ୍ୟ ଅଟେ ।

---

## ମୁକୁଟୋତ୍ସବର ସ୍ମୃତି ।

ଭାରତ ସମ୍ରାଟଙ୍କର ଅଭିଷେକୋତ୍ସବ ବା ମୁକୁଟୋତ୍ସବ ଯଥା ସମାରୋହପୂର୍ବକ ପାଳିବା କାରଣ ଏ ନଗରରେ ଯେତେ ଟଙ୍କା ଚାନ୍ଦା ସଂଗୃହୀତ ହୋଇଥିଲା ତହିଁରୁ ଉତ୍ସବର ସମସ୍ତ ବ୍ୟୟ ନିର୍ବାହ ଉତ୍ତାରୁ କିଛି ବଳି ପଡିବାରୁ ତଦ୍ୱାରା ଉକ୍ତ ଶୁଭ ଘଟଣାର ସ୍ମରଣାର୍ଥ କୌଣସି କୀର୍ତ୍ତି ସ୍ଥାପନର ବ୍ୟବସ୍ଥା ନିମନ୍ତେ ଗତ ବୁଧବାର ଏଠାର ଅଭିଷେକୋତ୍ସବ କାର୍ଯ୍ୟ ନିର୍ବାହକ କମିଟିର ଗୋଟିଏ ଅଧିବେଶନ ହୋଇଥିଲା । ଏହି ପ୍ରସଙ୍ଗରେ ତିନୋଟି ପ୍ରସ୍ତାବ କମିଟିର ସଭାପତି ଶ୍ରୀ ଫିସର ସାହେବ ମାଜିଷ୍ଟ୍ରେଟ ପ୍ରାପ୍ତ ହୋଇଥିଲେ । ୧ମ ଏଠା ଜେନେରଲ ହାସପାତାଲର ସୁପ୍ରିଣ୍ଟେଣ୍ଡେଣ୍ଟଙ୍କଠାରୁ ଉକ୍ତ ହାସପାତାଲ ହତାରେ କରୋନେସନ ରୋଗୀ ଚିକିତ୍ସାଗାର ନାମରେ ଗୋଟିଏ ଗୃହ ନିର୍ମାଣ କରିବା । ୨ୟ ବାବୁ ଗୌରୀଶଙ୍କର ରାୟଙ୍କଠାରୁ କରୋନେସନ ଲାଇବ୍ରେରୀ ନାମରେ ଏଠା କୁବିଲ ଉଦ୍ୟାନରେ ଗୋଟିଏ ପୁସ୍ତକାଗାର ନିର୍ମାଣ କରିବା ଏବଂ ତହିଁପାଇଁ ଦୁଇ ହଜାର ଟଙ୍କା ଚାନ୍ଦା ଦାନ କରିବା । ୩ୟ ରାୟ ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୁରଙ୍କଠାରୁ ତାହାଙ୍କର ସ୍ୱର୍ଗୀୟା ମାତା ଅନ୍ନପୂର୍ଣ୍ଣା ଦାସୀଙ୍କ ନାମରେ ଗୋଟିଏ ପୁସ୍ତକାଗାର ସ୍ଥାପନ ନିମନ୍ତେ ସେ ଟ ୧୦୦୦ ଟଙ୍କା ମୂଲ୍ୟର ପୁସ୍ତକାଦି ଏବଂ ଏକ ହଜାର ଟଙ୍କା ନଗଦ ଦେବାକୁ ପ୍ରସ୍ତୁତ ଥିବା । ଏହା ଛଡ଼ା ଗୋଟିଏ ମୁସଲମାନ ବିଦ୍ୟାଳୟର ସାହାଯ୍ୟ ସକାଶେ ମୁସଲମାନ ସମ୍ବାଦ ସମ୍ପାଦକ କାଜି କାଜର ମହମ୍ମଦଙ୍କର ଏବଂ ଇଂରାଜୀ ଯନ୍ତ୍ର ବାଦ୍ୟଦଳର ସାହାଯ୍ୟ ସକାଶେ ବାବୁ ସାମସେନ ରାଉତଙ୍କର ପ୍ରାର୍ଥନା ଥିଲା । ରାୟ ଯଜ୍ଞେଶ୍ୱରଙ୍କର ପ୍ରସ୍ତାବ ତାହାଙ୍କ ମାତାଙ୍କର ସ୍ମୃତି ନିମନ୍ତେ ହୋଇଥିବାରୁ ଉତ୍ସବର ଟଙ୍କା ତହିଁରେ ବ୍ୟୟ ହେବା ସଭାପତିଙ୍କୁ ଅନୁଚିତ ଲାଗିବା ଏବଂ ଜେନେରଲ ହାସପାତାଲଦ୍ୱାରା ସମସ୍ତ ଔଷଧାଦି ଉପକାର ହେଉଥିବା ସେଠାରେ ରୋଗୀଙ୍କର ଚିକିତ୍ସା ନିମନ୍ତେ ଉପଯୋଗୀ ଘରର ଅତ୍ୟନ୍ତ ଅଭାବ ଅତ୍ୟନ୍ତ ଗୁରୁତର ବୋଲି ବ୍ୟକ୍ତ କରି ସେହି ପ୍ରସ୍ତାବକୁ ଅଗ୍ରଗଣ୍ୟ କଲେ । ପାଦରି ହାବେଲ ସାହିବ କହିଲେ କି ରୋଗୀଙ୍କର ସଂଖ୍ୟା ବର୍ତ୍ତମାନ ୬।୭ ଜଣରୁ ଅଧିକ ନ ଥିବାରୁ ଟ ୧୫୦୦ ଟଙ୍କାରେ ସେ ଗୃହ ନିର୍ମାଣ ହୋଇପାରେ ଏବଂ ଗୋଟିଏ ସାଧାରଣ ଲାଇବ୍ରେରୀର ଅତ୍ୟନ୍ତ ଅଭାବ ବହୁକାଳରୁ ଏ ନଗରରେ ରହିଥିବାରୁ ତହିଁର ବ୍ୟବସ୍ଥା ଏହି ସମୟରେ କରିବା ଅତ୍ୟନ୍ତ ପ୍ରୟୋଜନ । ତହୁଁ କେତେକ ତର୍କ ବିତର୍କ ଉତ୍ତାରୁ ଧାର୍ଯ୍ୟ ହେଲା ଯେ କରୋନେସନ ପାଣ୍ଠିର ବଳକା ଟଙ୍କାରୁ କରୋନେସନ ରୋଗୀ ଚିକିତ୍ସାଗାର ଏବଂ ତହିଁର ସାଜସଜ୍ଜା ସକାଶେ ଟ ୩୦୦୦ ଟଙ୍କା ବ୍ୟୟ ହେବ ଏବଂ ତହିଁ ଉତ୍ତାରୁ ଯାହା ବଳିବ ତାହା ରାୟ ଯଜ୍ଞେଶ୍ୱର ବାହାଦୁର ଏବଂ ବାବୁ ଗୌରୀଶଙ୍କର ରାୟଙ୍କର ଯାଚିତ ଚାନ୍ଦା ସଙ୍ଗେ ଯୋଗ ହୋଇ ଉଭୟ ମାତାଙ୍କର ମାନରକ୍ଷା-ସ୍ୱରୂପ ଅନ୍ନପୂର୍ଣ୍ଣା କରୋନେସନ ଲାଇବ୍ରେରୀ ନାମରେ ଗୋଟିଏ ସାଧାରଣ ପୁସ୍ତକାଗାର ସ୍ଥାପନ ହେବ । ଲାଇବ୍ରେରୀ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା କାରଣ ଗୋଟିଏ ସବ୍ କମିଟି ଗଠିତ ହେଲା ଯେ ଉକ୍ତ ସବ କମିଟି ଲାଇବ୍ରେରୀର ସ୍ଥାନ ଗୃହର ନକସା, ଇଷ୍ଟିମେଟ ଓ ଅନ୍ୟାନ୍ୟ ବିଷୟ କମିଟିଙ୍କୁ ଜଣାଇ କାର୍ଯ୍ୟାରମ୍ଭ କରିବେ । ଏଥିରୁ ପାଠକମାନେ ବୁଝିବେ ଯେ ଏ ନଗରରେ ଅଭିଷେକୋତ୍ସବର ୨ଟି ସ୍ମୃତି ସ୍ଥାପନ ଏବଂ ତଦ୍ୱାରା ଦୁଇଟି ଗୁରୁତର ଅଭାବ ପୂରଣ ହେବାର ସ୍ଥିର ହୋଇଅଛି ଏବଂ ତାହା ଶୀଘ୍ର କାର୍ଯ୍ୟଦ୍ୱାରା ପ୍ରତ୍ୟକ୍ଷ ହେବ । ସମସ୍ତ ଉଦ୍ବର୍ତ୍ତ ଟଙ୍କା ଏହି ଦୁଇ କାର୍ଯ୍ୟରେ ଖର୍ଚ୍ଚ ହୋଇଯିବାରୁ ଅନ୍ୟ ସାହାଯ୍ୟ ପ୍ରାର୍ଥନାର ଆବେଦନମାନ ଅଗତ୍ୟା ଅଗ୍ରାହ୍ୟ ହେଲା । ମାତ୍ର ରାୟ ହରିବଲ୍ଲଭ ବୋଷ ବାହାଦୁର ଇଂରାଜୀ ଯନ୍ତ୍ର ବାଦ୍ୟ ସକାଶେ ଟ ୫୦ ଟଙ୍କା ଚାନ୍ଦା ଦେବାକୁ ପ୍ରତିଶ୍ରୁତ ହେବାରୁ ତାହା ସାମସନ ବାବୁଙ୍କୁ ସାହାଯ୍ୟ ସ୍ୱରୂପ ଦିଆଯିବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ବ୍ରାହ୍ମଣୀ ବୈତରଣୀ ବନ୍ଦରର ଅସିଷ୍ଟାଣ୍ଟ ଇଞ୍ଜିନିୟର ମି, ଜ, ଟି, ହଣ୍ଟିଂଡୋନ ବହୁକାଳ ନିମନ୍ତେ ଇଙ୍ଗ୍ଲଣ୍ଡ ଗତି କଲେ ମିଃ ବାର୍ଲୋଙ୍କ ଅନୁପସ୍ଥିତ କାଳରେ ଅଥବା ଅନ୍ୟ ଆଦେଶ ପର୍ଯ୍ୟନ୍ତ ଉକ୍ତକାର୍ଯ୍ୟ ଭାର ପ୍ରାପ୍ତ ହେଲେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଅନଗୁଳସ୍କୁଲ ଡିପୁଟିର ସବ୍ ଇନସ୍ପେକ୍ଟର ବାବୁ ଶ୍ରୀ ଉଦୟନାଥ ସିଂହ ୨ୟ ଶ୍ରେଣୀରୁ ଉନ୍ନତ ଲାଭ କଲେ ।

କଟକ ରେ᳚ କଲେଜିଏଟ୍ ସ୍କୁଲର ସହକାରୀ ଶିକ୍ଷକ ଓ ରେ᳚ କଲେଜର ଜଣେ ଅଧ୍ୟାପକ ବାବୁ ଗୋକୁଳମଣି ସାଧୁଖାଁ ୭ମ ଶ୍ରେଣୀରୁ ଉନ୍ନତ ପ୍ରାପ୍ତ ହେଲେ ।

———

ଗତ ସପ୍ତାହରୁ ମେଘଅପାଗ ଘୁଞ୍ଚିଯିବାରୁ ଏ ସପ୍ତାହରେ ଶୀତ ବଡ଼ ପ୍ରବଳ ହୋଇଅଛି ଏବଂ ତହିଁ ସଙ୍ଗେ ଜ୍ୱର ଓ କାଶ ପୁଣି ମାଡ଼ି ଉଠିଅଛି ।

ଗଡ଼ଜାତର ଅଛିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ଭଣ୍ଡାର, ନୟାଗଡ଼, ନରସିଂହପୁର ପ୍ରଭୃତି ଗଡ଼ଜାତମାନ ପରିଦର୍ଶନାର୍ଥେ ଗମନ କରିଅଛନ୍ତି ।

ଏ ନଗରର ପଣ୍ଡିତମାନଙ୍କ ଦେଉଳସାହିର ଜଣେ ବାହ୍ମଣ ଘରୁ ଗତ ସୋମବାର ସ୍ୱପ୍ନରେ ଦୋଷୀ ଏ ଗର୍ଭିଣୀଙ୍କ ଓ ଏକ ବାଳୁଙ୍କ ନେଇଗଲେ । ପୁଣି ଅନେକ ଅନୁସନ୍ଧାନରେ ତହୁଁ ଅନ୍ତର କାଠଯୋଡ଼ୀ ନଦୀର ପଠାରେ ସେହି ସାଥ ଓ ବାଳୁଙ୍କର ମଣ୍ଡ ପଡ଼ିଥିବାର ଦେଖାଗଲା । କେହି ଚୋର ଏହା କରିଅଛି ଜଣାଯାଉ ନାହିଁ । ମାତ୍ର ପୁଲିସ ଏପରି ଚୋର ଧରି ପାରିବେ କି ?

ଗତ ସୋମବାର ଶ୍ରୀପଞ୍ଚମୀ ଥିଲା । ଏଠା ମେଡ଼ିକାଲ ସ୍କୁଲର କେତେକ ଛାତ୍ରମାନେ ଏବଂ ସର୍ବେ ସ୍କୁଲର ଛାତ୍ର ଓ ବଙ୍ଗୀୟ ଛାତ୍ରମାନେ ପୃଥକରୂପେ ସରସ୍ୱତୀ ପ୍ରତିମା ପୂଜା କରିଥିଲେ । ଏହା ଦେଖାରେ ଏବେନେ ପଡ଼ିବା ବେଳେ ଯେବେ ଏକଟା ଶିକ୍ଷା ନ ହେଲା ତେବେ ଆଉ କେବେ ହେବ ।

କାଠଯୋଡ଼ୀ ନଦୀ ହଇଟୋ ଭେଣ୍ଡାର ଅଗରେ ଧୋବାମାନେ ଲୁଗା କାଚି ନଇପାଣି ମଇଳା କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟପକ୍ଷରେ ହାନିଜନକ ଏହା ସମସ୍ତେ ଜାଣନ୍ତି । ସମସ୍ତେ ମିଉନିସିପାଲିଟିର ଦୃଷ୍ଟି ଦିଏ । ମାତ୍ର ଅଦ୍ୟାବଧି ତାହା ନାହିଁ ।

ଏକ ପାର୍ଶ୍ୱମାନଙ୍କ ଏ ନଗରର ଚୌଧୁରୀବଜାରଠାରେ କୌଣସି ବ୍ରାହ୍ମଣଙ୍କ ଘରେ ପଶି ତାଙ୍କର ଏକମାତ୍ର ବୟସ୍କ ପୁଅ ଉପରେ ଦେହର ଜଳମୃତ୍ତିକାରେ ଖାମୁଚି ପକାଇଥିଲା ଭାଗ୍ୟକ୍ରମେ ସେ ପିଲାଟି ଭଲ ଅଛି । ଶୁଣୁଅଛୁ ଉକ୍ତ ମାଙ୍କଡ଼ ସମସ୍ତ ବହୁସଂଖ୍ୟ ଲୋକମାନଙ୍କୁ କାମୁଡ଼ି ଘୋଟାଉଅଛି । ମାତ୍ର ଅଶ୍ୱାରୋହୀର ଜଣେ ପାଠିମାଙ୍କଡ଼ ନଗରର ନାନା ସ୍ଥଳରେ ଦୌରାତ୍ମ୍ୟ କରୁଥିବା ସ୍ଥଳେ ସେମାନଙ୍କୁ ଦମନ ବା ଅନ୍ତର କରିବାକୁ କହୁଛ ଉପାୟ ହେଉ ନାହିଁ ।

ଗତ ସପ୍ତାହର ବୃହସ୍ପତିବାରରୁ ଅବସର ନେଇ ମେଦିନୀପୁର ଡିଷ୍ଟ୍ରିକ୍ଟ ବୋର୍ଡର ଚେୟାରମେନ ସେହିଠାର ଇନସ୍ପେକ୍ଟର ପଣ୍ଡିତମାନଙ୍କର ପଦଗୁଡ଼ିକ ଉଠାଇଦେବା କଥା ଶୁଣାଯାଉଅଛି । କାରଣ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଯେ କୌଣସି ପ୍ରତ୍ୟୁତ୍ତର ଥିବା ନାହିଁ ।

ବାଲେଶ୍ୱରରୁ ଏକ ବ୍ୟକ୍ତି ଲେଖିଅଛନ୍ତି ଯେ ଗତ ଶ୍ରୀପଞ୍ଚମୀ ଦିନ ମହଲଦ ଅବଦୁଲ ମାଲିକ ବାବୁ ଅଶୁତୋଷ ଦତ୍ତ ଏବଂ ବାବୁ ଲଳବିହାରୀ ଦାସ ବାଲେଶ୍ୱରର ଡେପୁଟିମାଜିଷ୍ଟ୍ରେଟମାନେ ଏକ ଭଲ ଟମଟମରେ ଭ୍ରମଣ କରୁଥିଲେ । ହଠାତ୍ ଗାଡ଼ି ଲେଉଟି ପଡ଼ିବାରୁ ସମସ୍ତେ ଅଳ୍ପାଧିକ ଆଘାତ ପ୍ରାପ୍ତ ହୋଇଅଛନ୍ତି । ଶୁଣୁ କେହି ବେ ପୀଡ଼ା ଭେଦରେ ଶ୍ୟାଗତ ନୁହେଁ । ମାତ୍ର କଛୁଦିନ କାର୍ଯ୍ୟ କରି ପାରିବେ ନାହିଁ ।

ଜନରବ ଯେ ଲର୍ଡ଼ କର୍ଜନଙ୍କର ଶାସନକାଳପର ଅଷ୍ଟମ ସମ୍ରାଟଙ୍କ ଦ୍ୱାରା ଡ୍ୟୁକ ଅବ୍ କନାଟ ଭାରତବର୍ଷର ଗଭର୍ଣ୍ଣର ଜେନେରଲ ହେବେ । ଏକଥା ସତ ହେବାଠାରୁ ପରସ୍ପର ଅନେକ ଜଣ୍ପ କହିବାକୁ ହେବ ।

ଫୁଟ୍ରଡ୍ଡା ( କୁଗୁଲ ) ରେ ରିଚ୍ଚତ କାଠସ ନାମକ ଏକ ଲୋକ ପଞ୍ଚରା ଅଗରେ ତାର ମାତାର ମୃତ୍ୟୁ ଦେଖିଲେ ଚାର ଷଡ ନଷ୍ଟ କରିଦେବାରୁ ମାତା ହାସପାତାଳରେ ମୃତ୍ୟୁ ନ ହୁଅ ଜେଲଖାନାରେ ଅଛନ୍ତି ।

ଜଗତରେ ହର୍ଷଣି କୋଷାଗ ଏପରି ଏକ ଜନ୍ତୁ ଉଦ୍ଭାବ କରିଅଛନ୍ତି ଯେ ଏକ ସହରେ ସ୍ୱାହାପରି ଉପ୍ତାର ହୁଅନ୍ତି ସକ୍ତି ସହିତରେ ପାଣି ଗମନ କରିବାର ଗୋଟିଏ ପାଖଭଳି ଅଛି । ସେ ପାଣିର ତଳରେ ଗୋଟିଏ କପତ୍ତିକି ଆଲୁଅ ଓ ଲକଣ୍ଡି ଓ ଘଣ୍ଟା ବାଜର ବେକାଳ ଅଛି । ସେଗଡ଼କାଳ ହୁଏଲ ଉଠିବାର ସଂଖ୍ୟା ସହର ଜଳ ସମ୍ପ୍ରୁଟେଇ ଶୋଇଲେ ବେତଳବେଳେ ସଡ଼ ଟଙ୍କ ଟଙ୍କ ଶବ୍ଦକରି ଘଣ୍ଟି ଉଠାଇବ । ଉଠିଲେ ଲ୍ୟାମ୍ପ ଜଳଉଠିବ ଓ ପାଣି ଗରମ ହୋଇ କଦାଚିତ୍ ହୋଇଥିବ । ଉଠିବାଇଲେ କେଷ ବ୍ୟଞ୍ଜନଲକ୍ଷ ତେବେ ଦେଖିବ ।

କାନପୁର ସହରରେ ପ୍ଲେଗର ପ୍ରତାପ କମ୍ ହୋଇନାହିଁ । ଗତସପ୍ତାହ ଅପେକ୍ଷା ଏ ସପ୍ତାହରେ ଅଧିକ ୪ ୧୯୮ ଣ ଲୋକ ଉକ୍ତ ରୋଗରେ ମରିଅଛନ୍ତି ।

ଗଭର୍ଣ୍ଣମେଣ୍ଟଙ୍କୁ ଆଦେଶ ହୋଇଅଛି ଯେ ଆସାମ ଓ ବଙ୍ଗଳାରେ ଯେତେ ବାଳକ ଅପରାଧୀ ହେବେ ସେମାନେ ହଜାରିବାଗ ବୋର୍ଷ୍ଟାଲକୁ ପଠାଯିବେ ।

ନବଦ୍ୱୀପ ଧାମର ପ୍ରଦ୍ୟୁମ୍ନଣୀ ସଭା ଭାରତବର୍ଷ ଶ୍ରୀ ଚୈତନ୍ୟ ଚରିତ ପ୍ରବନ୍ଧ ଲେଖକମାନଙ୍କମଧ୍ୟରେ ଶ୍ରୀ ହେମଚନ୍ଦ୍ରଚକ୍ରବର୍ତ୍ତୀ ସର୍ବ ପ୍ରଥମ ହେବାରୁ ତାହାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ । ଏଥର ନିତ୍ୟାନନ୍ଦଚରିତ ଶୀର୍ଷକ ପ୍ରବନ୍ଧଲେଖକମାନଙ୍କ ମଧ୍ୟରେ ଯେ ପ୍ରଥମ ହେବ ତାହାକୁ ଉକ୍ତ ପଦକ ଦିଆଯିବ । ଉକ୍ତମାନେ ଦୋଳପୂର୍ଣ୍ଣିମା ପୂର୍ବେ ନବଦ୍ୱୀପର ସ୍ୱରୂପଗଞ୍ଜ ଡାକଘରକୁ ସମ୍ପାଦକ ବାବୁ ବ୍ରଜଦାସପ୍ରସାଦ ମିଶ୍ରଙ୍କ ନିକଟକୁ ପଠାଇବାକୁ ହେବ ।

ବାବୁ ଯଦୁନାଥ ଦାସ ଘୋଷ ଏବର୍ଷ ରାୟବାହାଦୁର ପ୍ରେମଗ୍ରାଣ୍ଟ ଲାଭ ପାଇଅଛନ୍ତି ।

ଏପରକି ଦେଓ୍ୱାନ ଖାନ୍ ବାହାଦୁର ବାର୍ଡ଼ର ନିକଟ ଅବସର ଗ୍ରହଣ କରିବାର ଇଚ୍ଛା କରୁଅଛନ୍ତି ଶୁଣାଯାଏ ଅଛିଷ୍ଟାଣ୍ଟ ଦେଓ୍ୱାନ ଶ୍ରୀଯୁକ୍ତ ବିମଳ ଚନ୍ଦ୍ର ଶୀତଲ ବାବୁଙ୍କ ଦେଓ୍ୱାନ ପଦରେ ନିଯୁକ୍ତ ହୁଅ ଥିବ ।

ପଞ୍ଜାବ କେଶରୀ ରଣଜିତ ସିଂହଙ୍କ କନିଷ୍ଠ ପୁତ୍ର ମହାରାଜା ଦଲିପ ସିଂହଙ୍କ ଦୁଇକନ୍ୟା ଭାରତ ବର୍ଷ ଭ୍ରମଣ କରିବାକୁ ଆସିଥିଲେ । ସେମାନେ ବର୍ତ୍ତମାନ ଲାହୋରରେ ଅବସ୍ଥାନ କରୁଅଛନ୍ତି । ସେମାନେ ସେଠି ପିତାଙ୍କର ପିତାମହଙ୍କର ସମାଧି ଦେଖିବାକୁ ଯାଇଥିଲେ ।

ଜିର୍ଦ୍ଦିଲ୍ଲୀରେ ଏହି କେତେ ଦିନ ମଧ୍ୟରେ କୌଣସି ସମୟରେ କାଶ୍ମୀର ଦର୍ଶନ କରିବା କଥା ଥିଲା । ସେଠି ଯିବା ସମୟରେ କାଶ୍ମୀର ମହାରାଜାଙ୍କର ୯ ଲକ୍ଷ ଟଙ୍କା ବ୍ୟୟ ହୋଇଥିବ ।

ପାର୍ଲିଆମେଣ୍ଟ ସଭ୍ୟ ମିଃ ରଶ ଦ୍ୱାରକାମାନଙ୍କ ସହିତ ଯୋଗ ଦେଇ ଇଂଲଣ୍ଡର କରୁଣରେ ସ୍ଥିତି କରିଥିଲେ । ତାଙ୍କର ପାଞ୍ଚିଶ ଗ୍ରାମ ହୋଇଥିଲା । କିନ୍ତୁ ଗଭର୍ଣ୍ଣମେଣ୍ଟ ପାରିଷଦ ପରିବର୍ତ୍ତନର ଯାବଜ୍ଜୀବନ କାରାଦଣ୍ଡର ଆଦେଶ କରିଅଛନ୍ତି ।

ତୁର୍କୀ ସୁଲତାନଙ୍କର ଏକ ପରୁତର୍ଭାବ ଅଛି । ତାହାର ନାମ ଅଲକୌଜିଲ୍ଲାଦାଶର । ଏ ଲୋକଟା ନେପଥ ଉଚ୍ଚ ସେହିପରି ମୋଟା । ସରତ ବର୍ଷର ଏକ ଦେଶୀ ପଲୋଇଙ୍କ ଏକ ପଲ୍ଲୋଓ୍ୱାନର ସହିତ ସେ ଲଢ଼ାଇ କରିବାକୁ ଆସୁଅଛି ।

## ପଟାମୁଣ୍ଡାଇ ସମ୍ବାଦ ।

ଅଭିଷେକ ଉପଲକ୍ଷେ ଏଠା ଥାନେ ବାବୁଙ୍କ ଯତ୍ନରେ ଯେ ସଭା ଅନୁଷ୍ଠିତ ହୋଇଥିଲା ତହିଁରୁ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ଭୋଜନ କାଙ୍ଗାଳମାନଙ୍କୁ ଅନ୍ନଦାନ ସେମାନଙ୍କ ଅନ୍ତସ୍ଥାଙ୍ଗ ବାଜିଦ ନାନା ଅମୋଦ ପ୍ରମୋଦ ହୋଇଥିଲା ।

ଜିଲ୍ଲାର କଲେକ୍ଟର, ପୋଲିସ ଓ ଡାକ୍ତରସାହେବ ଏଠାକୁ ଆସି ଥାନା, ଡାକ୍ତରଖାନା ପ୍ରଭୃତି ପରିଦର୍ଶନ କରି ତା ୩୦ ରିଖ ଦିନ ଫେରିଯାଇଅଛନ୍ତି ।

ଗତ ସପ୍ତାହରୁ ଅକାଳ ମେଘାବୃତ ହୋଇ ରହିଥିବା ସମସ୍ତେ କଷ୍ଟ ପକାଇ ବେଶ ତେବେ ଶୀତର ପ୍ରାବଲ୍ୟ ହ୍ରାସ ହୋଇଅଛି ।

ଗହମର ଦର ପ୍ରବଳ ଏବଂ ବୀହି ଟଙ୍କାରେ ୨୦ ସେ ୧୮ ର ।

ଅମ୍ବରଥ ଯେ ପରିମାଣ ହୋଇଅଛି ବୃଷ୍ଟି ନ ହେଲେ ରହିବାର ଅଶାନ୍ତିକ ।

## ପୁରୀ-ସମ୍ବାଦ ।

ଗତ ସପ୍ତାହର ପୁରୀସମ୍ବାଦରେ ଉତପୁର ଚୌଧୁରୀ ବାବୁ ଚନ୍ଦ୍ରମୋହନ ମହାରଣା ମୁନ୍ସିପାଲିଟି ସମିତିର ସମ୍ପାଦକ ଥିବାର ଭ୍ରମକ୍ରମେ ଲେଖାହୋଇଥିଲା । ସେ ପୁରୀ ଜଗନ୍ନାଥ ସମିତିର ସମ୍ପାଦକ ଥାଇ ସୁଶୃଙ୍ଖଳ ସହିତ କାର୍ଯ୍ୟ ନିର୍ବାହ କରିଥିଲେ ।

ଆଶାକରୁଁ ନୂତନ ସମ୍ପାଦକ ବାବୁ ଅଧରେନ୍ଦ୍ର ରାୟ ମହାଶୟ ସମିତିର ଉନ୍ନତି କରିବାରେ ସମଧିକ ପ୍ରୟାସୀ ହେବେ ।

ଗତ ବୁଧବାର ଶ୍ରୀ ଜଗନ୍ନାଥ ଦର୍ଶନକୁ ଏକଗୋଟି ସୁବର୍ଣ୍ଣ ଚନ୍ଦ୍ରିକା ମିଳିଥିଲା । ତାହାର ମୂଲ୍ୟ ପ୍ରାୟ ୫ ୨୫୦ ଟଙ୍କା ହେବ । ପୁଲିସ ତଦନ୍ତ କରୁଅଛନ୍ତି । ଚୋର ଓ ମାଲ ଧରା ପଡ଼ି ନାହିଁ ।

କେତେକ ମାସ ହେଲା ମିଉନିସିପାଲିଟି ବଡ଼ଦାଣ୍ଡ ପରିଷ୍କାର ଦୋକାନମାନ ଉଠାଇ ଦେଇ ଅଛନ୍ତି । ବର୍ତ୍ତମାନ ସେହି ସ୍ଥାନମାନଙ୍କରେ ମିଉନିସିପାଲିଟି ତରଫରୁ ପକ୍କା ଇଟିଆ ଶ୍ରେଣୀବଦ୍ଧରୂପେ ପ୍ରସ୍ତୁତ ହୋଇଅଛି । ସମ୍ଭବତଃ ପୁଣି ଦୋକାନମାନେ ସେଠାରେ ଦୋକାନ କରିବେ । ବନ୍ଧ ଜୀର୍ଣ୍ଣ ସମୟରେ ଏହି ଦୋକାନ ରହିବା ସୁବିଧା ହେବ ।

ଅନ୍ତର୍ଜ୍ଜାତ ଅବସ୍ଥାରେ ଭଜିବାକୁ ପୀଡ଼ା ଅଛିଅନ୍ତି । ଏଣିକି ପଣ୍ଡାମାନେ ଉପସ୍ଥିତ ଦର୍ଶନାର୍ଥୀ ଯାତ୍ରୀମାନେ ଅଟକିରହି ଦର୍ଶନ ନ ପାଇ ଶ୍ରୀ ଜଗନ୍ନାଥଙ୍କ ପ୍ରସାଦ ପ୍ରାୟ ସନ୍ଧ୍ୟା ସମୟରେ ଦେଉଅଛନ୍ତି । ଏଥି ସେ ଭକ୍ତି ଅତି ମହାପ୍ରସାଦ ନ ମିଳିବାରୁ ଯାତ୍ରୀ ଓ ଯାଜକର ଘୋର ଅସୁବିଧା ହେଉଅଛି ।

ଗତ ଶନିବାର ଶ୍ରୀ ଚନ୍ଦନ ପର୍ବୋତ୍ସବ ହୋଇଥିଲା । କୁଚି ତଳର ମହନ୍ତ ଶ୍ରୀ ଜଗନ୍ନାଥଙ୍କ ସେବା ଭକ୍ତି କରି ଏହି ମହତ୍ କାର୍ଯ୍ୟର ଅନୁଷ୍ଠାନ କରିଅଛନ୍ତି ।

ବୁଧବାର ଚନ୍ଦନପୁର ହାଟ ଦିଗରେ ଏଠାରୁ ଓ ରହିଥିବା ନାନାସ୍ଥାନରୁ ଯାତ୍ରୀମାନେ ଯାଉଅଛନ୍ତି ।

Digitized by srujanika@gmail.com

Split by PDF Splitter



ହର ଅଛି ନାହିଁ । ଅଧିକାଂଶ ଲୋକେ ଜ୍ୱରରେ ବ୍ୟସ୍ତ ଅଛନ୍ତି । ପୂର୍ବବର୍ଷ ହେମନ୍ତ ଶୀତଋତୁରେ ଏହି ଜ୍ୱର ଲୋକଙ୍କୁ ବ୍ୟସ୍ତ କରୁଥିଲା କିନ୍ତୁ ଏବର୍ଷ ବସନ୍ତଋତୁରେ ବଢ଼ୁଅଛି ।

ଏ ସପ୍ତାହରେ ଶୀତ ବହୁ ବୃଦ୍ଧି ହୋଇଅଛି ।

### ପତ୍ରପ୍ରେରକଙ୍କ ପ୍ରତି ।

ଏକଜଣ ମେଦିନୀପୁର —ମୂଳ ଗଛ—ଗତ ତା ୧୨ ଋଖର ଉତ୍କଳଦୀପିକାରେ ପ୍ରକାଶିତ ଏହି ସ୍କୁଲ ସମ୍ବନ୍ଧୀୟ ପ୍ରବନ୍ଧର ପ୍ରତିବାଦ କରିଅଛନ୍ତି ଅଥଚ ନିଜର ନାମ ଓ ପରିଚୟ ଦେଇ ନାହାନ୍ତି । ଅତଏବ ଅଗ୍ରାହ୍ୟ ହେଲା ।

ପାରଳାଖେମୁଣ୍ଡି—ଜିଲ୍ଲାର ରାଜାଙ୍କ ଧର୍ମପତ୍ନୀ ଏବଂ ପାରଳାରାଜାଙ୍କ ଦୁହିତା ଦୁଇ ବର୍ଷ ହେଲା କ୍ଷୟ ରୋଗରେ ପୀଡ଼ିତା ହୋଇ ଗତ ତା ୨୯ ଋଖରେ ପରଲୋକ ଗମନ କରିବାରୁ ଉକ୍ତସ୍ଥାନର ଲୋକମାନେ ଦୁଃଖିତ ଥିବାର ଲେଖିଅଛନ୍ତି ।

ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ଉଦାରଚରିତେଷୁ—
ସବିନୟ ନିବେଦନମିଦଂ—

ମହାଶୟ !

ଏଣ୍ଡ ଲୁଚଙ୍ଗ । ମୌ । ଜୟଦାନବାର୍ଷ୍ଣୀ ବନ ସ୍ତ୍ରୀକଳ ନାମକ ଜଣେ ଶିକାରୀ ଉକ୍ତ ଗ୍ରାମ ଜଙ୍ଗଲରୁ ଗୋଟାଏ ଫୁ ୯ ଟ ଲମ୍ବା ଓ ଫୁ ୪ ଟ ଉଚ୍ଚର ମହାବଳ ବ୍ୟାଘ୍ରକୁ ଅପଣା ନିଜ କୌଶଳଦ୍ୱାରା ବନ୍ଧନରେ ଗୋ ୨ ଟା ଗୁଳି ପକାଇ ମାରିବା ସମୟରେ ଉକ୍ତ ଗୁଳ ଏକଗୋଟା କର୍ଣ୍ଣମୂଳେ ଓ ଅନ୍ୟଗୋଟା ନେତ୍ରରେ ଆଘାତ ହେବାରୁ ଉକ୍ତ ବ୍ୟାଘ୍ର ସେହିଠାରେ ଯମଧାମ ପ୍ରତ୍ୟାଗ ନଖ ମୃର୍ତ୍ତ୍ୟଗାମୀ ହେବା ପରେ ସ୍ଥାନୀୟ ମାନଙ୍କୁ ପାଞ୍ଚଗୋଟା ସାଙ୍ଗରେ ନ୧୦ ଣ ଲୋକ ଦ୍ୱାରା ଏଭସମା ଅଃ ଜପାଃ ଓ ଡେପୁଃ ଅଫିସ ଓଭେରର ସରକାରୀ କର୍ମଚାରୀଙ୍କ ନିକଟରୁ ପୁରସ୍କାର ପାଇବା ଆଶାରେ ଆଣିବାରୁ ଶ୍ରୀ ମୁନସୀ ହେଦାଏତୁଲ୍ଲା ଓ ଶ୍ରୀ ବାବୁ ମନ୍ମଥନାଥ ରାୟ ଓ ବାବୁ ଭୋମକ ସିଂହ ଓଭେରର ଦଶଟଙ୍କା ପୁରସ୍କାର ଦେଇଅଛନ୍ତି । ଏହି ବ୍ୟାଘ୍ର ବହୁସଂଖ୍ୟ ଓ ବହୁଜ ଓ ଲୋକଙ୍କୁ ଓଭେରର ଗୋରୁମାନଙ୍କରେ ଦୌରାତ୍ମ୍ୟ କରୁଥିଲା । ଏପରି ବ୍ୟାଘ୍ର ଦେଖ ନ ଥିଲା । ଇତି । ଲେ ।

୪।୨।୦୩ ଏଭସମା } ରମେଶ ଚନ୍ଦ୍ର ଉଦ୍ଦୀନ

ମହାଶୟ !

ପୂର୍ବେ ରାଜାମାନେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସକାଶେ ଏ ଯେଉଁଠୁ ଆସିଲେ ତୀର୍ଥମାହାତ୍ମ୍ୟ ବାକ୍ୟାନୁସାରେ ତ୍ରିରାତ୍ର ବା ପଞ୍ଚରାତ୍ର ବାସ କରି ଶ୍ରୀ ମହାପ୍ରଭୁଙ୍କ ଦର୍ଶନ, ଦୁଃଖୀ ଦରିଦ୍ରଙ୍କୁ ଦାନ, ଛତିଶାନିଯୋଗମାନଙ୍କ ସତ୍କାର ଓ ପଣ୍ଡିତମାନଙ୍କ ଶାସ୍ତ୍ରାଳାପ ଓ ଶ୍ରବଣ କରୁଥିଲେ, ଏବଂ ସେମାନଙ୍କୁ ଶ୍ରୀ ମହାପ୍ରସାଦ ଭୋଜନ କରାଇ ଯଥାସାଧ୍ୟ ସତ୍କାର କରୁଥିଲେ ।

ବର୍ତ୍ତମାନ ଦେଖିଲୁଁ ଯେ ଅଡ଼ଜାତର କେତେକ ରାଜା ଏ ନଗରକୁ ଶ୍ରୀ ମହାପ୍ରଭୁଙ୍କ ଦର୍ଶନ ସକାଶେ ଆସି ଦର୍ଶନମାତ୍ର କରି ଚାଲି ଯାଉଅଛନ୍ତି । ଦାନ ପୁଣ୍ୟ ଓ ସତ୍ସଙ୍ଗ କରିବା ଦୂରେ ଥାଉ ଏକଦିନ ସୁଦ୍ଧା ରହୁ ନାହାନ୍ତି ।

ସମ୍ପ୍ରତି ଅଷ୍ଟଦୁର୍ଗାଧିପତି ଶ୍ରୀ ରାଜା କୃଷ୍ଣନାଥ ଦେବ ବର୍ମ୍ମା ମହୋଦୟ ଏ ନଗରକୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସକାଶେ ଉପସ୍ଥିତ ହୋଇ ପକ୍ଷେକ ଅବସ୍ଥାନ ପୂର୍ବକ ପକ୍ଷାର୍ଥ ଅନ୍ଧ, ଦୁଃଖୀ, ଦରିଦ୍ର, କଙ୍ଗାଳ, ଖୋଲା, ଅନ୍ଧ, ପଙ୍ଗୁ, ଲୋକମାନଙ୍କୁ ଅନେକ ପଇସା ବିତରଣ କରିଥିଲେ । ଶ୍ରୀ ସ୍ୱରୂପମାନଙ୍କୁ ଯଥାଯୋଗ୍ୟ ଭେଟି ଦେଇଥିଲେ ଏବଂ ବେଢ଼ାମଧ୍ୟସ୍ଥ ଶ୍ରୀ କମଳା, ଲକ୍ଷ୍ମୀ ଓ ସରସ୍ୱତୀ ପ୍ରଭୃତି ସମସ୍ତ ଦେବତାମାନଙ୍କୁ ପୂଜା ଓ ଭେଟି ଦେଇଥିଲେ । ଶ୍ରୀ ମହାପ୍ରଭୁଙ୍କ ଛତିଶାନିଯୋଗମାନଙ୍କୁ ଯଥାବିଧି ସତ୍କାର କରିଥିଲେ । ଏପରି ଶ୍ରୀ ମହାପ୍ରଭୁଙ୍କ ବେଢ଼ା ମଧ୍ୟସ୍ଥ ଶ୍ରୀ ଲକ୍ଷ୍ମୀଦେବୀଙ୍କ ମନ୍ଦିରରେ ଗୋଟିଏ ପଣ୍ଡିତ ସଭା କରାଇଥିଲେ । ସେଥିରେ ମାର୍କଣ୍ଡେୟ ଶାସ୍ତ୍ରୀ ପ୍ରଭୃତି ନ ୪୦ ଣ ପଣ୍ଡିତ ଆମନ୍ତ୍ରିତ ହୋଇଥିଲେ । ୧୬-୧-୦୩ ଶୁକ୍ରବାରଦିନ ଅପରାହ୍ନ ଘ ୪ ଟା ସମୟରେ ସଭା ଆରମ୍ଭ ହୋଇ, ବ୍ୟାକରଣ, କାବ୍ୟ, ନାଟକ, ଅଳଙ୍କାର, ନ୍ୟାୟ ଶାସ୍ତ୍ର, ବେଦାନ୍ତ-ଷଡ଼ଦର୍ଶନଶାସ୍ତ୍ର ପ୍ରଭୃତି ଶାସ୍ତ୍ରମାନଙ୍କର ତର୍କ ବିତର୍କ ହୋଇଥିଲା, ସେଥିରେ ଶ୍ରୀ ରାଜା ମହୋଦୟ ସ୍ୱୟଂ ବେଦାନ୍ତ, ନ୍ୟାୟ ଓ ଖଣ୍ଡନ ଖଣ୍ଡଖାଦ୍ୟ ଗ୍ରନ୍ଥମାନ ବ୍ୟାଖ୍ୟା କରିବାର ପ୍ରବୃତ୍ତ ଥିବାର ଦେଖି ଅମ୍ଭେମାନେ ପରମ ପ୍ରୀତି ଲାଭ କରିଥିଲୁଁ । ସଭା ଶେଷରେ ପଣ୍ଡିତମାନଙ୍କୁ ଶ୍ରୀ ମହାପ୍ରସାଦ ଭୋଜନ କରାଇ ଯଥୋପଯୁକ୍ତ ଦକ୍ଷିଣା ପ୍ରଦାନ କରି ବିଦାୟ କରିଥିଲେ । ଶ୍ରୀ ରାଜା ମହୋଦୟଙ୍କର ଉପରୋକ୍ତ ସତ୍କାର୍ଯ୍ୟମାନ ଦେଖି ଅମ୍ଭେମାନେ ଅତ୍ୟନ୍ତ ସନ୍ତୋଷ ଲାଭ କରି ଆଶୀର୍ବାଦ କରୁଅଛୁଁ ଯେ ଶ୍ରୀ ରାଜା ମହୋଦୟ ଦୀର୍ଘଜୀବୀ ହୋଇ ଏହିପରି ସତ୍କାର୍ଯ୍ୟମାନ କରିବାଦ୍ୱାରା ଯଶଃ ଲାଭ କରନ୍ତୁ ।

୧୭।୧।୦୩ } ଆପଣଙ୍କର ବିନୟାବନତ ଶ୍ରୀ ମାର୍କଣ୍ଡେୟ ତର୍କପଞ୍ଚାନନ ଶାସ୍ତ୍ରୀ

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ | କୈଳାସଚନ୍ଦ୍ର ବସୁ ମହାଶୟ | ବେହୁରଗା | ଟ ୩ |
| „ | ବ୍ରଜକିଶୋର ଦାସ | ମଦନାସପୁର | ଟ ୩ |
| „ | ଅନନ୍ତମନ୍ଦରତାଷ | ବାମପୁର | ଟ ୩ |
| „ | ଗୀତାମ୍ବର ପାତ୍ରିସ୍ତା | ପାରଳାଖେମିଣ୍ଡି | ଟ ୩ |
| ମୁନସି | ଫାଜଲ ମହମ୍ମଦ | ଛତ୍ରପୁର | ଟ ୩ |
| ବାବୁ | କାନ୍ତ ଚରଣ ପଟନା | | ଟ ୩ |
| „ | ଜଗନ୍ନାଥ ପଣ୍ଡା | କେନ୍ଦାର | ଟ ୩ |
| „ | ବିଦ୍ୟାଧରପତି ଦାସ | ଅନନ୍ତପୁର | ଟ ୩ |
| „ | ଜଗନ୍ନାଥରଥ ଗାଁହେଲେ ବିଷ୍ଣୁପୁର ସ୍କୁଲ ଗୁସ | | ଟ ୧ |
| „ | ଦାମୋଦର ରଥ | କଟକ | ଟ ୧ |

### ବିଜ୍ଞାପନ ।


NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

ଅମୂଲ୍ୟ ଗୋଲାପଜଡ଼ିତ ଭୂଷଣ ଦେଖିଛ କି ?

ଏହା ଗୋଟିଏ ବାସ୍ତବ ଇଂରାଜୀ କେନେଡ଼ିଅନ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁଷ୍ଠି ଏବଂ ଏହା ଅମୂଲ୍ୟ ଇଂଲଣ୍ଡ ଅଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର ଜ୍ୟୋତି



ଚିରସ୍ଥାୟୀ ଅଟେ । ଅଙ୍ଗୁରିର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାପାର ହୀରା ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରିପରି ଦେଖାଯାଏ ।

ବିଜ୍ଞାପ୍ତମୂଲ୍ୟ ପ୍ରତି ଗୋଟାକୁ ଟ ୧ ୯

ଟ ୬ ୯ ରେ—ଗୋ ୬ ଟା "ଗୋଲାପଜଡ଼ି" ଅଙ୍ଗୁଷ୍ଠି ଏବଂ ଗୋଟିଏ ଉତ୍କୃଷ୍ଟ କେନେଡ଼ିଅନ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରିଷ୍ଟବ୍ୟାଣ୍ଡ ଉପହାର ଦିଆଯିବ

ଟ ୭ ୯ ରେ—ଗୋ ୭ ଟା "ଗୋଲାପଜଡ଼ି" ଅଙ୍ଗୁଷ୍ଠି ଏବଂ ଗୋଟିଏ ଚେନ୍ ସହିତ ଅକଟୋ ସିଲଭର ୱାଚ୍ ଉପହାର ।

Miss. K. K. Ker
No. 36 Cathedral Mission Lane
CALCUTTA.


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ।

ଅଭ୍ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜିନ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ଗଳିତ କୁଷ୍ଠ, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଭାଗ୍ୟ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା। ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସର୍ବକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅୟୋଡାଇଡ, ଫସ୍‌ଫରସ ଓ ଡାମିୟାନା ପ୍ରଭୃତି କେତେକ ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି। ଯେବେ ତୁମ୍ଭେ ମନେ କରୁଅଛ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ ହୋଇଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁ ଜୀବନରେ ନୈରାଶ୍ୟ ହୁଅ ନାହିଁ। ଥରେ ଏହି ମହୌଷଧି "ଡ୍ୟାନଜିନ" ସେବନ କରି ଦେଖ ଅର୍ଥାତ୍ ଶୁଭଫଳ ପାଇବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟପଣର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ। କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ଭ୍ରମ "ଡ୍ୟାନଜିନ" ଏତାବେଳେ ଦୂରୀଭୂତ କରିଦେଇଅଛି। ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ଶକ୍ତି ଦେଖାଯାଏ। ସାଲସା—ରୋଗ ଗୁପ୍ତ ରଖେ। ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନଃଆକ୍ରମଣ କରେ ନାହିଁ। ସାଲସାର ଗୁଣ ଅସ୍ଥାୟୀ। ଡ୍ୟାନଜିନ ଗୁଣ ସ୍ଥାୟୀ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିଆ, ମାର୍କାରି ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କଷାୟ ପଦାର୍ଥର ସଂଶ୍ରବ ନାହିଁ। ତଥାପି ଏହାର ଏକ ଅଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଲ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି। ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ।

ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧। ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨। ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩। ବାତ ସମ୍ବନ୍ଧୀୟ ପୀଡ଼ା।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଧୂଆପରି ପଦାର୍ଥ ବାହାର ହେବା। ସ୍ୱୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କର, ମୂର୍ଚ୍ଛାଭୂଲ, ବୁକଧଡ଼ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ତାଳୁଶୋଷ କ୍ଲାନ୍ତି, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି। ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା।—ଗରମୀ ଓ ତଜ୍ଜନିତ ପାରଦ ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଛଡ଼ା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକରେ ଘା, ବାଘି ଘା, ପଞ୍ଚୁଆ, ନାଳିଘା କାଉର, ଭଗନ୍ଦର, ବାତ୍ସ ଲୁତିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି। ବାତ ସମ୍ବନ୍ଧୀୟ ପୀଡ଼ା।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ଏସବୁ ଅବସ୍ଥାରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ ଜଣିବା ବୃଦ୍ଧି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ।

ମୂଲ୍ୟ ପ୍ରତି ବୋତଲ ଟ ୧। ୩ ବୋତଲ ଟ ୩୯୦, ୬ ବୋତଲ ଟ ୭୲ ଓ ୧୨ ବୋତଲ ଟ ୧୩୯୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦।୦ ଅଣା, ୪ ଠାରୁ ୬ ବୋତଲ ଟ ୦।୶ ଅଣା।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଅଇ, ବି, ଜି, ଏଣ୍ଡ କୋଂ କଲିକତା।

I. B. G. & Co. Calcutta Registered Telegraphic address "DANZIN"

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କଷାୟ ଦ୍ରବ୍ୟ ନାହିଁ। ମୂଲ୍ୟ ପ୍ରତି କୌଟା ଟ ୦ ୧ ଡଜନ ଟ ୫୲ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୶

ଡାକ୍ତର ମାର୍ଟିନଙ୍କର "ଅଦ୍ୱିତୀୟ ମଲମ"।—ଯାହାରି ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ।

ମୂଲ୍ୟ ପ୍ରତି କୌଟା ଟ ୧୯୦ ଡଜନ ଟ ୧୦ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୶

ଏଜେଣ୍ଟସ—ଅଇ, ବି, ଜି ଏଣ୍ଡ କୋଂ କଲିକତା

Digitized by srujanika@gmail.com

Split by PDF Splitter






ଡାକ୍ତର ମେଜର ସାହେବଙ୍କ ଆବିଷ୍କୃତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଅଦ୍ଭୁତ ଓ ଅଲୌକିକ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଚଉଦିଗ ଜଗତରେ ଜୟସ୍ତୁତ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ର ମୋହନ ଠାକୁର ... ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଗଉରଚନ୍ଦ୍ର ଦେଓ ବେତାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡି "ଡ୍ୟାକଙ୍କର" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନିଷ୍ଟ ପକାଇ ଦେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ କହି ପାରିବି ନାହିଁ । ମୋତେ ଆଉରି ୩ ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ବରହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର ତଥା ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବେ ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ-ସେହି
"ଇଲେକ୍‌ଟ୍ରୋ ସାଲସା"
ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜେଷ୍ଟାରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !
ଅଦ୍ଭୁତ ଓ ଅଲୌକିକ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାକଙ୍କର ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକଟ୍ରୋ ସାଲସା —ନିଜ ଗୁଣରେ ଚଉଦିଗ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ସେରୂପ ହଜାର ହଜାର ଶିଶି ଵିକ୍ରୟ ହେଉଅଛି ତେଣୁ ଦରିଦ୍ରଙ୍କରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ନବୀନ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଜାଗ୍ରତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟଗତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଗାଜେଟ୍‌ରେ ପ୍ରଚଳିତ ଓ ରକ୍ଷିତ ହେଉଥିବା ସ୍ୱଦେଶୀ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ

Digitized by srujanika@gmail.com

Split by PDF Splitter



ଓ ଅଗ୍ନିବୃଦ୍ଧିଗୁଣବର୍ଦ୍ଧିନ୍ତ୍ରୀ ଅର୍ଥାତ୍ ରୋଗକୁ ଭାଙ୍ଗି ନଷ୍ଟେ କରି—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲେ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧ ସମ୍ପାଦିତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । କତିପୟ ହାସପାତାଲରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ନୃପତି ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏବେ ଅଧିକ ଗୁଣବିଶିଷ୍ଟ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଡ ଫୁଲିବା ଫୁଲେଇ ହୋଇ ଫୁଲି ଉଠିବା, ଗ୍ରନ୍ଥିଫଣ, ଫୁଲି ଗରମି ଓ ପାରଦର ଘା, ନାଳି ଓ ବାଲୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ପାରଦ ଗରମିର ସାଦା ବା କଳାଦାଗ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରଦ ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋସାଲସା ।—ଦୁର୍ବଳ ସ୍ନାୟୁ ଗାଢ଼ କରିବାକୁ ଶୁକ୍ରଧାତୁ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବ, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ମସ୍ତିଷ୍କ ଶୂନ୍ୟ, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ଥିରତା, ନିର୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସାଃ—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ ହୃଷ୍ଟ ଓ କାନ୍ତିଯୁକ୍ତ ହେବ ! ଶରୀରର ଓଜନ କ୍ରମେ ବଢ଼ିଥିବ ।

ଇଲେକ୍ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର କଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ବୃଦ୍ଧ, ଅସୁସ୍ଥ ଅବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍ଟ୍ରୋ ସାଲସା" ଭୂମ୍ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତିକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨୧ ଙ୍କ ତିନି ଶିଶି ଟ ୫୷
୭ ଶିଶି ଟ ୧୦୷ ଡଜନ ଟ ୨୦୧

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକଟ୍ରୋ ସାଲସାର ;—ଆବିଷ୍କର୍ତ୍ତା—ଡାକ୍ତର କେମଟ୍, ମେକର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ଭୂତପୂର୍ବ ଆମେରିକା । ଭାରତ ବର୍ଷରେ ଏକମାତ୍ର ଏଜେଣ୍ଟ ଓ ସ୍ୱତ୍ୱାଧିକାରୀ;— "ଟବଲିଉ, ମେକର ଏଣ୍ଡ କୋମ୍ପାନୀ," କଲିକତା

# ଫଳେନ ପରିଚୀୟତେ

ବହୁଗୁଣ ଶ୍ରେଷ୍ଠତର କର ଉତ୍କଳରେ

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ବିଶୁଦ୍ଧ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

## ବ୍ରାହ୍ମୀ ଘୃତ

ଅଧୁନା ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ସେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପ ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ଜ୍ୟୋତି ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ସହିଲେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଟିଣର ମୂଲ୍ୟ ଟ ୨୧

## ଶୁକ୍ରବର୍ଦ୍ଧକବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୷ ମାତ୍ର ।

## କଲ୍ୟାଣରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦିଦୋଷଜନିତ ଶରୀରରେ ଫଳା ଓ ଫଟା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର୍ଯ୍ୟ ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୷ ମାତ୍ର ।

ଏକକେ ଅଧିକ ନେଲେ ଟ ୫୧ ରେ କମିବ ।

| | | |
|---|---|---|
| ଚୌଧୁରୀ ବଜାର | } | ଶ୍ରୀ ଉକ୍ତ କର ଚଉଧୁରୀ |
| | | ଅନ୍ନପୂର୍ଣ୍ଣା |
| କଟକ | } | ଆୟୁର୍ବେଦୀୟ ଔଷଧାଳୟ । |

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୦ ॥୯ |
| ଅଧସ୍ତମ୍ଭକୁ | ୫ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଟିକିଟେ ନ ହୁଏ କେବଳ, ଡାକ୍ତିକ ଖର୍ଚ୍ଚ ୪୦ ଏ ଖାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଲାଗିବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ... ଛାପାଖାନାରେ ... ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81.




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

୩୮ ଭାଗ | CUTTACK, SATURDAY THE 14th February 1903 | ଅଗ୍ରିମ ଟ ୩୯
୭ ସଂଖ୍ୟା | ତା ୩ ରା ଫାଲଗୁନ ସନ ୧୩୧୦ ସାଲ ଶନିବାର | ପଶ୍ଚାଦେୟ ଟ ୬୯


## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

### ନୂତନପଞ୍ଜିକା ।

ଯଦ୍ବାରା ୧୮୨୫ ଶକ ୧୩୧୦ ଓ ୧୩୧୧ ଇଂରେଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବାପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାମତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

ବଡ଼ପଞ୍ଜିକା ଟ ୦।
ଛୋଟପଞ୍ଜିକା ଟ ୦।୬

ଡାକମାସୁଲ ବଡ଼ପାଞ୍ଜି ଖ ୧ ଖଣ୍ଡକୁ ଟ ୦/ ଛୋଟପାଞ୍ଜି ଖ ୧ ଖଣ୍ଡଠାରୁ ଖ ୭ ଖଣ୍ଡ ପର୍ଯ୍ୟନ୍ତ ଟ ୦।୬ । ବଡ଼ପାଞ୍ଜି ଖ ୧୦ ଖଣ୍ଡ ଏକତ୍ର ନେଲେ ଡାକମାସୁଲ ପଡିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

Is hereby given that a scholarship of Rs. 12 (Twelve) per month tenable for 3 years in the Bengal Veterinary College will be awarded by the District Board of Cuttack. The candidates should apply to the undersigned before the 25th instant in the following form. Preference will be given to those who have fair knowledge in English.

FORM OF APPLICATION.

1. Name of the Candidate and his age.
2. Name of his father and his residence.
3. Qualification of the candidate
4. His physical fitness and certificate of moral character and any other remarks he wants to make regarding himself.

Cuttack District Board office
10-2-1903.
J. C. Chander
*Vice-Chairman.*

---

Is hereby given that a scholarship of Rs. 20 (Twenty) per month tenable for 4 years at the Sibpur Civil Engineering College will be given by the District Board of Cuttack. The Candidates must have passed the F. A. Examination of the Calcutta University or the B. A. Examination in the B. course in Physics and Chemistry. They should have proficiency in Mathematics. The age of the candidates, who have passed the F. A. Examination must be under 21 years, and of the candidates who have passed the B. A. Examination under 23 years. Candidates will have to give a guarantee that they shall continue their study for 4 full academical years.

Preference will be given to natives of Orissa. Applications are to be made to the Chairman of the District Board of Cuttack up to 15th March next.

Other informations may be furnished to the applicant on application to the District Board's office.

District Board's office
Cuttack
10-2-1903.
J. C. Chander
*Vice-Chairman.*

---

Wanted a temporary Clerk for three years for the Office of the Secretary, on a salary of Rs. 30 rising to Rs. 40 by biennial increment of Rs. 2-8 per month. The candidate selected will be taken on probation for six months and there is every likelihood of the appointment being made permanent. Applications with copies of testimonials will be received by the undersigned up to 10th February 1903.

Baripada
the 24th January
1903
Hari Madhav Mukhurji
*Secretary to H. H.*
*The Maharaja of*
*Mourbhanj.*

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଅମ୍ଭେମାନେ ଶୁଣିଲୁଁ ଯେ ପୁରୀ ରାଜାଙ୍କ ଦେଉଳ କାର୍ଯ୍ୟ ଓ ଇଲାକା ବୁଝିବା ନିମନ୍ତେ ଡେପୁଟୀ କଲେକ୍ଟର ବାବୁ ରାଜକିଶୋର ଦାସ ନିଯୁକ୍ତ ହୋଇଅଛନ୍ତି । ସରକାରଙ୍କ ସର୍ବ୍ବାନୁଯାୟୀ ମାନେଜରଙ୍କୁ କ୍ଷମତା ଦେବାର କଥା ହେଉଅଛି । ପ୍ରସ୍ତାବ ଅତି ଉତ୍ତମ ହୋଇଅଛି ।

---

ଗିଧୋରର ମହାରାଜା ସର ରବନେଶ୍ୱର ପ୍ରସାଦ ସିଂହ ବାହାଦୁର କେ, ସି, ଆଇ, ଇ, କଲିକତା ମିଉନିସିପାଲିଟିର ଚେଅରମାନ ଶ୍ରୀ ଆର, ଟି, ଗ୍ରିଅର ଏବଂ ବଙ୍ଗୀୟ ଗବର୍ଣ୍ଣମେଣ୍ଟର ପବ୍ଲିକ ଓ୍ୟାର୍କ ବିଭାଗର ସେକ୍ରେଟରୀ ଶ୍ରୀ ଉଇଲିୟମ୍ସ୍, ଇଂଲିସ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟ ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଭାରତୀୟ ପୁଲିସ କମିଶନ ବୃଦ୍ଧ ରାଜ୍ୟର ଅନୁସନ୍ଧାନ କାର୍ଯ୍ୟ ଶେଷ କରି ମାନ୍ଦ୍ରାଜକୁ ଆସିଅଛନ୍ତି । ଉକ୍ତ କମିଶନର ଜଣେ ସଭ୍ୟ ଦରଭଙ୍ଗାର ମହାରାଜା ସମୁଦ୍ର ଯାତ୍ରାର ଅସୁବିଧା ହେତୁ ବ୍ରହ୍ମକୁ ଯାଇ ନ ଥିଲେ । ସେ ଗତ ତା ୭ ରଖ ଦିନରେ ଆପଣାର ମାତା ଓ ମହାରାଣୀଙ୍କୁ ନେଇ କଲିକତାରୁ ପୁରୀକୁ ଯାତ୍ରା କରିଥିଲେ । ତୀର୍ଥକାର୍ଯ୍ୟ ଶେଷ କରି କମିଶନ ସଙ୍ଗେ ଯୋଗ ଦେବା କାରଣ ମାନ୍ଦ୍ରାଜକୁ ଯାତ୍ରା କରିଅଛନ୍ତି ।

---

ଗତ ମାସ ତା ୧୩ ରଖରେ ସୋସାଇଟି ଦ୍ୱୀପପୁଞ୍ଜରେ ଭୀଷଣ ତୋଫାନ ଏବଂ ସମୁଦ୍ର ତରଙ୍ଗଦ୍ୱାରା ଏକ ସହସ୍ର ଲୋକ ପ୍ରାଣ ହରାଇ ଥିବାର ଏବଂ ଗୋ ୮୦ ଟା ଦ୍ୱୀପ ଧୋଇ ଯାଇ ଥିବାର ସମ୍ବାଦ ଆସିଅଛି । ଉକ୍ତ ଦ୍ୱୀପପୁଞ୍ଜ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ । ପ୍ରଧାନ ଦ୍ୱୀପର ଆୟତନ ୪୬୩ ବର୍ଗମାଇଲ ଏବଂ ଅନ୍ୟ ସମସ୍ତ ଦ୍ୱୀପର ଆୟତନ ୨୦୦ ବର୍ଗମାଇଲରୁ ଅଧିକ ନୁହେଁ । ଏହି ଦ୍ୱୀପପୁଞ୍ଜର ଲୋକସଂଖ୍ୟା ପ୍ରାୟ ୧୬୦୦୦ ଏବଂ ଏହା ଫରାସିମାନଙ୍କ ଅଧିକୃତ । ଏଥିରେ ନଡ଼ିଆ, ତୁଳା, ଆଖୁ ଇତ୍ୟାଦି ଫସଲ ହୁଅଇ ଏବଂ ନାନା ଫଳ ବୃକ୍ଷାଦି ଥିବାରୁ ଏହା ପ୍ରଶାନ୍ତ ସାଗରର ଉଦ୍ୟାନ ନାମରେ ପରିଚିତ ।

---

ପୁରୀ ମଣ୍ଡଳର ପୁଲିସ ପଦସ୍ଥ କାର୍ଯ୍ୟ କର୍ମଚାରୀ ବିଷୟ ତଦନ୍ତ କରିବା କାରଣ ଅନ୍ତତଃ ମଧ୍ୟରେ ଗୋଟିଏ କମିଶନ ବା ସମିତି ବସିବ । ସମିତିର ଅନ୍ୟାନ୍ୟ ସଭ୍ୟମଧ୍ୟରେ ସ୍ପେସିଆଲ ମାଜିଷ୍ଟ୍ରେଟ ଓ ରାୟ ମଧୁସୂଦନ ଚୌଧୁରୀ ବାହାଦୁର ପୁଲିସ ଇନ୍ସପେକ୍ଟର ସୁପ୍ରଣ୍ଟମାନେ ରହିବେ । ପୁରୀରେ ନିକଟରେ ଯେ ସମସ୍ତ ଘଟଣା ହୋଇ ଯାଇଅଛି ତହିଁ ସଙ୍ଗେ ଏଥିର କିଛି ସମ୍ବନ୍ଧ ଥିବାର ଅନୁମାନ ହୁଅଇ । ଆଶାକରୁଁ ସମିତି ଉପଯୁକ୍ତ ଲୋକଙ୍କର ସାକ୍ଷ୍ୟ ଗ୍ରହଣ କରି ଏମନ୍ତ ବନ୍ଦୋବସ୍ତର ରପୋର୍ଟ କରିବେ ଯହିଁରେ କି ସେବକଙ୍କ କାର୍ଯ୍ୟ ପୁଲିସ ହାତକୁ ବାହାରିଯିବ ନାହିଁ ଓ ଯାତ୍ରୀମାନେ ଅନର୍ଥକ କଷ୍ଟରୁ ରକ୍ଷା ପାଇବେ ।

---

ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ ସମିତିର ରପୋର୍ଟ ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କ ନିକଟକୁ ଯେଉଁ ପତ୍ର ଲେଖିଅଛନ୍ତି ତହିଁର ଉତ୍ତର ଦେବା କାରଣ ଉକ୍ତ ଗବର୍ଣ୍ଣମେଣ୍ଟମାନେ ନିଜ ନିଜ ଏଲାକାର ବେସରକାରୀ ଭଦ୍ରଲୋକଙ୍କର ମତାମତ ନେଉଅଛନ୍ତି । ବଙ୍ଗୀୟ ଲେଫ୍ଟନାଣ୍ଟଗବର୍ଣ୍ଣରଙ୍କ ଅନ୍ୟାନ୍ୟ ବ୍ୟକ୍ତି ମଧ୍ୟରେ କଲିକତାର ବାବୁ ସାରଦା ଚରଣ ମିତ୍ର ଓ ବାବୁ ସାଲିଗ୍ରାମ ସିଂହ ଏବଂ ଏ ନଗରର ବାବୁ ମଧୁସୂଦନ ଦାସଙ୍କ ମତ ନେଉଥିବାର ଶୁଣି ଆନନ୍ଦିତ ହେଲୁଁ । ଏମାନେ ଜନସାଧାରଣଙ୍କର ମତ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ଯୋଗ୍ୟ ବ୍ୟକ୍ତି ସନ୍ଦେହ ନାହିଁ ।

---

କଟକ ସଦରର ଡେପୁଟି କଲେକ୍ଟର ବାବୁ ଯାମିନୀମୋହନ ଦାସ କନିକା ଇଲାକାର ମାନେଜର ପଦରେ କିଛିକାଳ ନିମନ୍ତେ ନିଯୁକ୍ତହୋଇ ଯାଉଅଛନ୍ତି । ରାଜା ତାହାଙ୍କୁ ମାସକୁ ଟ ୭୦୦୯ ଦେବାକୁ ପ୍ରସ୍ତୁତ ଥିଲେ, ମାତ୍ର ଗବର୍ଣ୍ଣମେଣ୍ଟ ଟ ୫୦୦ ୯ ଙ୍କା ଧାର୍ଯ୍ୟ କରିଅଛନ୍ତି । ବାବୁ ମହୋଦୟ ବନ୍ଦୋବସ୍ତରେ କାର୍ଯ୍ୟ କରି ନିଜ ସୁଦକ୍ଷତାର ପରିଚୟ ଦେଇଥିଲେ ଓ ଏଠା କଲେକ୍ଟରୀ ମହଲୁମାନେ ଗୋଟିଏ ପ୍ରଧାନ ହାକିମ ଥିଲେ । ବହୁକାଳ ଓଡ଼ିଶାରେ ଥାଇ ଓଡ଼ିଶାର ଅବସ୍ଥା ଉତ୍ତମରୂପେ ଅବଗତ ହୋଇଅଛନ୍ତି । ଏମନ୍ତ ଉପଯୁକ୍ତ କର୍ମ୍ମଚାରୀ କନିକା ଇଲାକା ବୁଝିବା ନିମନ୍ତେ ଯାଉଅଛନ୍ତି ଏଥିରେ ସେ ଇଲାକାର ମଙ୍ଗଳ ମାତ୍ର ହେବାର ଯତ ବୋଲିବାକୁ ହେବ ।

---

ବଙ୍ଗୀୟ ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ବିଜ୍ଞାପନ ଦେଇଅଛନ୍ତି କି ବିଶ୍ୱବିଦ୍ୟାଳୟର ଉପାଧିଧାରୀଙ୍କୁ ଅନୁସନ୍ଧାନ ବୃତ୍ତି ସ୍ୱରୂପ ଚଳିତବର୍ଷରେ ତିନୋଟି ବୃତ୍ତି ଦିଆଯିବ । ପ୍ରତ୍ୟେକ ବୃତ୍ତିର ମାସିକ ମୂଲ୍ୟ ଟ ୧୦୦୯ ଙ୍କା ଅଟେ । ଏହି ବୃତ୍ତି ପ୍ରଥମେ କି ୧ ବର୍ଷ ସକାଶେ ଏବଂ ସନ୍ତୋଷଜନକ ହେଲେ କି ୩ ବର୍ଷ ସକାଶେ ଦିଆଯିବ । ସନ ୧୯୦୦ ସାଲ ଓ ତହିଁପରଠାରୁ ଯେଉଁମାନେ ଏମ, ଏ, କିମ୍ବା ଏମ, ଡି, ଅଥବା ଡି, ଏଲ, କିମ୍ବା ଏମ, ଇ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ବିଶେଷ ଯୋଗ୍ୟତା ଦେଖାଇପାରିବେ ସେହିମାନଙ୍କର ଆବେଦନ ଗ୍ରାହ୍ୟ ହେବ ଏବଂ ଚଳିତମାସ ତା ୧୫ ରଖ ମଧ୍ୟରେ ଡାଇରେକ୍ଟର ମହାଶୟଙ୍କ ସମୀପକୁ ଆବେଦନ ପତ୍ର ପଠାଇବାକୁ ହେବ ।

---

ସବ ଡେପୁଟିମାନଙ୍କ ବୟସ ଇତ୍ୟାଦିର ସୀମା ମଧ୍ୟରେ ଡେପୁଟି କଲେକ୍ଟରୀ ପଦ ପାଇବାର ପ୍ରତିଯୋଗିତା ପରୀକ୍ଷାରେ ଉପସ୍ଥିତ ହେବାର ଅନୁମତି ଦେବା ସମ୍ବନ୍ଧରେ ବଙ୍ଗୀୟ ବ୍ୟବସ୍ଥାପକସଭାର ଗତ ଅଧିବେଶନରେ ଗୋଟିଏ ପ୍ରଶ୍ନ ହେବାରୁ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଏହି ଉତ୍ତର ପ୍ରଦତ୍ତ ହୋଇଅଛି କି ଯେଉଁମାନେ ଥରେ ପରୀକ୍ଷା ଦେଇ ସବ ଡେପୁଟି ପଦ ଗ୍ରହଣ କରିଅଛନ୍ତି ସେମାନଙ୍କୁ ପୁନର୍ବାର ପ୍ରତିଯୋଗିତା ପରୀକ୍ଷାରେ ଉପସ୍ଥିତ ହେବା କାରଣ ଅନୁମତି ଦେବାରେ ଗୁରୁତର ଆପତ୍ତି ଅଛି । ସବ ଡେପୁଟିମାନଙ୍କ ମଧ୍ୟରୁ ଉତ୍ତମ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବାଛି ଡେପୁଟି କଲେକ୍ଟରୀପଦରେ ଉନ୍ନତ କରିବାର ଯେଉଁ ନିୟମ ବର୍ତ୍ତମାନ ପ୍ରଚଳିତ ଅଛି ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ତାହାହିଁ ଅଗ୍ରଗଣ୍ୟ ଅଟେ ।

---

କଲିକତା ପ୍ରେସିଡେନ୍ସୀ କଲେଜର ବିଜ୍ଞାନ ଅଧ୍ୟାପକ ଡାକ୍ତର ଜେ, ସି, ବୋସ ନୂତନ ବୈଜ୍ଞାନିକ ତତ୍ତ୍ୱ ଆବିଷ୍କାରଦ୍ୱାରା ଇଉରୋପ ବିଦ୍ୱାନମଣ୍ଡଳୀରେ ମହା ସୁଖ୍ୟାତି ଲାଭ କରିଥିବାର ପାଠକମାନଙ୍କୁ ଜଣା ଅଛି । ସେ କେତେ ଦିନ ହେଲା କଲିକତାକୁ ଫେରି ଆସିଥିଲେହେଁ ନାନା କାରଣରୁ ତାହାଙ୍କର ସମୁଚିତ ଅଭ୍ୟର୍ଥନାରେ ବିଲମ୍ବ ଘଟିଥିଲା । ଗତ ଶ୍ରୀପଞ୍ଚମୀ ଦିନ କଲିକତାର ସଙ୍ଗୀତ ସମାଜ ତାହାଙ୍କର ସମ୍ମାନାର୍ଥେ ଗୋଟିଏ ବୃହତ ସଭା କରିଥିଲେ ଏବଂ କୁଚବିହାରର ମହାରାଜା ସଭାପତି ହୋଇଥିଲେ ଅନେକ ବିଦ୍ୱାନ ପଣ୍ଡିତ ଏବଂ ସମ୍ଭ୍ରାନ୍ତବ୍ୟକ୍ତି ସଭା-

Digitized by srujanika@gmail.com

Split by PDF Splitter



ରେ ଯୋଗ ଦେଇଥିଲେ । ସଭା ଡାକ୍ତର ବୋଷ ମହାଶୟଙ୍କୁ ସଂସ୍କୃତ ଭାଷାରେ ଗୋଟିଏ ଅଭିନନ୍ଦନ ପତ୍ର ଏକ ଯୋଡ଼ା ଉତ୍କୃଷ୍ଟ ଶାଲ ଲୁଗା ପ୍ରଦାନ ଏବଂ ପୁଷ୍ପ ଚନ୍ଦନାଦିଦ୍ୱାରା ତାହାଙ୍କର ଯଥୋଚିତ ସମ୍ମାନ କଲେ । ସଙ୍ଗୀତ ସମାଜର ଏ କାର୍ଯ୍ୟଟି ବଡ଼ ପ୍ରୀତିକର ଅଟେ । ଡାକ୍ତର ବୋଷଙ୍କର ସୁଖ୍ୟାତିରେ ଏହା ବଙ୍ଗଳା ନାହିଁ କି ସମସ୍ତ ଭାରତର ଗୌରବ ବଢ଼ିଅଛି ।

---

ବର୍ଦ୍ଧମାନର ମହାରାଜାଧିରାଜ ବିଜୟଚନ୍ଦ୍ର ମହତାବ ବାହାଦୁରଙ୍କର ଅଭିଷେକୋତ୍ସବ ମହା ସମାରୋହରେ ଗତ ମଙ୍ଗଳବାର ସୁସମ୍ପନ୍ନ ହେଲା । ତହିଁ ପୂର୍ବଦିନ ସୋମବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଚାରିଦିନ ବର୍ଦ୍ଧମାନ ସହର ଦିବାରାତ୍ର ଆନନ୍ଦରେ ଭାସୁଥିଲା । ସ୍ୱୟଂ ବଙ୍ଗେଶ୍ୱର ସଦଳବଳରେ ମଙ୍ଗଳବାର ଘ ୧୦ ଟା ବେଳେ ବର୍ଦ୍ଧମାନରେ ପହୁଞ୍ଚି ଦିବା ଦୁଇପ୍ରହର ସମୟରେ ଦରବାରରେ ମହାରାଜାଙ୍କୁ ସନନ୍ଦ ପ୍ରଦାନ କଲେ । ସନ୍ଧ୍ୟାବେଳେ ରୋଶନାଇ ଓ ଆତସବାଜି ଏବଂ ରାତ୍ରରେ କଲିକତାର ଥିଏଟର ନାଟକାଭିନୟ କରିଥିଲେ ଓ ଅନେକ ନାଚ ଓ ଯାତ୍ରା ହୋଇଥିଲା । କଲିକତା ଓ ଅନ୍ୟାନ୍ୟ ସ୍ଥାନର ଅନେକ ମାନ୍ୟଗଣ୍ୟ ଇଉରୋପୀୟ ଏବଂ ଦେଶୀୟ ବ୍ୟକ୍ତିମାନେ ଆମନ୍ତ୍ରିତ ହୋଇ ଯାଇ ଉତ୍ସବର ଶୋଭା ବଢ଼ାଇଥିଲେ । ଉତ୍ସବର ସମସ୍ତ ବ୍ୟାପାର ଯଥୋଚିତ ଆଡ଼ମ୍ବର ସହିତ ନିର୍ବାହ ହୋଇଗଲା, କୌଣସି ବିଘ୍ନ ଘଟି ନାହିଁ ବଡ଼ ସୁଖର ବିଷୟ ଅଟେ ।

---

ଅଭିଷେକୋତ୍ସବ ଉପଲକ୍ଷରେ କେବଳ କଲିକତାରେ ଦରିଦ୍ରମାନଙ୍କୁ ଯେଉଁ ଭୋଜି ଦିଆଯାଇଥିଲା ସେ ସମ୍ବନ୍ଧରେ କଲିକତାର ସମ୍ବାଦପତ୍ରମାନଙ୍କରେ ଭାରି ଆନ୍ଦୋଳନ ଲାଗିଅଛି । ତହିଁର ସାର କଥା ଏହିକି ମୁସଲମାନ ଦରିଦ୍ରମାନଙ୍କୁ ଖୁଆଇବାର ଭାର ଯାହାଙ୍କ ଉପରେ ଥିଲା ସେମାନଙ୍କର କାର୍ଯ୍ୟରେ ଭାରି ବିଶୃଙ୍ଖଳା ଘଟିଥିଲା । ଅନେକ ଗରିବ ଉପାସ ବା ଦରପେଟା ଫେରି ଆସିଲେ ଓ କେହି ଭୁଖ ପଲଉ ବା କୋରମାରେ ଭୋଜନ ଶେଷ କଲେ । ଗୋରା ସିପାହିଙ୍କ ଅଯଥା ଜୁଲମରେ କେତେକେତେ ଲୋକ ଭୋଜନ ସ୍ଥାନରେ ପ୍ରବେଶ କରି ପାରିଲେ ନାହିଁ । କଥିତ ହୁଅଇ ଲାଟ ସାହେବ ଭୋଜି ଦେଖିବା ସମୟରେ ଜଣେ କଙ୍ଗାଳ କହିଥିଲା ହଜୁର ହମ୍ ଭୁଖା ହେ । ଲାଟ ମହୋଦୟ ମୁସଲମାନ ତତ୍ତ୍ୱାବଧାରକଙ୍କୁ ସେ କଣ କହୁଅଛି ପଚାରନ୍ତେ ସେ ଉତ୍ତର ଦେଲେ ଯେ ସେ ଭୋଜନର ପ୍ରଶଂସା କରୁଅଛି । ଲର୍ଡ କର୍ଜନଙ୍କ ପରି ବିଚକ୍ଷଣ ଲାଟ ସାହେବ କି ୪ ବର୍ଷ ଭାରତରେ ରହି ହିନ୍ଦି କଥା ବୁଝିପାରି ନାହାନ୍ତି ?

---

କଲିକତାରୁ ଡାକ୍ତର ହଚିନ୍‌ସନ ଏଠାକୁ ଆସି ମାନ୍ଦ୍ରାଜ, କଲିକତା, ସିମଲା ଓ ବମ୍ବାଇଠାରେ ରହି କୁଷ୍ଠରୋଗ ସମ୍ବନ୍ଧରେ ତଦନ୍ତ କରୁଅଛନ୍ତି । ତାଙ୍କ ମତରେ କୁଷ୍ଠରୋଗ ଏକପ୍ରକାର କୀଟାଣୁଦ୍ୱାରା ଜାତ ହୁଏ । ସେ କୀଟ ନିଃଶ୍ୱାସ ଅଥବା ଚର୍ମଛିଦ୍ରଦ୍ୱାରା ଶରୀରରେ ପ୍ରବେଶ ନ କରି ଅନ୍ୟ କୌଣସି ରୂପେ ଶରୀରରେ ପ୍ରବିଷ୍ଟ ହୋଇ ପାକ ସ୍ଥଳରେ ପହୁଞ୍ଚିଲେ କୁଷ୍ଠରୋଗ ଜାତ ହୁଏ । କୁଷ୍ଠ ରୋଗିଙ୍କ ହାତରୁ ଖାଦ୍ୟ ନେଇ ଖାଇଲେ ରୋଗ ଜାତ ହୁଏ ମାତ୍ର ପିଲାଙ୍କ ଛଡ଼ା ଅନ୍ୟ ଲୋକେ ଏତଦ୍ୱାରା ରୋଗାକ୍ରାନ୍ତ ହେବାର ଦେଖା ନ ଯାଏ । ଶୁଖୁଆ ସଡ଼ି ଯିବା ଅବସ୍ଥାରେ ଉତ୍ତମରୂପେ ପାକ କରି ନ ଖାଇଲେ ଏ ରୋଗ ଜାତ ହୁଏ ମାତ୍ର ଅନ୍ୟ କୌଣସି ମାଛରେ ଏ କୀଟାଣୁ ନ ଥାଏ । ସବୁ ମାଛରେ ମଧ୍ୟ ଏ କୀଟାଣୁ ନ ଥାଏ ମାତ୍ର ଦୂରବର୍ତ୍ତୀ ସ୍ଥାନ ଏବଂ ସମୁଦ୍ରରୁ ଆସିବା ମାଛରେ ଏହା ସତରାଚର ଦେଖା ଯାଏ । ଯେଉଁମାନେ ଆଦୌ ମାଛ ନ ଖାନ୍ତି ସେମାନଙ୍କର ରୋଗ କୁଷ୍ଠ ରୋଗିଙ୍କ ସଙ୍ଗେ ଏକତ୍ର ଖାଇବା ଦୋଷରୁ ହୁଏ । ଡାକ୍ତର ସାହେବ ଏହି କେତୋଟି ମତ ସମ୍ବନ୍ଧରେ ତଦନ୍ତ କରିବାକୁ ଆସିଅଛନ୍ତି ଏବଂ କୁଷ୍ଠରୋଗ ଅନ୍ୟ କୌଣସି କାରଣରୁ ଜାତ ହେବାର କେହି କହିଲେ ସେ ସେଥିର ମଧ୍ୟ ତଦନ୍ତ କରିବେ । ଗୋମାଂସ ଭୋଜନାଦିରୁ କୁଷ୍ଠରୋଗ ଜାତ ହେବାର ସାହେବଙ୍କ ଜଣା ନାହିଁ ପରା !

---

ମୁରସିଦାବାଦ ଲାଲଗୋଲାର ରାଜା ଯୋଗେନ୍ଦ୍ର ନାରାୟଣ ରାୟ ଜଳଦାନ ପାଣ୍ଠି ସ୍ୱରୂପ ଏକ ଲକ୍ଷ ଟଙ୍କା ସରକାରରେ ଜମା କରିବାରୁ ମାନ୍ୟବର ବଙ୍ଗେଶ୍ୱର ଦାନ ସମ୍ବନ୍ଧୀୟ ସରକାରୀ ଖଜାଞ୍ଚିଙ୍କ ହାତରେ ଉକ୍ତ ଟଙ୍କା ଜମାକରି ତହିଁର କାର୍ଯ୍ୟ ନିର୍ବାହାର୍ଥେ ଗୋଟିଏ ଟ୍ରଷ୍ଟି ବା ମାରଫତଦାର ସମିତି ନିଯୁକ୍ତ କରିଅଛନ୍ତି । ଉକ୍ତ ଟଙ୍କାର ବାର୍ଷିକ ସୁଧ ଖଜାଞ୍ଚି ମାରଫତଦାର ସମିତିକୁ ପ୍ରଦାନ କରିବେ ଓ ସମିତି ତହିଁରେ ପ୍ରଥମେ ମୁରସିଦାବାଦ ଜିଲ୍ଲାରେ ୫୦ ଟା ପକ୍କାକୂଅ ଖୋଳାଇଦେବେ ଓ ତହିଁଉତ୍ତାରୁ ବଙ୍ଗଳାର ଯେଉଁ ଜିଲ୍ଲାରେ ଦରକାର ହେବ ସେଠାରେ ଏକ ବା ତତୋଧିକ କୂଅ ଖୋଳାଇଦେବେ । ପ୍ରତ୍ୟେକ କୂଅର ବ୍ୟାସ ୭ ଫିଟରୁ ଅଧିକ ହେବ ନାହିଁ ଏବଂ ତହିଁରେ ଗୋଟିଏ ପଥରରେ ନିମ୍ନଲିଖିତ କଥା ବଙ୍ଗଳାରେ ଲେଖାଯିବ ଯଥା— "ଜିଲ୍ଲା ମୁରସିଦାବାଦ ଲାଲଗୋଲା ନିବାସି ରାଜା ଯୋଗେନ୍ଦ୍ରନାରାୟଣ ରାୟଦ୍ୱାର ତାହାଙ୍କର ସ୍ୱର୍ଗୀୟା ମାତା ରାଣୀ ଶ୍ୟାମାସୁନ୍ଦରୀ ଦେବୀଙ୍କ ସ୍ମରଣାର୍ଥ ଉତ୍ସର୍ଗିତ ସନ ତାରିଖ ।" ଯେବେ କୌଣସି ସମୟରେ ଜଣାଯିବ ଯେ ବଙ୍ଗଳାର ସକଳ ଜିଲ୍ଲାରେ ପ୍ରୟୋଜନ ଅନୁସାରେ କୂଅ ଖୋଳା ହୋଇଅଛି ତେବେବେଳେ ମାରଫତଦାରମାନେ ପୁଷ୍କରିଣୀ ଖୋଳାଇବା ଅଥବା ଓଝଲାଇବା କାର୍ଯ୍ୟରେ ଅଥବା ଅନ୍ୟପ୍ରକାରେ ଜଳ ଯୋଗାଇବା କାର୍ଯ୍ୟରେ ଉକ୍ତ ପାଣ୍ଠିର ଉପସତ୍ତ୍ୱ ବ୍ୟୟ କରିବେ ।

---

ଶ୍ରୀଯୁକ୍ତ ଆଣ୍ଡ୍ରୁ କାରନେଜି ଆମେରିକାର ଜଣେ ପ୍ରଧାନ ଲୌହ ବ୍ୟବସାୟୀ ଏବଂ ବଡ଼ ଧନୀ ଅଟନ୍ତି । ସେ ସ୍ୱଦେଶର ହିତାର୍ଥେ କୋଟି୨ ଟଙ୍କା ଦାନ କରିଅଛନ୍ତି । ଭାରତକୁ କିଛି ଦାନ ନ କରିବା କଥା କେହି ତାହାଙ୍କୁ ଜଣାଇବାରେ ସେ ଉତ୍ତର ଦେଇଥିଲେ କି ଭାରତର ଅବସ୍ଥା ତାହାଙ୍କୁ କିଛି ଜଣା ନାହିଁ ଏବଂ ସେଠାର ଅଭାବ ମୋଚନ କରିବା ଇଂଲଣ୍ଡର କର୍ତ୍ତବ୍ୟ ଅଟେ । ମାତ୍ର ସେ ବିଷୟ ବିବେଚନା କରିବେ ବୋଲି କହିଥିଲେ । ସମ୍ପ୍ରତି ଆନନ୍ଦସହିତ ଅବଗତ ହେଲୁଁ ଯେ ତାହାଙ୍କର ଅଂଶୀ ଶ୍ରୀଯୁକ୍ତ ହେନରି ଫିପସ୍ ସାହେବ ଏକଲକ୍ଷ ଡଲାର ଅର୍ଥାତ ୩ଲକ୍ଷ ଟଙ୍କା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇ ଦେଇ ଭାରତର କୌଣସି ହିତ କାର୍ଯ୍ୟରେ ଅଥବା ବୈଜ୍ଞାନିକ ଅନୁସନ୍ଧାନରେ ଉକ୍ତ ଟଙ୍କା ଖଟାଇବାର ଅନୁରୋଧ କରିଅଛନ୍ତି । ଏ ପର ଉକ୍ତ ଦାତା ଭାରତର ଲାଟପତ୍ନୀ ଶ୍ରୀମତୀ କର୍ଜନଙ୍କର ଦେଶୀୟ ସ୍ତ୍ରୀ ଚିକିତ୍ସା ପାଣ୍ଠିକୁ ୧୦ ହଜାର ଡଲାର ବା ୩୦ ହଜାର ଟଙ୍କା ଦାନ କରିଅଛନ୍ତି । ଏ ଟଙ୍କା ସ୍ତ୍ରୀ ଚିକିତ୍ସା ଶିକ୍ଷାର ବୃତ୍ତି ପାଣ୍ଠିରେ ଯୋଗ ହୋଇଅଛି ଏବଂ ଉକ୍ତ ପାଣ୍ଠିର ସମଷ୍ଟି ୭ ଲକ୍ଷ ଟଙ୍କା ହୋଇଅଛି । ମାତ୍ର ଉପରିଲିଖିତ ୩ ଲକ୍ଷ ଟଙ୍କା ଦାନ ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରିବାର ଜଣା ଯାଇ ନାହିଁ । ସମ୍ଭବତଃ ତାହା ବିଚାରାଧୀନରେ ଅଛି ଏବଂ ଆଶା ହୁଅଇ କୌଣସି ସ୍ଥାୟୀ ହିତକର ବିଷୟରେ ତାହା ବ୍ୟୟ ହେବ । ଦରିଦ୍ର ଭାରତବାସିଙ୍କର ବ୍ୟବସାୟ ବା କୃଷି ଶିକ୍ଷାରେ ଏ ଟଙ୍କା ନିଯୁକ୍ତ ହେଲେ ଅଧିକ ସନ୍ତୋଷର ବିଷୟ ହେବ ।

---

Digitized by srujanika@gmail.com

Split by PDF Splitter



ଏ ନଗରରେ ପୁସ୍ତକାଗାର ସ୍ଥାପନ ନିମନ୍ତେ ନିଯୁକ୍ତ ହୋଇଥିବା ସବ କମିଟିଗଣ ପୂର୍ବ ଶୁକ୍ରବାର ସକାଳେ ଜୁବିଲି ପାର୍କ ବା ଉଦ୍ୟାନ ଦେଖିବାକୁ ଯାଇଥିଲେ । ସେ ସ୍ଥାନଟି ଏତେଦୂର ମନୋନୀତ ହେଲା ଯେ ସ୍ୱ ଦଉବକ୍ଷବ ବୋଷ ଟାଉନ ହଲ ନାମକ ଯେଉଁ ସାଧାରଣ ଅଟ୍ଟାଳିକା ଏ ନଗରକୁ ଦାନ କରିବାକୁ ମନସ୍ଥ କରିଅଛନ୍ତି ତାହା ଏ ପୁସ୍ତକାଗାର ସଲଗ୍ନରେ ଏହି ସ୍ଥାନରେ ନିର୍ମିତ ହେଲେ ଏବଂ ଉନ୍ନୟକ କ୍ଳବ ନାମକ ଦେଶୀୟ ଭଦ୍ରଲୋକଙ୍କର ଅଖଡ଼ା ଏହି ସ୍ଥାନକୁ ଉଠାଇ ଆଣିଲେ ଉତ୍ତମ ହେବ ବୋଲି ସଭ୍ୟମାନେ ମତ ପ୍ରକାଶ କଲେ । ବାସ୍ତବରେ ଏମନ୍ତ ପ୍ରଶସ୍ତ ଏବଂ ମନୋହର ସ୍ଥାନ ଏ ନଗରର ପ୍ରାପ୍ତ କେନ୍ଦ୍ରସ୍ଥଳରେ ଆଉ ଗୋଟିଏ ନାହିଁ । ସାଧାରଣ ଅଟ୍ଟାଳିକା ବା ସଭା ସମିତିର ଗୃହ ପୁସ୍ତକାଗାର ଅଖଡ଼ା ବା କ୍ରୀଡ଼ାଗାର ସମସ୍ତ ଏକ ସ୍ଥାନରେ ରହିଲେ ଲୋକଙ୍କର ଯେତେ ସୁବିଧା ଏବଂ ସଂରକ୍ଷଣର ବ୍ୟୟ ଯେତେ ସୁସାର ହେବ ଭିନ୍ନ ୨ ସ୍ଥାନରେ ସେ ସମସ୍ତ ପ୍ରସ୍ତୁତ ହେଲେ କଦାଚ ତେତେ ହେବ ନାହିଁ । ଏ ସ୍ଥାନର ଦୋଷ ଏତିକି ଯେ ଉତ୍ତର ଦିଗରେ ମିଉନିସିପାଲିଟୀ କଚେରୀକୁ ପ୍ରବେଶ କରିବାର ସଡ଼କ ଛଡ଼ା ଅନ୍ୟ କୌଣସି ଦିଗରେ ବଣିବାଡ଼ି ପ୍ରବେଶ ଯୋଗ୍ୟ ସଡ଼କ ନାହିଁ । ମାତ୍ର ସଭ୍ୟମାନେ ବୁଲି ଦେଖିଲେ ଯେ ତେଲଙ୍ଗାବଜାର ଏବଂ ପୁଲିସ ଘାଟକୁ ଯେ ବାଟମାନ ଅଛି ତାହା ସହଜ ଏବଂ ଅଳ୍ପ ବ୍ୟୟରେ ସଡ଼କରେ ପରିଣତ ହୋଇ ପାରେ । ତଦ୍ୱାରା ଦକ୍ଷିଣ ଓ ପୂର୍ବର ବାଟମାନ ଫିଟିଯିବ ଏବଂ ପଶ୍ଚିମରେ ମଧ୍ୟ ଗୋଟିଏ ବାଟ ହୋଇ ପାରିବ । ଏହି ସ୍ଥାନ ଏବଂ ପ୍ରସ୍ତାବିତ ସଡ଼କମାନଙ୍କର ନକ୍ସା ମାପ ଇତ୍ୟାଦି କରିବା କାରଣ ଜଣେ ଇଞ୍ଜିନିୟର ଏବଂ ମିଉନିସିପଲ ଓଭରସିଅରଙ୍କୁ ଅନୁରୋଧ କରାଯାଇଅଛି । ସେମାନେ ସେ ସବୁ ପ୍ରସ୍ତୁତ କରି ଦେଲା ଉତ୍ତାରୁ ସବ କମିଟି କର୍ତ୍ତବ୍ୟ ସ୍ଥିର କରିବେ । ଏହି ସ୍ଥାନଟି ମନୋନୀତ କରିବା କାରଣ ଆମ୍ଭେମାନେ ସବ କମିଟିକୁ ଦୃଢ଼ରୂପେ ଅନୁରୋଧ କରୁଅଛୁଁ ।

---

ଚଟ୍ଟଗ୍ରାମବିଭାଗ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଏକ୍ତିଆରୁ ଆସାମକୁ ବାହାରିଯିବାର ଶୁଣି ଉକ୍ତ ବିଭାଗର ଲୋକମାନେ ଅତ୍ୟନ୍ତ ଦୁଃଖିତ ଏବଂ ଭୀତ ହୋଇଅଛନ୍ତି । ଗତ ମାସ ତା ୫ ରିଖରେ ଚଟ୍ଟଗ୍ରାମ ନଗରର ଟାଉନହଲ ଗୃହରେ ଏକ ବୃହତ ସଭା ହୋଇଥିଲା । ସେଠାରେ ଧାର୍ଯ୍ୟ ହେଲା ଯେ ଉକ୍ତ ପରିବର୍ତ୍ତନ ବିରୁଦ୍ଧରେ ଭାରତ ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟରେ ଶୀଘ୍ର ଆବେଦନ କରାଯିବ ଏବଂ ତହିଁର ବିଚାର ପର୍ଯ୍ୟନ୍ତ ପରିବର୍ତ୍ତନ ପ୍ରସ୍ତାବ ସ୍ଥଗିତ ରଖାଯିବ । ଏହି ମର୍ମରେ ତାରସମ୍ବାଦ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କୁ ପଠାଯାଇଅଛି । ଚଟ୍ଟଗ୍ରାମବିଭାଗର ଅନ୍ୟାନ୍ୟ ଜିଲ୍ଲାବାସିମାନେ ମଧ୍ୟ ଏହିପରି ପ୍ରତିବାଦ କରୁଅଛନ୍ତି । ଏଥିରୁ ଗତ ଶନିବାର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଅଧିବେଶନରେ ଜଣେ ସଭ୍ୟ ମାନ୍ୟବର ମନ୍ତ୍ରଲିଷିଗଞ୍ଜିଲସଲ ଏହି ପ୍ରଶ୍ନ କଲେ କି ଆସନ୍ତା ଅପ୍ରେଲମାସ ପ୍ରଥମ ତାରିଖରୁ ଚଟ୍ଟଗ୍ରାମ ବିଭାଗ ବଙ୍ଗରୁ ଆସାମ ପ୍ରଦେଶକୁ ବାହାରିଯିବା କଥା ସତ୍ୟ ଅଟେ କି ? ଏବେ ତାହା ହେଲେ ତହିଁର ହେତୁ କି ? ତହିଁର ଉତ୍ତରରେ ମାନ୍ୟବର ମାକଫରସନସାହେବ ପ୍ରକାଶ କଲେ କି ନ ବର୍ଷ ପୂର୍ବେ ଏ ସମ୍ବନ୍ଧରେ ଯେଉଁ ତର୍କବିତର୍କ ହୋଇଥିଲା ତହିଁରୁ ଏପରି ପ୍ରସ୍ତାବ ହେବାର ଗବର୍ଣ୍ଣମେଣ୍ଟଙ୍କ ଅଦୌ ଜଣା ନାହିଁ । ଏତେବଡ଼ ଦାଖଲ ଖାରଜ ଏତେ ଚଞ୍ଚଳ ହେବାର ଥିଲେ ଯେଉଁ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନରୁ ଖାରଜ ହେବାର କଥା ତାହାଙ୍କୁ ଏପର୍ଯ୍ୟନ୍ତ ଅଜଣା ରହିବା ଅସମ୍ଭବ ଏବଂ ଏଥିରୁ ବୋଧ ହେଉଅଛି ଯେ ସମ୍ପ୍ରତି କେବଳ ସମ୍ବାଦପତ୍ରରେ ଏ ବିଷୟରେ ଆନ୍ଦୋଳନ ହେଉଅଛି । ମାତ୍ର ଏହା ବିଧିମତେ ଗବର୍ଣ୍ଣମେଣ୍ଟଙ୍କର ସମୀପରେ ଉପସ୍ଥିତ ହୋଇ ନାହିଁ । ଆଶାକରୁଁ ଚଟ୍ଟଗ୍ରାମବାସିମାନେ ଗବର୍ଣ୍ଣମେଣ୍ଟଙ୍କର ଉତ୍ତରରେ ଆଶ୍ୱସ୍ତ ହେବେ ଏବଂ ବର୍ତ୍ତମାନ ଏ ସମ୍ବନ୍ଧରେ ଆବେଦନ କରିବା ଉଚିତ କି ନା ଏ କଥାର ବିଚାର କରିବେ ।

---

ମିଉନିସିପଲ କମିଶନର ନିର୍ବାଚନ ।

ଆଗାମୀ ମାର୍ଚ୍ଚ ମାସ ତା ୨୬ ରିଖ ଦିବସ ଏଠା କଟକ ମିଉନିସିପାଲିଟିର ସାଧାରଣ ନିର୍ବାଚନ ହେବା ନିମନ୍ତେ ସ୍ଥିର ହୋଇ କଲିକତା ଗେଜେଟରେ ବିଜ୍ଞାପନ ପ୍ରକାଶିତ ହୋଇଅଛି । ବର୍ତ୍ତମାନ ଟିକସଦାତାମାନଙ୍କୁ ସ୍ମରଣ କରାଇଦେଉଅଛୁଁ ଯେ ସେମାନେ ଆପଣା ୨ ୱାର୍ଡ ବା ବିଭାଗର ଉପଯୁକ୍ତ ଲୋକଙ୍କୁ କମିଶନର ହେବା ନିମନ୍ତେ ମନୋନୀତ କରିବା ପାଇଁ ତତ୍ପର ହେଉନ୍ତୁ । ନିର୍ବାଚନର ନିୟମ ଏହି ଯେ କମିଶନର ପ୍ରାର୍ଥୀମାନେ ନିର୍ବାଚନ ଧାର୍ଯ୍ୟ ଦିବସର ତିନି ସପ୍ତାହ ପୂର୍ବରୁ ଗୋଟିଏ ଫାରମରେ ଦରଖାସ୍ତ ଲେଖି ଚେୟାରମ୍ୟାନଙ୍କ ନିକଟକୁ ପଠାଇବେ । ଉକ୍ତ ଫାରମରେ ପ୍ରସ୍ତାବ ଓ ଅନୁମୋଦନକାରୀ ଦୁଇଜଣ ଟାକ୍ସଦାତାଙ୍କ ଦସ୍ତଖତ ରହିବ ଓ ଅନ୍ୟ ଆଠଜଣ ଟାକ୍ସଦାତା, ଉକ୍ତ ମନୋନୟନରେ ସମ୍ମତ ଥିବାର ଦସ୍ତଖତ କରିବେ । ଯେଉଁ ଟାକ୍ସଦାତାମାନଙ୍କର ନାମ ମିଉନିସିପାଲିଟୀର ରେଜେଷ୍ଟରରେ ଦରଜ ଅଛି କେବଳ ସେହିମାନେ କମିଶନର ମନୋନୀତ କରି ପାରିବେ । ମାତ୍ର ବାର୍ଷିକ ଟ ୧୫ ଙ୍କାରୁ ଊଣା ଟାକ୍ସ ଦେଉଥିଲେ ସେମାନଙ୍କର ମତ ଗ୍ରାହ୍ୟ ହେବ ନାହିଁ । ଅତଏବ ମିଉନିସିପାଲିଟୀ ରେଜେଷ୍ଟର ବହିରେ ଯାହାଙ୍କର ନାମ ନାହିଁ ସେ ମତ ଦେବାକୁ କ୍ଷମ ହେବେ ନାହିଁ । ସେଥି ପାଇଁ ସେମାନେ ସ୍ୱତନ୍ତ୍ର ମିଉନିସିପାଲିଟୀ ଅଫିସକୁ ଯାଇ ସ୍ୱ ୨ ନାମ ଦରଜ କରାଇ ପାରନ୍ତି । ଗତ ଟାକ୍ସ ବନ୍ଦୋବସ୍ତ ସମୟରେ ଟାକ୍ସଦାତାମାନେ ଅତ୍ୟନ୍ତ ବ୍ୟସ୍ତ ହୋଇଥିଲେ । ଅତଏବ ଯେପରି ପୁନର୍ବାର ସେହିପରି ହରବରରେ ନ ପଡନ୍ତି ସେଥିପାଇଁ ସେମାନେ ଏହି ସମୟରୁ ଉପଯୁକ୍ତ ଲୋକମାନଙ୍କୁ କମିଶନର ମନୋନୀତ ହେବା ନିମନ୍ତେ ମତ ଦେବାକୁ ଦୃଢ଼ପଦ ହେଉନ୍ତୁ । ବର୍ତ୍ତମାନ ଭୁଲ ହୋଇ ବସି ଶେଷ ସମୟରେ କାନ୍ଦିଲେ କେହି ସୁଦ୍ଧା ଶୁଣିବେ ନାହିଁ । ଆମ୍ଭେମାନେ ଆଶାକରୁଁ ଟାକ୍ସଦାତାମାନେ ଏଥର ବୁଝି ସୁଝି ଉପଯୁକ୍ତ ଲୋକଙ୍କ ଦରଖାସ୍ତରେ ସମ୍ମତି ପ୍ରଦାନ କରିବେ । ଉପରୋଧ ଅନୁରୋଧରେ ଭୁଲିବେ ନାହିଁ । କମିଶନର ପ୍ରାର୍ଥୀମାନେ ଯେପରି ତିନି ସପ୍ତାହ ପୂର୍ବରୁ ସେମାନଙ୍କ ଦରଖାସ୍ତ ଚେୟାରମ୍ୟାନଙ୍କ ନିକଟରେ ପହୁଞ୍ଚେ, ସେଥିପ୍ରତି ଦୃଷ୍ଟି ରଖନ୍ତୁ ।

---

କୋଠପଦାରେ ନାଟକାଭିନୟ ।

ପ୍ରତିବର୍ଷ ଶ୍ରୀପଞ୍ଚମୀ ସମୟରେ କୋଠପଦାଠାରେ ସରସ୍ୱତୀ ଦେବୀଙ୍କ ପୂଜା ଓ ତତ୍ସଙ୍ଗେ ନାଟକାଭିନୟ ହେବାର ପାଠକମାନଙ୍କୁ ଜଣା ଅଛି । ଏବର୍ଷ ତାହା ଅଧିକ ଆଡ଼ମ୍ବରରେ ହୋଇଥିଲା । ନୂତନ ନାଟକ ମଧ୍ୟରେ ସମ୍ପାଦକଙ୍କର ବାବୁଙ୍କର ସ୍ୱଧର୍ମ ଏବଂ ବଙ୍ଗଳା ଭୀଷ୍ମଶରଶଯ୍ୟା ନାଟକର ଉତ୍କଳ ଅନୁବାଦ ଅଭିନୀତ ହୋଇଥିଲା ଏବଂ ଏକଦିନ କେନ୍ଦୁପଡ଼ାର ବାବୁ ଲକ୍ଷ୍ମୀନାରାୟଣ ଜଗଦେବଙ୍କ ଅନୁଷ୍ଠିତ ଉତ୍କଳ ପେଣ୍ଟଙ୍କ ବଙ୍ଗଳା ନାଟ୍ୟାଭିନୟ ହୋଇଥିଲା । ଭୀଷ୍ମଶରଶଯ୍ୟା ଯାତ୍ରା ଏବଂ ନାଟକାଦିରେ ପାଠକେ ଅନେକ ଥର ଦେଖିଥିବାରୁ ତହିଁର ବିଶେଷ ଉଲ୍ଲେଖ ନିଷ୍ପ୍ରୟୋଜନୀୟ । ତହିଁରେ ଭୀଷ୍ମ, ଶ୍ରୀକୃଷ୍ଣ, ଅର୍ଜୁନ ଓ ଭୀମର ଅଭିନୟ ଅତି ଉତ୍ତମ ହୋଇଥିଲା ଏବଂ ଯୋଦ୍ଧାମାନଙ୍କ ଅଦ୍ଭୁତ ଓ ବେଶଭୂଷା ଦେଖି ଲୋକେ ଆମୋଦିତ ହୋଇଥିଲେ । ସ୍ୱଧର୍ମ-ନାଟକର ଅଭିନୟ ସର୍ବ ପ୍ରଥମ ଏଠାରେ ହୋଇଥିଲେହେଁ ଅଭିନେତାମାନେ ଆଶାତୀତରୂପେ ଅଭିନୟ କାର୍ଯ୍ୟ ସମ୍ପା

Digitized by srujanika@gmail.com

କରିଥିଲେ । ମହନ୍ତ, ମାତା, ହରଦାସ ଓ ପ୍ରେମମୟୀର ଅଭିନୟ ସର୍ବୋତ୍କୃଷ୍ଟ ହୋଇଥିଲା । ଯେତେବେଳେ ମହନ୍ତ ହରଦାସଙ୍କୁ ଦେଖି ସାଧ୍ୱୀଙ୍କ ପାଇବାର ଆଶାରୁ ବଞ୍ଚିତ ହୋଇ ଅପ୍ରତିଭ ହେବା ସଙ୍ଗେ ସଙ୍ଗେ କୋପରେ ସାଧ୍ୱୀ ମାତାଙ୍କୁ ପ୍ରହାର କଲେ ଏବଂ ହରଦାସ ଓ ପ୍ରେମମୟୀ ମିଷ୍ଟାନ୍ନ ଯୋଗାଇ ଖାଇଲେ ସେତେବେଳେ ଦର୍ଶକ ମଣ୍ଡଳୀରେ ଆନନ୍ଦରୋଳର ସୀମା ରହିଲା ନାହିଁ । ସ୍ଥଳରେ ଏ ନାଟକର ଅଭିନୟ ସର୍ବାଙ୍ଗ ସୁନ୍ଦର ହୋଇଥିଲା । ଉପୂରେ ଜଗଦେବ ସାମନ୍ତଙ୍କ ଅଭିନୟ ଦଳର କାର୍ଯ୍ୟ ବଙ୍ଗଳାରେ ହୋଇ ଥିବା ଏବଂ ଅଭିନେତାମାନେ ଓଡ଼ିଆ ଥିଲେ ସୁଦ୍ଧା ସେମାନଙ୍କର ଗୀତ, ନୃତ୍ୟ ଏବଂ ଅଭିନୟ ଦେଖି ସମସ୍ତେ ଆନନ୍ଦିତ ହୋଇଥିଲେ । ବେଶ୍ୟାଳୟରେ ଘଟନାକ୍ରମେ ରାଜାଙ୍କ ଜମାଦାର, ଯେମାଦାର ଓ ଦେୱାନ ଏବଂ ପରଶେଷରେ ସ୍ୱୟଂ ରାଜା ଏକ ପରେ ଏକ ଉପସ୍ଥିତ ହେବାରୁ ସେମାନଙ୍କୁ ଅଟକା ରଖିବା କାରଣ ପ୍ରଥମଲକ୍ଷିତ ତିନ ବ୍ୟକ୍ତିଙ୍କୁ ଯଥାକ୍ରମେ ମର୍କଟ ମେଣ୍ଢା ଓ ଦାସୀ ସଜାଇବା ବଡ଼ କୌତୁକଜନକ ହୋଇଥିଲା ଏବଂ ପରଶେଷରେ ଯେ ସ୍ତ୍ରୀ ଏହି ମୂର୍ଖଙ୍କୁ ଠକାଇବା କାରଣ ବେଶ୍ୟା ସାଜିଥିଲା ସେ ଆପଣା ସ୍ୱାମିସହିତ କୌଶଳକ୍ରମେ ସେ ସ୍ଥାନରୁ ଅନ୍ତର୍ହିତ ହେବା ପରେ ରାଜା ଓ ଦେୱାନ ଆଦି ସେହିଠାରେ ଧରା ପଡ଼ିବା ସମୟରେ ଦର୍ଶକମାନେ ଆନନ୍ଦରେ କୋଲାହଳ କରିଥିଲେ । ଏଥି ଉତ୍ତାରୁ ସେ ଅଭିନେତାମାନେ ବୋଧନ ନାମକ ଆଉ ଏକ ପ୍ରହସନର ଅଭିନୟ ଦେଖାଇଥିଲେ । ଜଗଦେବ ସାମନ୍ତ ସହସ୍ର ଟଙ୍କା ଖର୍ଚ୍ଚ କରି ବଙ୍ଗଳାରୁ ଶିକ୍ଷକ ଆଣାଇ ଏ ଦଳ ସଂଗଠିତ କରିଥିବାରୁ ଧନ୍ୟବାଦର ପାତ୍ର ଅଟନ୍ତି ଏବଂ କୋଠପଦା ମହନ୍ତଙ୍କ ନାଟକାଭିନୟ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଥିବା ହେତୁ ଦର୍ଶକମାନେ ନୂତନ ନୂତନ ନାଟକର ଅଭିନୟ ଦେଖି ନୟନ ଲୁଚ ପରିମାର୍ଜିତ କରି ପାରୁ ଥିବାରୁ ସେ ଶତୋଽଧିକ ଧନ୍ୟବାଦର ଯୋଗ୍ୟ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ପାଟନାର କମିଶନର ମିଃ ଏଲ ହେୟାର ବଙ୍ଗଳା ଦପ୍ତରର ପ୍ରଧାନ ସେକ୍ରେଟରୀ ପଦରେ ନିଯୁକ୍ତ ହେଲେ ।

ସୁନ୍ଦର ଡାକ୍ତର ଏ, ଉବଲିଉ ସଡ଼ ସପ୍ତାହକୁ ଛୁଟି ନେଲେ ।

ସର୍ଜନ ଡାକ୍ତର କ୍ୟାପ୍ଟେନ ପି, ଏ, ନେଡ ଷ୍ଟୁଆର୍ଟ ସିଭିଲ ସର୍ଜନ ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ବାଲେଶ୍ୱର ମିଉନିସିପାଲିଟିର କମିଶନରମାନଙ୍କ ସାଧାରଣ ନିର୍ବାଚନ ହେବା ନିମନ୍ତେ ଆଗାମୀ ମାର୍ଚ୍ଚମାସ ତା ୩୦ ତିଖ ଧାର୍ଯ୍ୟ ହୋଇଅଛି ।

ବାଲେଶ୍ୱରର ମାଜିଷ୍ଟ୍ରେଟ ବାଲେଶ୍ୱର ଜିଲା ବୋର୍ଡର ଚେୟାରମାନ ପଦରେ ନିଯୁକ୍ତ ହୋଇଅଛନ୍ତି ।

କନିକା ରାଜ୍ୟର ଜମିଦାର ବାବୁ ରାଜେନ୍ଦ୍ର ନାରାୟଣ-ଭଞ୍ଜ କଟକ ଜେନେରଲହସପିଟଲର ଉନ୍ନତି ନିମନ୍ତେ ଟ ୧୫୦୦୦ ଙ୍କା ପ୍ରଦାନ କରିଥିବାରୁ ଗେଜେଟ ତାହାଙ୍କର ଉକ୍ତ ଦାନ ଗ୍ରହଣ କରି ତାହାଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

---

ଏ ସପ୍ତାହରେ ଏ ନଗରରେ ଆକାଶ ପରିଷ୍କାର ଥିଲା । ଏବଂ ଋତୁ ସମଶୀତୋଷ୍ଣ ହୋଇଅଛି । ଶୀତ କଦାପି ପଡ଼ୁ ନାହିଁ । ଅଳ୍ପ ଅଳ୍ପ ବସନ୍ତ ବହୁଅଛି ।

ଏ ନଗରର ସ୍ୱାସ୍ଥ୍ୟ ଏକପ୍ରକାର ଭଲ ଅଛି ।

ଅନ୍ନକଷ୍ଟମାନ ବଢ଼ିବା ପ୍ରତି ଯେ ବାଧା ଘଟିଥିଲା ତାହା ଘୁଞ୍ଚିବାରୁ ଚାଉଳମାନ ବଢ଼ୁଅଛି, ଏବଂ କେତେକ ପରିମାଣରେ ଶସ୍ତା ହୋଇଗଲାଣି ।

ଏ ନଗର ଅଲିସା ବଜାରର ହୋସେନମହମ୍ମଦ ନାମକ ଜଣେ ଯୁବା ଅଠଗଡ଼ରୁ ନୋ ୨ ତଲ ଦେଶି ସରକ ଆଣିବା ଦୋଷରେ ଗ୍ରେପ୍ତାର ହୋଇ ବାବୁ ସୁରେନ୍ଦ୍ରନାଥ ଡେପୁଟିଙ୍କ ଇଜଲାସରେ ଟ ୧୨୫ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇ ଅଛି ।

ଏଠା ନୂଆସଡ଼କର କେତେକ ଜଣ ମାଲବାହ ମିଉନିସିପାଲିଟିର ବିନାଅନୁମତିରେ ଦୋକାନ ସମ୍ମୁଖରେ ପକ୍କା ବସାଇବା ଅପରାଧରେ ଚାଲାନ ହୋଇଅଛନ୍ତି । ମୋକଦ୍ଦମା ମାନ ନିଷ୍ପତ୍ତି ହୋଇ ନାହିଁ ।

ହରିହରପୁର ହେନାର ଏସବାରେ କାର୍ଯ୍ୟକରୁଥିବା ଜଣେ ମୁସଲମାନ ଏକଜଣ ବ୍ରହ୍ମଚାରୀଙ୍କୁ ଦଲକରିବାର ଜଣେ ସମ୍ବାଦ ଦେଉଅଛନ୍ତି ।

ବୋଆଲି ଥାନାର ଧାଦାରଠାରେ ଜଣେ ସ୍ତ୍ରୀର ସଙ୍ଗେ ଜଣେ ଲୁଚ, ସଙ୍ଗୀକୁ ସ୍ୱଳ୍ପ କରୁଥିଲା । ସ୍ୱାମୀ ଓ ସ୍ତ୍ରୀ ଉଭୟେ ଅଲଙ୍କାର ନେଇ ହରିବା ଅଭିପ୍ରାୟରେ ସେହି ସ୍ତ୍ରୀକୁ ମାରିପକାଇ ଥିବା ଅପରାଧରେ ଫାଶି ଦଣ୍ଡ ପାଇଥିବାର ସମ୍ବାଦ ମିଳିଲା । କହୁଛି ତୁଏ କ ୧୫ ଦିନରୁ ସେଠାରେ ଜଣେ ସ୍ତ୍ରୀ ଫାଶି ପାଇଲା ।

ଜାଜିପୁର ଥାନାରୁ ଗୋଟିଏ ସ୍ତ୍ରୀଲୋକର ଫସଲର ଚେନ ଘାଇଥିବା ଅପରାଧରେ ଜଣେ କନେଷ୍ଟବଲ ନା ୭ ସ ଛମାସ ସଶ୍ରମ କାରାଦଣ୍ଡ ଓ ଟ ୧୦୦ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛି ।

କଟକଠାର ଉକିଲ ବାବୁ ସୁରେନ୍ଦ୍ରନାଥ ବାନର୍ଜିଙ୍କ କନ୍ୟାଙ୍କ ସହିତ ନେ, ଚୌଧୁରି ବାବୁଙ୍କର ମହୋଦୟଙ୍କ ବିବାହ ସମ୍ବନ୍ଧ ହୋଇ ଯାଇଅଛି । ଏହି ବିବାହ ଚୈତ୍ର ମାସରେ ହୋଇଥିବାର କଥନ ହୁଏ ।

ମଣ୍ଡିପୁରର ମହାରାଣୀ-କଲେଜରୁ ନୋ ୮ ବ୍ରାହ୍ମଣ କନ୍ୟା ବି ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ସମ୍ବାଦ ମିଳିଲା । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ସର୍ବପ୍ରଥମେ ବ୍ରାହ୍ମଣ କନ୍ୟାମାନଙ୍କରେ ଏମାନେ ବି ଏ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବାରୁ ସେଠାରେ ଭାରି ହଲଚଲ ପଡ଼ି ଯାଇଅଛି । ଏ ସମ୍ବାଦ ପାଇ ଆମ୍ଭେମାନେ ଅତୀବ ଆନନ୍ଦିତ ହୋଇଅଛୁଁ ।

ଅଙ୍ଗୁଠାରେ ଅନେକ ଦିନ ଉତ୍ତାରୁ ଗତ ମାସ ତା ୨୫ ରେ ବର୍ଷା ହୋଇଥିବାରୁ ସେଠା କୃଷକମାନେ ଆନନ୍ଦିତ ହୋଇଅଛନ୍ତି । ସେଠାରେ ଶୀତକାଳର ବୃଷ୍ଟିରେ ନାନା ପ୍ରକାର ଫସଲ ହୁଏ ଏବଂ ସେ ଦିନ ଏ ବର୍ଷ ଶୀତକାଳର ପ୍ରଥମ ବୃଷ୍ଟି ହୋଇଥିଲା ।

ମଧ୍ୟ-ଏସିଆର ଅଭ୍ରିକାନ ପର୍ବତର ଅଗ୍ନ୍ୟୁତ୍ପାତରେ ନ ୬୦୦୦ ଣ ଲୋକରୁ ଅଧିକ ଲୋକେ ମୃତ୍ୟୁପତିତ ହେଲେଣି ମାତ୍ର ପୀଡ଼ାଗ୍ରସ୍ତ ହୋଇଥିବା ଲୋକଙ୍କର ସଂଖ୍ୟା ଅବଧି ହୋଇ ପାରୁ ନାହିଁ । ସହସ୍ର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି । ଭୂମିକମ୍ପ ଅଦ୍ୟାପି ବନ୍ଦ ହୋଇ ନାହିଁ ଏବଂ ବଞ୍ଚି ଥିବା ଲୋକଙ୍କର କଷ୍ଟର ସୀମା ନାହିଁ ।

କଲମ୍ବୋଠାରେ ଅଲ୍ପ ଦିନ ତଳେ ଜଣେ ଲୋକ ବାତ କଫ ରୋଗରେ ପୀଡ଼ିତ ହୋଇ ସନ୍ନିପାତ ବିକାରରେ ବକ୍ ବିକ କରିବାରୁ ତାହାର ଆତ୍ମୀୟମାନେ ତାକୁ ଭୂତ ଲଗିଅଛି ବୋଲି ସ୍ଥିର କରି ତାହାର ଗୋଟିଏ ଓଝାଙ୍କୁ ଡକାଇଲେ । ଓଝା ଆସି ବେତ୍ରାଘାତ ଏମନ୍ତ ପ୍ରହାରକଲା ଯେ ତାହା ଦେହରେ ଦାଗ ବସିଗଲା ମାତ୍ର ରୋଗୀ ଆରୋଗ୍ୟଲାଭ ନ କରି ସେହି ରୋଗରେ ମରିଗଲା । ପୁଲିସ ତାହାର ଶବକୁ ଡାକ୍ତର ମାନଙ୍କ ସକାଶେ ପଠାଇବାରେ ଡାକ୍ତର ମାନେ ଆଘାତ ସଙ୍ଗେ ମୃତ୍ୟୁର କୌଣସି ସମ୍ପର୍କ ନ ଥିବା ଏବଂ ମୃତ୍ୟୁ ସ୍ୱାଭାବିକ ରୋଗ ହେତୁ ହୋଇଥିବାର ମତ ଦେଲେ । ରୋଗିର ଉପଯୁକ୍ତ ଚିକିତ୍ସା ଲକ୍ଷଣ ଦେଖାଯାଉଅଛି ମାତ୍ର ଅପରାଧର ଠିକଣା ହୋଇ ପାରୁ ନାହିଁ ।

ଗତ ମାସ ତା ୨୯ ରଖରେ କଲିକତା ବିଶ୍ୱବିଦ୍ୟାଳୟର ବାର୍ଷିକ ଉପାଧି ବିତରଣ ସଭା ହେବାର ସ୍ଥିର ହୋଇ ଅଛି । ସ୍ୱୟଂ ବଡ଼ଲାଟ ମହୋଦୟ ସେ ଦିନ ସଭାରେ ସଭାପତି ହେବେ ।

ବଙ୍ଗଳାର ତାର ସମ୍ବାଦରୁ ପ୍ରକାଶ ଯେ କାନପୁରରେ ସ୍ତ୍ରୀ ପାଗଳ ଖାନାରେ ନିଆଁ ଲାଗି ଅନେକ ଘର ପୋଡ଼ି ଯାଇଅଛି ଏବଂ ନ ୫୧ ଣ ସ୍ତ୍ରୀଲୋକ ପୋଡ଼ି ମରି ଯାଇଛନ୍ତି । ରାତ୍ର କାଳରେ ଶୋଇଥିବା ସମୟରେ ନିଆଁ ଲାଗି ଥିଲା ।

ଗତ ଜାନୁଏରୀ ମାସ ତା ୨୭ ଦିନରେ ଜର୍ମାନୀର ସମ୍ରାଟ କ ୪୪ ର୍ଥ ଜନ୍ମୋତ୍ସବ ଶେଷ କରି ବର୍ତ୍ତମାନ ୪୫ ବର୍ଷରେ ପଦକ୍ଷେପଣ କରିଅଛନ୍ତି । ସେ ଦିନ ଆମ୍ଭମାନଙ୍କ ସମ୍ରାଟ ବିଲାତରୁ ଜର୍ମାନ ଦୂତକୁ ଆପଣା ପ୍ରାସାଦଠାରେ ନିମନ୍ତ୍ରଣ କରିଥିଲେ ।

ହାବଡ଼ା ସ୍କୁଲର ଗୋଟିଏ ଛାତ୍ର ପାଠ ଅଭ୍ୟାସ କରି ନ ଥିବାରୁ ମାଷ୍ଟର ତାହାକୁ ବେଞ୍ଚଉପରେ ଠିଆ କରାଇ ଦେଲେ ତିରସ୍କାର ଏଥିରେ ରାଗାନ୍ୱିତ ହୋଇ ଘରକୁ ଚାଲି ଯାଇ ଏ କଥା କହିଲାରୁ ତାହାର ଆତ୍ମୀୟ ନ ୩୪ ଣ ଆସି ମାଷ୍ଟରକୁ ପ୍ରହାର କଲେ । ମାଷ୍ଟର ବାଧ୍ୟ ହୋଇ ପୋଲିସ ଅଦାଲତରେ ଆଶ୍ରୟ ନେଇ ଅଛନ୍ତି ।

ଗତ ଜାନୁଏରୀ ମାସ ତା ୨୯ ଦିନ ଏକଟି ପ୍ରେସିଡେନ୍ସି ମାଜିଷ୍ଟ୍ରେଟ କୋଲାଡ ସାହେବ ଗୋଟିଏ ଦାଗୀ ଚୋରର ମୋକଦ୍ଦମା ଶୁଣୁଥିବା ସମୟ ଚୋର ହଠାତ୍ ଅଦାଲତ ଘରୁ ପଳାଇ ଘୋଡ଼ା ଗାଡ଼ିରେ ଇନ୍ସପେକ୍ଟର ଆଉ ପୋଲିସ ... ସମୟରେ ଜଣେ କନେଷ୍ଟବଲ ତାହାର ହାତ ଧରି ପକାଇ ଛଡ଼ାଇ ନେଲା । ତତ୍‌ପରେ ସେ ଘୋଡ଼ାକୁ ହାକିମ ମାରିବା କାରଣ ଅଣିଥିଲା ମାତ୍ର ଉପରି ବର୍ତ୍ତରେ ଇନ୍ସପେକ୍ଟରର ଅଣ୍ଡର ଦୋପାଡ଼ିବାର କାରଣ ଇଚ୍ଛା କରିଥିବାର କହୁଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ବର୍ତ୍ତମାନର ମହାରାଜାଙ୍କୁ ଗବର୍ଣ୍ଣମେଣ୍ଟରୁ ମହାରାଜାଧିରାଜ ବାହାଦୁର ଉପାଧି ପ୍ରଦତ୍ତ ହୋଇଅଛି ।

## ସୁଖ-ସମ୍ବାଦ ।

ଗତ ବୁଧବାର ରାତିରେ ମନ୍ଦିର ମଧ୍ୟ ଏକ ବୃକ୍ଷରେ ଜଣେ ବ୍ୟକ୍ତି ରଜ୍ଜୁବନ୍ଧନଦ୍ୱାରା ପ୍ରାଣ ହରାଇଥିବା ପରଦିନ ସକାଳେ ଦେଖାଗଲା । ଶୁଣିଲୁ ସେ ବ୍ୟକ୍ତି ସ୍ୱେଚ୍ଛାନୁସାରେ ଆତ୍ମହତ୍ୟା କରିଥିବା ତାହାର ଅପିଣା ପାଖରେ ଲେଖି ରଖିଥିଲା ।

ଗତ ଶନିବାର ଦରବାରର ମହାରାଜା ଶ୍ରୀ ଜଗନ୍ନାଥ ଦର୍ଶନାର୍ଥେ ଆସି ଏକଦିନ ମାତ୍ର ଅବସ୍ଥାନ ପରେ ପ୍ରସ୍ଥାନ କରିଅଛନ୍ତି ।

ଏ ସପ୍ତାହରେ ଓଲାଉଠା ଆରମ୍ଭ ହୋଇଅଛି । ଏଥିମଧ୍ୟରେ ୫ । ୬ ଜଣ ଲୋକ ଏହି ରୋଗରେ ପ୍ରାଣ ହରାଇଅଛନ୍ତି । ଜ୍ୱରର ମଧ୍ୟ କିଛି ହ୍ରାସ ନାହିଁ, ସିଂହଦ୍ୱାରସ୍ଥ ନୂତନ ଡାକ୍ତରଖାନାରେ ପ୍ରତ୍ୟହ ଶତାଧିକ ରୋଗୀ ଔଷଧାର୍ଥେ ସମବେତ ହେଉଅଛନ୍ତି ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

---

ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା,

ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ପୁନରାୟ ଅତ୍ର ନୀଳଗିରି ରାଜଗଡ଼ଠାରୁ ଅର୍ଦ୍ଧ କ୍ରୋଶ ଦୂରବର୍ତ୍ତୀ ଏକ ନିବିଡ଼ ଜଙ୍ଗଲ ସନ୍ନିହିତ-ପ୍ରଶସ୍ତ-ସମତଳ ଭୂମିଖଣ୍ଡରୁ ଆଉ ଗୋଟିଏ ବୃହତ୍ ବ୍ୟାଘ୍ର ଧୃତ ହୋଇଅଛି ।

ରାଜ ପ୍ରାସାଦରୁ ଅନ୍ୟୁନ ଏକମାଇଲ ଦୂରବର୍ତ୍ତୀ ପାହାଡ଼ର ପଶ୍ଚିମଦିଗ ମୂଳଦେଶରେ "ଅଲାଇ ରାଣୀ" ନାମ୍ନୀ ଏକ ଅଧିଷ୍ଠାତ୍ରୀ ଦେବୀ ଗୋଟିଏ କାଷ୍ଠ ନିର୍ମିତ ଘରେ ଅଛନ୍ତି । ସେହି ଘର ସମ୍ମୁଖରେ ଉକ୍ତ ବ୍ୟାଘ୍ରଟି ଗତ ବୃହସ୍ପତିବାର ସନ୍ଧ୍ୟାସମୟରେ ଅତ୍ର ରାଜଗଡ଼ବାସୀ ଜଣେ କୃଷକର ଗୋଟିଏ ଗାଈର ପ୍ରାଣନଷ୍ଟ କରିଥିବାର ସମ୍ବାଦ ପାଇ ରାଜାବାହାଦୁର ପରଦିବସ ରାତ୍ରିକୁ ଅଗ୍ନେୟାସ୍ତ୍ର ପରିବର୍ତ୍ତେ ସ୍ୱ ନିର୍ମିତ ପିଞ୍ଜରା ସଙ୍ଗେ ନେଇ ଉକ୍ତ ସ୍ଥାନକୁ ଗମନ କଲେ । ସେଠାରେ ଦେବୀଘର ବ୍ୟତିରେକେ ଅନ୍ୟ ଆବାସ ନାହିଁ । ଚତୁର୍ଦ୍ଦିଗରେ ଅରଣ୍ୟ, ନିକଟରେ ପାହାଡ଼ର ତଳଦେଶରେ ବ୍ୟାଘ୍ରଙ୍କର ରହିବାର ଗୁହାମାନ ଅଛି । ପିଞ୍ଜରାଟି ମୃତ ଗୋରୁ ପଡ଼ିଥିବା ସ୍ଥାନରେ ବସାଇ ପିଞ୍ଜରାର ଭିତ୍ତି ଦୁର୍ଲଭ କରି ପାରିବାକୁ ଉପଯୁକ୍ତ ସାହସିକ ବ୍ୟକ୍ତି ଅଭାବରୁ ସ୍ୱୟଂ ଅପର ଦୁଇଟି ସହଚରଙ୍କୁ ନେଇ ବ୍ୟାଘ୍ର ପ୍ରତୀକ୍ଷାରେ ସେଠାରେ ରାତ୍ରିଯାପନ କଲେ । ପରଦିବସ ପ୍ରାତଃକାଳରେ କୃତକାର୍ଯ୍ୟ ହୋଇ, ପିଞ୍ଜରାସମେତ ବ୍ୟାଘ୍ରଟିକୁ ନେଇ ମହାସମାରୋହରେ ରାଜବାଟିକୁ ନେଉଟି ଆସିଅଛନ୍ତି ।

ମହାରାଜା ବାହାଦୁରଙ୍କର ସ୍ୱହସ୍ତେ ଧରିଥିବା ୨ଟା ବ୍ୟାଘ୍ର ମଧ୍ୟରୁ ଶେଷୋକ୍ତ ବ୍ୟାଘ୍ରଟି ଅପେକ୍ଷା କୃତ ବଳିଷ୍ଠ । ଏହାକୁ ନେଇ ବର୍ତ୍ତମାନ ଗୁଡ଼ାଏ ଗୋଟି ଜୀବିତାବସ୍ଥାରେ ଅଛନ୍ତି । ତନ୍ମଧ୍ୟରୁ ତିନିଗୋଟି ପ୍ରାୟ ଅନେକ ମାସ ୩ । ୪ ମାସ ମଧ୍ୟରେ ଧୃତହୋଇ ଅଛନ୍ତି । ଅତି ସୁଖର ବିଷୟ ଏହି ଯେ ଏହାକୁ ଏ ରାଜ୍ୟରେ ମହାମାନ୍ୟ ରାଜାଧିରାଜ ପ୍ରବଳପ୍ରତାପ ଇଂଲଣ୍ଡେଶ୍ୱରଙ୍କ ଭାରତ ସିଂହାସନାରୋହଣ ବର୍ଷର ପ୍ରଥମ ସ୍ମରଣ ଚିହ୍ନ ଏବଂ ଏଠାର ଶ୍ରୀଯୁକ୍ତ ରାଜାବାହାଦୁରଙ୍କର ଗୌରବର ବିଷୟ ବୋଲି ବାକୁ ହେବ । ଇତି ।

Nilgiri ) ବଶମ୍ବଦ
୯-୨-03 ) U. N. Das

---

ମାନନୀୟ ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ଆପଣ ପତ୍ରିକାରେ ସ୍ଥାନଦାନ କରି ଚିରବାଧିତ କରିବା ହେବେ ।

କଟକ ମେଡ଼ିକେଲ ଟ୍ରେଣିଂସ୍କୁଲରେ ସାର୍ଟିଫିକେଶନ କାର୍ଯ୍ୟ ଦୁଇମାସ ମାତ୍ର ଶିକ୍ଷା କରିବା ଶିକ୍ଷାର୍ଥେ ପ୍ରତ୍ୟେକ ଗଡ଼ଜାତରୁ ପ୍ରତିବର୍ଷ ଦୁଇ ଜଣ ପ୍ରେରିତ ହେବାର ନିୟମ ଥିବାରୁ ପାଲଲହଡ଼ା ଏବଂ ତାଳଚେରରୁ ପାଞ୍ଚଜଣ ଆସିଥିବାରୁ ବାଳକମାନଙ୍କୁ କିନ୍ତି ପଢ଼ିବାକୁ ହୁଏ କଥା ପ୍ରସଙ୍ଗରେ ପ୍ରଶ୍ନ କରିବାରେ ସେମାନେ କହିଲେ ଟ ୧୨ ଙ୍କା ମୂଲ୍ୟର ଖଣ୍ଡେ ପୁସ୍ତକରୁ ପୃ ୮ ଖଣ୍ଡ ମାତ୍ର ପଢ଼ିବାକୁ ହୁଏ । ଏବଂ କ ପ୍ରଣାଳୀରେ ଟୀକା ଦେବାକୁ ହୁଏ ଓ କପର ତକସ୍ଥା କରିବାକୁ ହୁଏ ତହିଁରୁ ଏତିକ ମାତ୍ର ଶିକ୍ଷା ପାଇଅଛୁଁ ।

ଉପରୋକ୍ତ ଉତ୍ତୀର୍ଣ୍ଣ ଛାତ୍ର ଦୁହିଁଙ୍କୁ କଥା ପ୍ରସଙ୍ଗରେ ପଚାରିଥିଲୁଁ କି ଯେଉଁ ମୌଜାରେ ବଣୁଆ ବସନ୍ତ ବାହାର କରୁଅଛି ସେହି ମୌଜାର ପୂର୍ବେ ଟୀକା ନ ନେଇଥିବା ସୁର୍ଣ୍ଣିଣୀ ସ୍ତ୍ରୀକୁ ରାଜ ବସନ୍ତ ହେବା ଆଶଙ୍କାରେ ଟୀକା ଦଅ ଯାଇ ପାରେ କି ନା ? ତହିଁରେ ସେମାନେ ଉତ୍ତର କଲେ ଯେ ଏ ସବୁ ବିଷୟ ଆମ୍ଭର ପଠିତ ହୋଇ ନାହିଁ; ଅମ୍ଭେମାନେ ଏଥିର ଉତ୍ତର ଦେବାକୁ ସକ୍ଷମ ନୋହୁଁ । କାରଣ ଏ ବିଷୟର ଶିକ୍ଷା ପାଇ ନାହୁଁ । ଏପରି ଶିକ୍ଷାରେ ଛାତ୍ରମାନଙ୍କର ତ ଫଳ ଲାଭ ହେଲା ଯଦି ବାଲକ ବାଳକାମାନଙ୍କର ଅବସ୍ଥା ବୁଝି ଟୀକାଦେବା ବିଷୟରେ ଛାତ୍ରମାନେ ଶିକ୍ଷା ନ ପାନ୍ତି ତେବେ ଏମାନଙ୍କଦ୍ୱାରା ଭେକ୍‌ସିନେସନ କାର୍ଯ୍ୟରେ କସ୍ତୁତ ଅନିଷ୍ଟ ଘଟିବାର ସମ୍ଭାବନା ନୁହେ କି ?

ଆପଣଙ୍କର

କୃପାକାଂକ୍ଷୀ

ଡାକ୍ତର ଶ୍ରୀ କୃପାସିନ୍ଧୁ ଦୁଲା

ତାଳଚେର

---

## ମୂଲ୍ୟପ୍ରାପ୍ତି ।

---

| | | |
|---|---|---|
| ବାବୁ ବଂଶୀଧର ପଣ୍ଡା | ହରିଶ୍ଚନ୍ଦ୍ରପୁର ବାଡ଼ୀ | ଟ ୨ |
| " ଚାପେଶ୍ୱର ମହାପାତ୍ର | ଚନ୍ଦ୍ରଭାଗାଶାସନ | ଟ ୧ |
| " ଗୋପୀମୋହନ ସେନ | କଟକ | ଟ ୩ |
| " ଚିନ୍ତାମଣି ବଡ଼ଯୋଡ଼ | ଗୁମୁଲିପୁ ଭଦକ | ଟ ୩ |
| ମହାରାଜା ମୟୂରଭଞ୍ଜ | | ଟ ୩ |
| ବାବୁ ବାଇକୁଣ୍ଠନାଥ ଚୌଧୁରୀ | ପଲଟନ | ଟ ୩ |
| ସା ମନ୍ତ୍ର ଜନାର୍ଦ୍ଦନ ଦାସ | ମୁନହଟ | ଟ ୩ |
| ବାବୁ ନାରାୟଣ ପ୍ରସାଦ ମହାନ୍ତି | କଟକ | ଟ ୨ |
| " କପିଳଚରଣ ଦାସ | " | ଟ ୧ |
| ବାବୁ ମାଣିକ ସିଂହ ଓ ଲକ୍ଷ୍ମଣ ସିଂହ | କଟକ | ଟ ୧ |
| ସେକ୍ ହେଦାଏତୁଲା | ଏଟେମା | ଟ ୧୩ |
| ମଡ଼ ଲ ନ୍ୟୁରନରମାନ୍ଦ୍ରଜ ଦାସ ଇମାଲ ମଠ ପୁରୀ | | ଟ ୩ |
| ବାବୁ ମୋହନଚରଣ ମିଶ୍ର ଉକିଲ | କଟକ | ଟ ୧ |

---

## ବିଜ୍ଞାପନ ।

---


# WANTED

temporarily for three months, with prospect of permanent employment, a Head master on salary Rs 25. ( Twenty five ) per mensem. An under-graduate with experience in teaching will be preferred. Applications with copies of testimonials will be received, upto the 19th instant, by

Ganja P. O. Kanika 9-2-1903 } Indramani Mahanty, Secretary, Ganja M. E. School


Digitized by srujanika@gmail.com

# NOTICE.

## District Board, Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No | Name of work. | Items: Mile | Items: Quantity | Remarks |
|---|---|---|---|---|
| 1 | Laterite metalling including consolidation Cuttack Taldanda road | 1st & 2nd | 6000 c,ft | The metal is to be broken and stacked for measurement before the 30th April 1903 and consolidation to be completed by 30th July 1903. |
| | | 3rd | 3000 ,, | |
| | | 4th | 3500 ,, | |
| | | 5th | 3000 ,, | |
| | | 6th | 3000 ,, | |
| | | 7th | 5500 ,, | |
| | | 8th | 2500 ,, | |
| | | 9th | 2300 ,, | |
| | | 10th | 3500 ,, | |
| | | 11th | 2000 ,, | |
| | | 12th | 3500 ,, | |
| | | 13th | 3000 ,, | |
| | | 14th | 3000 ,, | |
| | | 15th | 4500 ,, | |
| 2 | Taldanda loop road | — | 1800 ,, | |
| 3 | Jobra Pilgrim road | — | 6000 ,, | |
| 4 | Kundalpur—Machgaon road | 11th | 2000 ,, | |
| | | 12th | 2500 ,, | |
| | | 13th | 2750 ,, | |
| 5 | Cuttack goods—station road | — | 1800 ,, | |
| 6 | Do. Main station road | — | 700 ,, | |
| 7 | Taldanda Cross road | — | 3000 ,, | |
| 8 | Cuttack Chandbali road | 4th | 4100 ,, | |
| | | 5th | 2500 ,, | |
| | | 6th | 2500 ,, | |
| | | 7th | 2000 ,, | |
| 9 | Tanghi Haripur road | 1st | 3000 ,, | |
| | | 2nd | 2200 ,, | |
| 10 | Chuitia Mahanga road | 9th & 10th | 2500 ,, | |
| 11 | Barchana Genguti road | | 5000 ,, | |
| 12 | Dhanmandal—station approach road | | 3000 ,, | |
| 13 | Jenapur station approach road | | 3500 ,, | |
| 14 | Jajpur station approach road | | 9500 ,, | |

RULES.

1. All tenders which must be on Form No. 1 obtainable at this office (price 0-1-0 each) must be enclosed in sealed covers and on the outside the name of the work legibly written.

2. All tenders must specify the rates at which the intending contractor will execute the work.

3. Tenders will be received up to 2nd March 1903.

4. Tenders not in the proper Form above mentioned will be rejected.

5. The undersigned does not bind himself to accept the lowest or any tender.

CUTTACK,
The 4-2-1903

NAGENDRA NATH MITRA
District Engineer
Cuttack

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

Oriay Alphabet and Spelling Book. For Infant Class and Standard I ... As. 1

Oriay Lower Primary Science Reader ... ,, 3

Oriay Lower Primary Arithmetic ... ,, 4

Oriay Upper Primary Science Reader ... ,, 4

Oriay Upper Primary History Reader (Bengal) ... ,, 3

Oriay Upper Primary Geography Reader ... ,, 3

Oriay Upper Primary and Middle Vernacular Arithmetic ,, 8

Oriay Upper Primary Literature Book ... ,, 3

Oriay Upper Primary and Middle Vernacular Practical Geometry and Mensuration ,, 4

Oriay Middle Vernacular Science Reader ... ,, 7

Oriya Middle Vernacular History Reader ... ,, 4

Oriay Middle Vernacular Literature Book ... ,, 6

Macmillan's "Official" Copy Books Nos. 1, 2, 3, 4, 5 pice

Arnold's Civil Service Copy Books Nos. 1, 2, 3, 4, 5 pice

"O. M. P." Blank Drawing Books As. 1 & As. 1 6

Grammatical Primer (C. L. S.) As. 2 6

Manual of English Grammar (C. L. S.) As. 7

---

Expected in a day or two:—Simple English Readers by Behari Dhar, Dr. Sircar, and the C. L. S. Society's Series of Readers.

---

*For any of these books apply to:—*

R. J. GRUNDY,
*Supt. Orissa Mission Press,*
*Mission Road,* CUTTACK.

---

# ଫଲେନ ପରିଚୀୟତେ

ପଣ୍ଡିତ ଶାଳଗ୍ରାମ ଦାସ କବିରାଜଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦ ଯଥାର୍ଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର

ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣାବଳୀଜାରିତ ସ୍ୱର୍ଣ୍ଣଘଟିତ

## ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍‌ବିଖ୍ୟାତ ଔଷଧ । ଅନୁପାନ ବିଶେଷରେ ପ୍ରୟୋଗ କଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଶ୍ରିତ ବାୟୁଜ୍ୱର, କାଶ, ଶ୍ୱାସ, କ୍ରିମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାରପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗୀଙ୍କର ସବୁ ଶୀଘ୍ର ନିବାରିତ ହୁଏ । ଅତି-କ୍ଷୟ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁବଳତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ନାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୲ ।

ହ ୧ ର ୪ ୪୦

## ଶୁକ୍ରବର୍ଦ୍ଧକବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର କ୍ଷୀଣକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ୟାଣସୂରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) ଘା, ପାର-ଦାଦଦୋଷଜନିତ ଶରୀରରେ କଲାଦ ଓ ଚଦାଦ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକେ ଛଅଶିଶି ନେଲେ ଟ ୪୲ ଙ୍କା ଲାଗେ ।

ଚୌଧୁରୀ ବଜାର
କଟକ

ଶ୍ରୀ ଲଳିତ ଦାସ କବିରାଜ
ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଅଉ ତାହାରକୁ ଅସ୍ଥାୟୀ ଗୁଣବଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଅବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଅବିଷ୍କୃତ ଜଗତ୍ର ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଶୈଥିଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରି କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଅବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଅମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜିଟେବୁଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅଧୁରଣ, ଫଣ୍ଡଲଣି ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦ୍ରଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଅବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁଧପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀ ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ତାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏହାବେଲେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍କାରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କେତେକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସ୍ୱାଦୁ, ସଦ୍ଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଧନୀ ଲୋକର ଜୀବନ ।

ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସୂତାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ନାୟୁ ଦୋଷ ଓ ତଜ୍ଜନିତ ମୁଣ୍ଡଧରା, ମୁଣ୍ଡବୁଲା, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳର ପେଟରେ ବେଦନା ଓ କନକନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁଆ, କାଉଁଚ, ଭଗନ୍ଦର, କାଛୁ, କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧॥ । ୩ ବୋତଲ ଟ ୪୲୰, ୬ ବୋତଲ ଟ ୭॥ ଙ୍କା ଓ ୧୨ ବୋତଲ ଟ ୧୪୲୰ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା

I. B. G. & Co. Calcutta Registered Telegraphice address "DANZIN"

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଅବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୲ ଡଜନ ଟ ୫୲ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଣ୍ଟ୍ରେଣ୍ଟ ମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡଜନ ଟ ୧୦୵ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ— ଆଇ, ବି, ଜି ଏଣ୍ଡ କୋଂ କଲିକତା

Digitized by srujanika@gmail.com




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଡିକସା ଜଗତରେ ନବଯୁଗ କର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ପେଟର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ହେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂଡ଼ଲ ଦେଓ ବାମଣ୍ଡାରୁ ଲେଖିଅଛନ୍ତି :—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଗଉରଚନ୍ଦ୍ର ଦେଓ ରେଢାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାକଗାଜ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନୁପକାର ହେଲା ସେଥିରେ ପାର ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉ ୩ ଡଜନ ପଠାଇଦେବେ" ।

୩ । ମହମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବଲିଉ, ମେଜର ଏଣ୍ଡ କୋମ୍ପାନି, କଲିକତା, କମ୍ବା ବୋମ୍ବାଇ ।

ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ

ରେଜିଷ୍ଟ୍ରାରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାକଜନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

<u>ଇଲେକଟ୍ରୋ ସାଲସା</u> —ନିଜ ଗୁଣରେ ଚିକିତ୍ସା ଜଗତରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

<u>ଇଲେକ୍‌ଟ୍ରୋ ସାଲସା</u> :—ପ୍ରତ୍ୟହ ଯେଉଁପ୍ରକାର ଶ୍ରେଣି ଲୋକମାନେ ହେଉଅଛନ୍ତି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

<u>ଇଲେକଟ୍ରୋ ସାଲସା</u> :—ଉଦ୍ଭିଜ୍ଜ ଉପାଦାନରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ୍ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅପୂର୍ବ ଚାଳନା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟ ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଫେରାଇଆଣିବା ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

<u>ଇଲେକ୍‌ଟ୍ରୋ ସାଲସା</u> :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ

Split by PDF Splitter
Digitized by srujanika@gmail.com

ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଛାଡି ଦିଏନାହିଁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯାଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧଟି ଭାରତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଆରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସୀମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗୀକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଅଷ୍ଟ୍ରିୟା, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମହାମାନ୍ୟ ରାଜା ମହାରାଜା ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସଦୃଶ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟଦାୟିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଡି ଫୁଲିବା ଲୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଅଣ, କୁଳି ଘରମି ଓ ପାରଦର ଘା, ନାକ ଓ ତାଲୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଫାଟ ଗରମିର ଦାଗ ବା ଚକାଚକ୍ତି, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ବହିଃ ହସ୍ତଦ୍ୱାରାକୃତ ସମ୍ଭାଷଣ ପୁଣି ପାରଦ ଓ ଗରମି ଦୋଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳବ, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ଲିଙ୍ଗ ଶକ୍ତି ହାନି, ମସ୍ତ ଘୁରିବା, ଚକ୍ଷୁର ଅସ୍ଥିରତା, ନିର୍ବଦ୍ଧିପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳେ ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ସବୁଦିନର ଔଷଧ କମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ଖାଦ୍ୟ ଦ୍ରବ୍ୟର ସଂଶ୍ରବ ନାହିଁ । ବୃଦ୍ଧ, ଅସୁସ୍ଥ ଅବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍ଟ୍ରୋ ସାଲସା" ଭୂମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀସହିତା ଆଜିଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨। ୩ ଶିଶି ଟ ୫।

୬ ଶିଶି ଟ ୧୦। ଡଜନ ଟ ୨୦।

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକଟ୍ରୋ ସାଲସାର ;—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଚର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନ୍ୟୁୟର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରତିଷ୍ଠାନ;— "ଡବଲିଉ,ମେଜର ଏଣ୍ଡ କୋମ୍ପାନୀ," କଲିକତା।


NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*



ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.



ଅମ୍ଭର ଗୋଲ୍ଡପଦ୍ମ ତୁମ୍ଭେ ଦେଖିଛ କି ?

ଏହା ଗୋଟିଏ ବିଶୁଦ୍ଧ ଇଂରାଜୀ ପେଟେଣ୍ଟ ଅବ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁରୀ ଏବଂ ଏହା ଅମ୍ଭର ବିଶେଷ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର କୋଯାଡ



ଚିରସ୍ଥାୟୀ ଅଟେ । ଅଙ୍ଗୁଠିର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ ଲୁସିନ୍ ଗୋମେଦକର ଘାଟ ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ ଲୁସିନହୀର ବା ମୋତି ଖଚିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରୀପରି ଦେଖାଯାଏ ।

ବିଜ୍ଞାପନମୂଲ୍ୟ ପ୍ରତି ଗୋଟାକୁ ଟ ୧ ୧

ଟ ୬।୧ ରେ—ଗୋ ୧୨ ଟା "ଗୋଲ୍ଡପଦ୍ମ" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ ପେଟେଣ୍ଟ ଅବ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରଷ୍ଟୱ୍ୟାଚ୍ ରୂପାର ଓ୍ୱାଚ୍

ଟ ୭।୧ ରେ—ଗୋ ୬ ଟା "ଗୋଲ୍ଡପଦ୍ମ" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅଲବର୍ଟ ସିଲଭର ହଣ୍ଟିଂ ଓ୍ୱାଚ୍ ।

Miss. K. K. Ker
No. 36 Cathedral Missi n Lane
CALCUTTA.


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ପ୍ରତିପଦ | ୦ ୦ ୬ |
| ଅର୍ଦ୍ଧସ୍ତମ୍ଭ | ୧ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ | |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଶର୍ତ୍ତା ୫୦ । ଖାକୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥରୁ ସଓ୍ୱାଗୁଣ କମ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଦେଶୀ ଛାପାଖାନାରେ ଶ୍ରୀ ଗୋବିନ୍ଦ ରଥଙ୍କ ଦ୍ୱାରାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



REGISTERED No. C 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖଣ୍ଡ ୩୮ ଭ } ୮ ସଂଖ୍ୟା

CUTTACK, SATURDAY THE 21st February 1903.

୧୦ ଦ ଫାଲ୍ଗୁନ ସନ ୧୩୧୦ ସାଲ ଶନିବାର

{ ଅଗ୍ରିମ ଟ ୩୲ / ପଶ୍ଚାଦ୍ଦେୟ ଟ ୬୲

## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

### ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମର୍ଯ୍ୟାଦାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟଣା ମନ୍ତବ୍ୟାଦ ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

ବଡ଼ପଞ୍ଜିକା ଟ ୦।
ଛୋଟପଞ୍ଜିକା ଟ ୦୵୬

ଡାକମାସୁଲ ବଡ଼ପାଞ୍ଜି ଖ ୧ ଖଣ୍ଡକୁ ଟ ୦/ ଛୋଟପାଞ୍ଜି ଖ ୧ ଖଣ୍ଡଠାରୁ ଖ ୭ ଖଣ୍ଡ ପର୍ଯ୍ୟନ୍ତ ଟ ୦୵୬ । ବଡ଼ପାଞ୍ଜି ଖ ୧୦ ଖଣ୍ଡ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

---

Is hereby given that a scholarship of Rs. 12 (Twelve) per month tenable for 3 years in the Bengal Veterinary College will be awarded by the District Board of Cuttack. The candidates should apply to the undersigned before the 25th instant in the following form. Preference will be given to those who have fair knowledge in English.

FORM OF APPLICATION.

1. Name of the Candidate and his age.
2. Name of his father and his residence.
3. Qualification of the candidate
4. His physical fitness and certificate of moral character and any other remarks he wants to make regarding himself.

Cuttack District Board office } J. C. Chander
10-2-1903. } *Vice-Chairman.*

---

Is hereby given that a scholarship of Rs. 20 (Twenty) per month tenable for 4 years at the Sibpur Civil Engineering College will be given by the District Board of Cuttack. The Candidates must have passed the F. A. Examination of the Calcutta University or the B. A. Examination in the B. course in Physics and Chemistry. They should have proficiency in Mathematics. The age of the candidates, who have passed the F. A. Examination must be under 21 years, and of the candidates who have passed the B. A. Examination under 23 years. Candidates will have to give a guarantee that they shall continue their study for 4 full academical years.

Preference will be given to natives of Orissa. Applications are to be made to the Chairman of the District Board of Cuttack up to 15th March next.

Other informations may be furnished to the applicant on application to the District Board's office.

District Board's office } J. C. Chander
Cuttack } *Vice-Chairman*
10-2-1903.

---

## WANTED

A Private Tutor. Only Oriya under graduates or failed men with experience in teaching need apply. Applications stating caste, age and pay for which the applicant is willing to serve, will be received by the undersigned up to 5th Proximo.

Surangi } SRI CHANDRA CHUDAMONI
Via } RAJA HARI CHANDAN
Ichapur } JUGDEB-
14-2-1903 } *Raja of Surangi.*

Digitized by srujanika@gmail.com

Split by PDF Splitter




ବିଜ୍ଞାପନ ।

## WANTED

Temporarily a Surveyor on a salary of Rs. 20 per mensem. Practical knowledge of surveying and levelling is necessary. Applications will be received till the end of February 1903 by the Government Agent, Nayagarh state, District Puri.

ଶ୍ରୀ ନାରାୟଣ ସିଂହ ମାନ୍ଧାତା

Nayagarh Govt. Agent's Office. 14—2—03 } *Raja of Nayagarh*

## NOTICE.

Is hereby given that the Auction sale of the licenses of the following forest produces in this state for the year 1903-04 will be held at 11 A. M. of the 2nd March 1903 at the premises of the manager's office.

2. The intending bidders are at liberty to correspond with office on the subject. Licenses for collection and export of Tassar cocoons, Mohua flower and seeds, Kusum seeds, Karanj seeds, honey, wax, Lac (sealing wax) hides and horns of the wild animals, Panasi-grass, Tamarind, Simul, Harida and Kochila ) Knox Vomica )

Manager's Office Dhenkanal Orissa 14-2-03 } By order JAGANNATH DUTT *Assistant Manager.*

PUBLIC WORKS DEPARTMENT. ORISSA CIRCLE.

## NOTICE.

It is hereby notified for general information, that the undermentioned CANALS will be CLOSED for Annual Repairs during the periods specified below:—

The HIGH LEVEL CANAL, RANGES I, II and III, and JAJPUR CANAL, from 20th Aprial to 31st May 1903, but may be reopened sooner if there is sufficient water in the rivers.

CUTTACK, 11th February, 1903. } A. S. THOMSON, *Superintending Engineer. Orissa Circle.*

# NOTICE.

## District Board, Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rate nly without regard to quantity.

| No | Name of work. | Items | | Remarks |
|---|---|---|---|---|
| | | Mile | Quantity | |
| 1 | Laterite metalling including consolidation Cuttack Taldanda road | 1st & 2nd | 6000 c.ft | The metal is to be broken and stacked for measurement before the 30th April 1903 and consolidation to be completed by 30th July 1903. |
| | | 3rd | 3000 ,, | |
| | | 4th | 3500 ,, | |
| | | 5th | 2000 ,, | |
| | | 6th | 3000 ,, | |
| | | 7th | 5500 ,, | |
| | | 8th | 2500 ,, | |
| | | 9th | 2300 ,, | |
| | | 10th | 3500 ,, | |
| | | 11th | 2000 ,, | |
| | | 12th | 3500 ,, | |
| | | 13th | 3000 ,, | |
| | | 14th | 3000 ,, | |
| | | 15th | 4500 ,, | |
| 2 | Taldanda loop road | — | 1800 ,, | |
| 3 | Jobra Pilgrim road | — | 6000 ,, | |
| 4 | Kundalpur—Machgaon road | 11th | 2000 ,, | |
| | | 12th | 2500 ,, | |
| | | 13th | 2750 ,, | |
| 5 | Cuttack goods—station road | — | 1800 ,, | |
| 6 | Do. Main station road | — | 700 ,, | |
| 7 | Taldanda Cross road | — | 2000 ,, | |
| [illegible] | Cuttack Chand-bali road | 4th | 4100 ,, | |
| | | 5th | 2500 ,, | |
| | | 6th | 2500 ,, | |
| | | 7th | 2000 ,, | |
| 9 | Tanghi Haripur road | 1st | 3000 ,, | |
| | | 2nd | 2200 ,, | |
| 10 | Chuttia Mahanga road | 9th & 10th | 2500 ,, | |
| 11 | Barchana Genguti road | | 5000 ,, | |
| 12 | Dhanmandal—station approach road | | 3000 ,, | |
| 13 | Jenapur station approach road | | 8500 ,, | |
| 14 | Jajpur station approach road | | 9500 ,, | |

RULES.

1. All tenders which must be on Form No. 1 obtainable at this office (price 0-1-0 each) must be enclosed in sealed covers and on the outside the name of the work legibly written.

2. All tenders must specify the rates at which the intending contractor will execute the work.

3. Tenders will be received up to 2nd March 1903.

4. Tenders not in the proper Form above mentioned will be rejected.

5. The undersigned does not bind himself to accept the lowest or any tender.

CUTTACK, The 4-2-1903 } NAGENDRA NATH MITRA District Engineer Cuttack

# ଫଂଲେନ ପରିଚୀୟୁଛେ

କବିରାଜ ଶ୍ରୀଛକଡ଼ି ଦତ୍ତ କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାର୍ଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଆଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରଣ କରିବ ।

ଷଡ଼ଗୁଣବଲୀଜାରିତ ସ୍ୱର୍ଣ୍ଣସହିତ ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ । ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଗ୍ନିକ ବାୟୁଜ୍ୱର, କାଶ, ଶ୍ୱାସ, କ୍ରିମି, ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜନିତ ରୋଗଗ୍ରସ୍ତଙ୍କର ସବୁ ଶୀଘ୍ର ଆରୋଗ୍ୟ ହୁଏ । ଅତ୍ୟନ୍ତ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁବିକଳତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧। ।

ର ୧ ର ୪ ୪୩

## ଶ୍ରୀ କନ୍ଦର୍ପ ବଟିକା ।

ଏହି ଔଷଧ କାର୍ଯ୍ୟ କ୍ଷମତାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ କାର୍ଯ୍ୟ ଶିଥିଳ ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ଉପେକ୍ଷ ଫଳଲାଭ କରିପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅତ୍ୟନ୍ତ ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧। ମାତ୍ର ।

## କଳ୍ପତରୁରସାୟନ ।

( ଦେଶୀୟ ଖାଲସା )

ଏଥିରେ ବିଧଦଂଷ ( ଜରମୀ ) ଘତ, ଶାଳ-ବାଦଦୋଷଜନିତ ଖସ୍ତରରେ ଭଳାଏ ଓ ଭଳାଏ ଦାଗ; ଷୋଳକୋପୁରି ଓ ଦାଉ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧। ମାତ୍ର ।

ଏକକେ ଜାଣିଲେ କେବଳ ଟ ୩୯ ଙ୍କା ପଡ଼େ ।

ଚୌଧୁରୀ ବଜାର } ଶ୍ରୀ ଛକଡ଼ି ଦତ୍ତ କବିରତ୍ନ ଅନ୍ନପୂର୍ଣ୍ଣା

କଟକ } ଆୟୁର୍ବେଦୀୟ ଔଷଧାଳୟ ।


Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଗତ ତା ୭ ରଖରେ ଶେଷ ହେବା ସାପ୍ତାହିକ ବିବରଣରୁ ପ୍ରକାଶ ଯେ ପେଲେଗ ରୋଗ ମୃତ୍ୟୁ ଉକ୍ତ ସପ୍ତାହରେ ୨୫,୮୭୦ ଥିଲା । ତହିଁ ପୂର୍ବ ସପ୍ତାହରେ ଅଙ୍କ ୨୪ ହଜାରରୁ କିଛି ଅଧିକ ଥିଲା । ପ୍ରତି ସପ୍ତାହରେ ସହସ୍ରାଧିକ ବୃଦ୍ଧି ହେବା ସାମାନ୍ୟ କଥା ନୁହେ । ଭାରତର ପ୍ରାୟ ସକଳ ପ୍ରଦେଶରେ ରୋଗ ବୃଦ୍ଧି ଉପରେ ଅଛି । କଲିକତା ସହରରେ ମଧ୍ୟ ଦୈନିକ ମୃତ୍ୟୁ କ୍ରମେ ବଢ଼ିବାର ଦେଖି ଲୋକେ ତ୍ରସ୍ତ ହୋଇଅଛନ୍ତି ।

---

ଗତ ତା ୭ ରଖରେ ଶେଷ ହେବା ସାପ୍ତାହିକ ବିବରଣରେ ଦେଖିଲୁଁ ଯେ ଏକା ମଧ୍ୟପ୍ରଦେଶ ଛଡ଼ା ଭାରତର ଅନ୍ୟ କୌଣସି ପ୍ରଦେଶରେ ଦୁର୍ଭିକ୍ଷ ନାହିଁ । ମଧ୍ୟପ୍ରଦେଶର କେବଳ ଜବ୍ବଲପୁର ବିଭାଗରେ ଦୁର୍ଭିକ୍ଷ ପଡ଼ିଅଛି ଏବଂ ସେ ଅଞ୍ଚଳରେ ଦୁର୍ଭିକ୍ଷ ସାହାଯ୍ୟ ଲୋଡ଼ିବା ଲୋକଙ୍କ ସଂଖ୍ୟା କ୍ରମେ ବଢ଼ୁଅଛି । ଏ ସପ୍ତାହରେ ନ ୨୮,୨୫୩ ଣ ସାହାଯ୍ୟ ପାଇଥିଲେ । ପୂର୍ବ ସପ୍ତାହର ଅଙ୍କ ୨୫,୮୨୪ ଥିଲା ।

---

ଡାକ ବିଭାଗର ମନିଅର୍ଡର ଖରଚ୍ ଆଉ ହ୍ରାସରେ ଉଣା ହେବାର ସ୍ଥିର ହୋଇଅଛି । ଦଶଟଙ୍କାରୁ ଊର୍ଦ୍ଧ୍ୱ ଟ ୧୫ ଙ୍କା ପର୍ଯ୍ୟନ୍ତ ମନିଅର୍ଡରର ଖରଚ୍ ପ୍ରଚଳିତ ନିୟମରେ ଟ ୦ । ନିଆଯାଉଅଛି । ଆସନ୍ତା ଅପ୍ରେଲ ମାସ ତା ୧ ରଖଠାରୁ ଟ ୦ ।୬ ନିଆଯିବ ଏବଂ ଟ ୨୫ ଙ୍କାର ଊର୍ଦ୍ଧ୍ୱ ମନିଅର୍ଡର ସମ୍ବନ୍ଧରେ ତଦନୁସାରେ ପ୍ରତି ଟ ୧୫ ଙ୍କା ଅଥବା ତହିଁର ଅଂଶ ସକାଶେ ଟ ୦ ।୬ ଖରଚ୍ ନିଆଯିବ । ଇ, ପି, ମନିଅର୍ଡର ପ୍ରତି ମଧ୍ୟ ଏହି ନିୟମ ଖଟିବ ।

---

କଲିକତାର ଅଭିଷେକୋତ୍ସବ ଉପଲକ୍ଷରେ ଦରିଦ୍ରମାନଙ୍କୁ ଭୋଜନ ସଙ୍ଗେ କିଛି ନଗଦ ବିଦାୟ ଦେବାର କଥା ଥିଲା । ସେ ଦିନର କାର୍ଯ୍ୟରେ ବିଶୃଙ୍ଖଳା ଘଟିବାରୁ ଅତ୍ୟନ୍ତ ଗୋଳମାଳ ହେତୁ ନଗଦ ବିଦାଗି ଦିଆ ଯାଇପାରି ନ ଥିଲା । ସେ ସମ୍ବନ୍ଧୀୟ ଦଶହଜାର ଟଙ୍କା ଉତ୍ସବ କମିଟି ହାତରେ ଜମା ଅଛି ଏବଂ ତାହା ଆଗାମୀ ମାଛି ମାସ ତା ୩ ରଖ ଅପରାହ୍ନ ଘ ୩ ଘଣ୍ଟା ବେଳେ ପୃଥକ୍ ତିନି ସ୍ଥାନରେ ଦରିଦ୍ରମାନଙ୍କୁ ବାଣ୍ଟି ଦେବାର ସ୍ଥିର ହୋଇଅଛି । ଆଶା କରୁଅଛି ଏଥର ଯେମନ୍ତ ସୁବନ୍ଦୋବସ୍ତ ହୋଇଅଛି ନିର୍ବିଘ୍ନରେ କାର୍ଯ୍ୟ ସମାଧା ହେବ ।

---

ବଙ୍ଗ ବିଜେତା ଲର୍ଡ କ୍ଲାଇବଙ୍କର କନ୍ୟାର ନାତି ଲର୍ଡ ପାଉଇସ ଭାରତ ଭ୍ରମଣ କରିବାକୁ ଆସିଅଛନ୍ତି । ତାହାଙ୍କର ବୟସ ବ ୪୦ ବର୍ଷ ଅଟେ । କ୍ଲାଇବର ଅକ୍ଷୟ କୀର୍ତ୍ତି ପଲାସିଯୁଦ୍ଧକ୍ଷେତ୍ର ଓ ସିରାଜୁଦ୍ଦୌଲାଙ୍କର ସମାଧି ଇତ୍ୟାଦି ଦେଖିବା ସକାଶେ ସେ ମୁରସିଦାବାଦକୁ ଯାଇଥିଲେ ଏବଂ କେତେକ ଦିନ ସେଠାର ନବାବଙ୍କର ଅତିଥି ରୂପେ ତାହାଙ୍କର ପ୍ରାସାଦରେ ବାସ କରିଥିଲେ । କାଶୀମ ବଜାରର ମହାରାଜା ସଣୀନ୍ଦ୍ରଚନ୍ଦ୍ର ନନ୍ଦୀଙ୍କର ଉଦ୍ୟମରେ ମୁରସିଦାବାଦରେ ଯେଉଁ ଶିଳ୍ପ ପ୍ରଦର୍ଶନୀ ହୋଇଥିଲା ତାହା ଫିଟିବା ଦିନ ଲର୍ଡ ମହୋଦୟ ସେଠାରେ ଉପସ୍ଥିତ ଥିଲେ । ତାହାଙ୍କ ପୂର୍ବ ପୁରୁଷର କୀର୍ତ୍ତି ଦେଖି ସେ ଆନନ୍ଦିତ ହୋଇଅଛନ୍ତି ।

---

କଟକ ମିଉନିସିପାଲିଟୀର ବଜେଟ ଆଗାମି ବର୍ଷ ନିମନ୍ତେ ପ୍ରସ୍ତୁତ ହୋଇ ସାଧାରଣଙ୍କ ଅବଗତାର୍ଥେ ମିଉନିସିପାଲିଟୀ ଅଫିସରେ ରଖା ହୋଇଥିବାର ଗତ ଗୁରୁବାର ଦିବସରୁ ଢେଣ୍ଡୁରା ଦିଆ ହୋଇଅଛି । ଦୁଇହପ୍ତା ପର୍ଯ୍ୟନ୍ତ କରଦାତାମାନେ ଉକ୍ତ ଖସଡ଼ା ବଜେଟ ଦେଖି ସେଥିରେ ସେମାନଙ୍କର ମତାମତ ଲେଖିଦେଇ ପାରିବେ । ଏହିପରି ବର୍ଷକୁବର୍ଷ ଖସଡ଼ା ବଜେଟ ପ୍ରସ୍ତୁତ ହୋଇଥାଏ ମାତ୍ର କୌଣସି କରଦାତା କିଛି ଆପତ୍ତି କରନ୍ତୁ ନ ଥିଲେ । ଗତବର୍ଷ କେବଳ ଦୁଇ ଜଣ କରଦାତା ବଜେଟ ଦେଖି ସେମାନଙ୍କର ମନ୍ତବ୍ୟ ପ୍ରଦାନ କରିଥିଲେ । ଆମ୍ଭେମାନେ ଆଶା କରୁଁ ଏଥର କରଦାତାମାନେ ବଜେଟ ପରିଦର୍ଶନାର୍ଥେ ଗମନ କରି ସ୍ୱୀୟ ମନ୍ତବ୍ୟ ପ୍ରଦାନ କରିବାରେ ଅବହେଳା କରିବେ ନାହିଁ ।

---

ପାଠକମାନଙ୍କର ସୁପରିଚିତ ଶ୍ରୀଯୁକ୍ତ ପେନେଲ ସାହେବ କଲିକତା ହାଇକୋର୍ଟରେ ବାରିଷ୍ଟରୀ କରିବାର ଅନୁମତି ନ ପାଇବାରୁ ଇଙ୍ଗ୍ଲଣ୍ଡର ଚିଫ୍ କୋର୍ଟରେ ବାରିଷ୍ଟରୀ କରିବାର ପ୍ରାର୍ଥନା କରିଥିଲେ । ଗତ ତା ୧୩ ରଖରେ ସେ ଆବେଦନ ପତ୍ରର ବିଚାର ବେଳେ ପେନେଲ ସାହେବଙ୍କର ବାରିଷ୍ଟର ସୋମରଜ ସାହେବ ଚିଫକୋର୍ଟଙ୍କୁ ଜଣାଇଲେ କି ପେନେଲ ସାହେବଙ୍କର ନିଜର ଚରିତ୍ର ବିରୁଦ୍ଧରେ କୌଣସି ଆପତ୍ତି ନାହିଁ ଏବଂ ସରକାରୀ ଚରିତ୍ର ସମ୍ବନ୍ଧରେ ସେ ସରକାରୀ କାର୍ଯ୍ୟରୁ ବରଖାସ୍ତ ହେବା ଏବଂ କଲିକତା ହାଇକୋର୍ଟରେ ବାରିଷ୍ଟରୀ କରିବାର ଅନୁମତି ନ ପାଇବାଦ୍ୱାରା ତାହାଙ୍କର ଯଥେଷ୍ଟ ଦଣ୍ଡ ହୋଇଅଛି । ସେ ଦଣ୍ଡ ଚିରସ୍ଥାୟୀ କରିବା ନ୍ୟାୟସଙ୍ଗତ ନୁହେ । ବିଚାରପତିମାନେ ପେନେଲ ସାହେବଙ୍କର ଆବେଦନ ଗ୍ରହଣ କରିଅଛନ୍ତି ବଡ଼ ସୁଖର ବିଷୟ ଅଟେ ।

---

ଠାକୁର ରାଜାଙ୍କ ମୋକଦ୍ଦମା ଆମ୍ଭମାନଙ୍କର କଟକ ଜିଲ୍ଲା ମେଜେଷ୍ଟ୍ରର ସାହେବ ମୌଲବୀ ଅବଦୁଲ ସଲାମ ଡେପୁଟୀ ମହାଶୟଙ୍କ ମହକୁମାରୁ ଉଠାଇ ନେଇ ପୁଲିସ ଇନସ୍ପେକ୍ଟର କାଶୀଭୂଷଣଚନ୍ଦ୍ର ବାନର୍ଜ୍ଜୀ ପ୍ରଭୃତି ଆସାମିମାନଙ୍କୁ ଖଲାସ ଦେବାରୁ ଠାକୁର ରାଜା ହାଇକୋର୍ଟରେ ମୋସନ ଆଗତ କରିବାରେ ହାଇକୋର୍ଟରୁ ନଥି ଇତ୍ୟାଦି ତଲବ ହୋଇଥିବା ବିଷୟ ପାଠକମାନଙ୍କୁ ଜଣା ଅଛି । ସେ ମୋକଦ୍ଦମା ଗତ ଗୁରୁବାର ଦିନ ହାଇକୋର୍ଟରେ ଶୁଣାଣି ହୋଇ ମେଜେଷ୍ଟ୍ରର ସାହେବଙ୍କର ରାୟ ରଦ ଓ ମୋକଦ୍ଦମ ମୌଲବୀ ସାହେବଙ୍କଦ୍ୱାରା ବିଚାରିତ ହେବାର ଆଦେଶ ହୋଇଅଛି । ଆସାମିମାନେ ମେଜେଷ୍ଟ୍ରର ସାହେବଙ୍କଠାରେ ଆବେଦନ କରିବାରୁ ମେଜେଷ୍ଟ୍ରର ସାହେବ ମୋକଦ୍ଦମାଟିକୁ ଅପଣା କଟକକୁ ଉଠାଇ ନେଇ ସଙ୍ଗେ୨ ଯେଉଁ ମୁକ୍ତିର ଆଦେଶ ଦେଲେ ତାହା ସମ୍ପୂର୍ଣ୍ଣ ବେଆଇନୀ ଅଟେ ଏବଂ ବର୍ତ୍ତମାନ ହାଇକୋର୍ଟର ବିଚାରପତିମାନେ ମୋକଦ୍ଦମାଟି ଆଦୌ ଉଠାଇ ନେବାର କୌଣସି କାରଣ ନ ଥିବାର ସ୍ପଷ୍ଟ ଦେଖାଇଦେଲେ । ପୁରୀଠାରୁ କଟକକୁ ମୋକଦ୍ଦମା ଉଠାଇ ଆଣିବାରେ ପ୍ରଥମେ ହାଇକୋର୍ଟରେ ମୋସନ ହୋଇ ପୁନର୍ବାର ଏଠା ମେଜେଷ୍ଟ୍ରରଙ୍କ କାର୍ଯ୍ୟ ବିରୁଦ୍ଧରେ ମୋସନ କରିବାରେ ସହସ୍ର୨ ଟଙ୍କା ଯେ ବ୍ୟୟ ହୋଇଗଲା ସେଥି ସକାଶେ ଦାୟୀ କିଏ ? ମେଜେଷ୍ଟ୍ରରମାନେ ସ୍ଥିର ଭାବରେ ବିଚାର କରି କାର୍ଯ୍ୟ କରୁଥିଲେ କୌଣସି ଲୋକ ଅକାରଣ ଅପମାନିତ, ହରକତ ଓ ଖର୍ଚ୍ଚାନ୍ତ ହୋଇ ନ ପାରନ୍ତେ ।

---

ପୁରୀ ରାଜାଙ୍କର ଫୌଜଦାରୀ ମୋକଦ୍ଦମା ଏଠାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫିସର ସାହେବ ଡେପୁଟି ମାଜିଷ୍ଟ୍ରେଟ ମଉଲବି ଅବଦୁଲସଲାମଙ୍କ ମିସଲରୁ ନିଜ ମିସଲକୁ ଉଠାଇ ଆଣିବା ପ୍ରସଙ୍ଗରେ ରାଜାଙ୍କର ବାରିଷ୍ଟର ଶ୍ରୀଯୁକ୍ତ ପି, ଏଲ, ରାୟଙ୍କୁ ମିସଲରେ କହିଥିଲେ କି ବାବୁ ବ୍ରଜେନ୍ଦ୍ରକୁମାର ସିଲ ରାଜାଙ୍କର ଉକୀଲ ଥାଇ ବିଚାରକର୍ତ୍ତା ମଉଲବି ସାହେବଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲେ । ମାଜିଷ୍ଟ୍ରେଟ ସାହେବ ଏମନ୍ତ ଭାବରେ ଏସ କଥା କହିଥିଲେ ଯେମନ୍ତ ରାଜାଙ୍କ ପକ୍ଷରେ ବିଚାର କରିବା କାରଣ ମଉଲବି ସାହେବଙ୍କୁ ପ୍ରବର୍ତ୍ତାଇବା ସିଲ ମହାଶୟଙ୍କର ଉଦ୍ଦେଶ୍ୟ ଥିଲା । ସିଲ ମହାଶୟ ପୂର୍ବେ ସରକାରୀ ଜଜୀୟତୀ କାର୍ଯ୍ୟ କରୁଥିଲେ ଏବଂ ବର୍ତ୍ତମାନ ହାଇକୋ-

Digitized by srujanika@gmail.com

Split by PDF Splitter



ଟରେ ଉକାଲତି କରୁଅଛନ୍ତି । ମାଜିଷ୍ଟ୍ରେଟଙ୍କର ଉପର ଲିଖିତ କଥାଦ୍ୱାରା ସିଲ ମହାଶୟଙ୍କର ଚରିତ୍ର ପ୍ରତି କଳଙ୍କ ଆରୋପ ହେବାରୁ ସେ ଉକ୍ତ ବିଷୟ କଲିକତା ହାଇକୋର୍ଟରେ ବିଚାରପତିଙ୍କୁ ଜଣାଇଲେ ଯେ ମାଜିଷ୍ଟ୍ରେଟ ତାହାଙ୍କ ବିରୁଦ୍ଧରେ ଯାହା ମିସଲରେ କହିଅଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା, ମୋକଦ୍ଦମାର କୌଣସି କାଗଜ ପତ୍ରରେ ତାହା ପ୍ରକାଶ ନାହିଁ ଏବଂ ମାଜିଷ୍ଟ୍ରେଟ ସାହେବ କେବଳ ଶତ୍ରୁଅଠାରୁ ତାହା ଶୁଣି ମିସଲରେ ପ୍ରକାଶ କରିଅଛନ୍ତି । ଏହି ହେତୁରେ ସିଲ ମହାଶୟ ହାଇକୋର୍ଟରୁ ପ୍ରତିକାର ପ୍ରାର୍ଥନା କଲେ । ଏଥିରୁ ମାନ୍ୟବର ବିଚାରପତିମାନେ ନିଷ୍ପତ୍ତି କଲେ କି ସେମାନଙ୍କ ବିବେଚନାରେ ଫିସର ସାହେବ ସିଲ ମହାଶୟଙ୍କର ମାନ ହାନି ଅଭିପ୍ରାୟରେ ଉକ୍ତ କଥା କହି ନାହାନ୍ତି । ସିଲ ମହାଶୟ ଯେବେ ଫିସର ସାହେବଙ୍କୁ ଏ କଥା ଜଣାଇବେ ତେବେ ସେ ନିଶ୍ଚୟ ଆପଣା ନିଷ୍ପତ୍ତିରେ ଉକ୍ତ ଭ୍ରମ ସମ୍ବନ୍ଧରେ ଏମନ୍ତ ମନ୍ତବ୍ୟ ଯୋଗ କରିଦେବେ ଯେ ତଦ୍ୱାରା ସିଲ ମହାଶୟଙ୍କର ଗୁହାରର ଉଚିତ ପ୍ରତିକାର ହୋଇ ଯିବ । ଏହା ଏକପ୍ରକାର ଅଭିନବ ବିଚାର ଅଟେ । ସିଲ ମହାଶୟ ଗୁହାରି କଲେ କି ଫିସର ସାହେବ ମୋହ ନାମରେ କଳଙ୍କ ରଟାଇଲେ । ହାକିମ କହିଲେ ଫିସର ସାହେବଙ୍କ ପାଖକୁ ଯାଅ ଓ ତାହାଙ୍କୁ କହି ସଂଶୋଧନ କରାଇ ନିଅ !

---

### ବର୍ଦ୍ଧମାନ ରାଜ ।

ବର୍ଦ୍ଧମାନର ନବୀନ ମହାରାଜାଙ୍କର ଅଭିଷେକ ଦରବାରରେ ବଙ୍ଗଳାର ଏକ୍‌ଟିଂ ଲେଫ୍‌ଟେନାଣ୍ଟ ମାନ୍ୟବର ବୋର୍ଡ଼ିଲନ ବାହାଦୁର ଆପଣାର ବକ୍ତୃତାରେ ବର୍ଦ୍ଧମାନ ରାଜର ନିମ୍ନଲିଖିତ ବିବରଣ ପ୍ରକାଶ କରିଥିଲେ । ଯଥା;

ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଲାହୋର ଅନ୍ତର୍ଗତ କୋଟଲିକବାସୀ ଅବୁରାୟ ପ୍ରଥମେ ପଞ୍ଜାବରୁ ବଙ୍ଗଳାକୁ ଆସି ବର୍ଦ୍ଧମାନରେ ବସତି କଲେ । ତାହାଙ୍କର ଅଧସ୍ତନ ସପ୍ତମ ପୁରୁଷ ତିଲକଚାନ୍ଦ ବାହାଦୁର ସନ ୧୭୬୪ ରେ ଗଦୀ ପ୍ରାପ୍ତ ହେଲେ ଏବଂ ଦିଲ୍ଲୀର ବାଦସାହଙ୍କର ବଡ଼ ଅନୁଗ୍ରହ ଲାଭ କରି ରାଜା ବାହାଦୁର ପଦ ପାଇ ୪ ହଜାର ସୈନ୍ୟର ମାଲିକ ଏବଂ ପରେ ମହାରାଜାଧିରାଜ ଏବଂ ପଞ୍ଚହଜାର ଅର୍ଥାତ୍ ପାଞ୍ଚ ହଜାର ସେନାର ଅଧିନାୟକ ହେଲେ ଏବଂ ତୋପ ରଖିବା ଓ ରଣବାଦ୍ୟ ବଜାଇବାର ଅନୁମତି ପାଇଲେ । ମହାରାଜା ତିଲକଚାନ୍ଦ ବାହାଦୁରଙ୍କର ମୃତ୍ୟୁ ହେବାରୁ ସନ ୧୭୭୧ ସାଲରେ ତେଜଚାନ୍ଦ ବାହାଦୁର ଗଦୀ ପାଇଲେ ଏବଂ ବର୍ଦ୍ଧମାନ ଜିଲ୍ଲା ଓ ରାଜର ଶାସନଭାର ସେ ନିର୍ବାହ କରୁଥିଲେ । ତାହାଙ୍କ ଅମଲରେ ଚିରସ୍ଥାୟୀ ବନ୍ଦୋବସ୍ତର ମୂଳ ଆଇନ ସନ ୧୭୯୩ ସାଲର ୧ ଆଇନ ଜାରି ହେଲା ଏବଂ ସେ ପତନୀ ତାଲୁକର ସୃଷ୍ଟି କଲେ କି ଯହିଁ ସମ୍ବନ୍ଧରେ ସନ ୧୮୧୯ ସାଲ ୮ ଆଇନ ଜାରି ହୋଇଅଛି । ମହାରାଜା ତେଜଚାନ୍ଦ ବାହାଦୁର ୬୦ ବର୍ଷ ରାଜତ୍ୱ କରି ସନ ୧୮୩୨ ସାଲରେ ସ୍ୱର୍ଗାରୋହଣ କରନ୍ତେ ତାହାଙ୍କର ପୋଷ୍ୟପୁତ୍ର ମହତାପଚାନ୍ଦ ବାହାଦୁର ମହାରାଜା ହୋଇ ୪୭ ବର୍ଷ ରାଜତ୍ୱ କଲେ । ବଙ୍ଗ ଦେଶର ପ୍ରଥମ ସମ୍ଭ୍ରାନ୍ତ ବ୍ୟକ୍ତିସ୍ୱରୂପ ସେ ସନ ୧୮୬୪ ସାଲରେ ବଡଲାଟଙ୍କ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଥିଲେ ଏବଂ ଅସ୍ତ୍ର ଓ ସୈନ୍ୟ ରଖିବାର ଚିରସ୍ଥାୟୀ ଅନୁମତି ପାଇଥିଲେ । ସନ ୧୮୭୭ ସାଲର ଦିଲ୍ଲୀ ଦରବାରରେ ତାହାଙ୍କୁ ୧୩ ତୋପ ସଲାମୀ ପାଇବାର ସମ୍ମାନ ଦିଆଗଲା । ସନ ୧୮୭୯ ସାଲରେ ସେ ଦେହ ତ୍ୟାଗ କଲେ ଏବଂ ତାହାଙ୍କର ପୋଷ୍ୟପୁତ୍ର ଆଫତାବଚାନ୍ଦ ମହତାପ ବାହାଦୁର ରାଜତ୍ୱ ପାଇଲେ । ମାତ୍ର ସେ ଅଳ୍ପ ବୟସରେ ସନ ୧୮୮୫ ସାଲରେ ନିଃସନ୍ତାନ ହୋଇ ମରିଗଲେ ଏବଂ ରାଜ୍ୟ କୋର୍ଟ ଅବ୍ ୱାର୍ଡ଼ସର ଅଧୀନରେ ଆସିଲା । କେତେକ ମାମଲା ମୋକଦ୍ଦମା ଉତ୍ତାରୁ ପରଶେଷରେ ବର୍ତ୍ତମାନ ମହାରାଣୀ ମହାରାଜା ବିଜୟଚାନ୍ଦ ବାହାଦୁରଙ୍କୁ ପୋଷ୍ୟପୁତ୍ର କଲେ ଏବଂ ସନ ୧୮୮୭ ସାଲରେ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କଲେ । ଏ ମହାରାଜା ରାଜା ବନବିହାରୀ କାପୁରଙ୍କର ଔରସପୁତ୍ର ଓ ସନ ୧୮୮୧ ସାଲରେ ଏହାଙ୍କର ଜନ୍ମ । ଗତକ ବର୍ଷର ଦିଲ୍ଲୀ ଦରବାରରେ ମହାରାଜାଧିରାଜ ପଦ ବର୍ଦ୍ଧମାନ ରାଜର ବଂଶଗତ ପଦ ହେଲା ଏବଂ ବର୍ତ୍ତମାନ ରାଜାଙ୍କୁ ତହିଁ ଉପରେ ବାହାଦୁର ପଦ ପ୍ରଦତ୍ତ ହୋଇଅଛି । ମହାରାଜାଧିରାଜ ବିଜୟଚାନ୍ଦ ମହତାପ ବାହାଦୁର ଉପଯୁକ୍ତ ଶିକ୍ଷକଙ୍କଦ୍ୱାରା ଉତ୍ତମରୂପେ ଶିକ୍ଷା ଲାଭ କରି ଏବେ ରାଜ୍ୟର ଗ୍ରହଣର ଯୋଗ୍ୟ ହୋଇ ଅଦ୍ୟ ବିଶାଳ ଭୂସମ୍ପତ୍ତିର ଓ ବଙ୍ଗ ଦେଶର ସର୍ବପ୍ରଥମ ସମ୍ଭ୍ରାନ୍ତ ପଦର ଅଧିକାରୀ ହେଲେ । ସେ ସମ୍ପତ୍ତି ନଅ ଜିଲ୍ଲାରେ ଅବସ୍ଥିତ, ତହିଁର ଆୟତନ ୪୬୯୫ ବର୍ଗମାଇଲ, ଏବଂ ମୋଟମୂଲ ଜମା କୋର୍ଟ ଅବ୍ ୱାର୍ଡ଼ସ ହାତକୁ ଆସିଲା ବେଳେ ଟ ୪୪,୬୩,୭୬୮ ଥିଲା ବର୍ତ୍ତମାନ ଟ ୪୭,୩୯,-୨୧୯ ଟଙ୍କା ହୋଇଅଛି । ଏଥିରୁ ରାଜସ୍ୱ, ଖଜଣା ପଥକର ଇତ୍ୟାଦି ଟ [illegible] ଟଙ୍କା ମିଶା ଯାଇ ନିଟ ଆୟ ପ୍ରାୟ ୬ ଲକ୍ଷ ଟଙ୍କା ଅଟେ । ନ ୧୭ ବର୍ଷ ନାବାଳଗି ସମୟରେ ସରକାର ଏହି ସମ୍ପତ୍ତିର ଅନେକ ଉନ୍ନତି କାର୍ଯ୍ୟରେ ଅନେକ ଟଙ୍କା ବ୍ୟୟ କରି ୧୪ ଲକ୍ଷ ଟଙ୍କାର କମ୍ପାନୀ କାଗଜ ଏବଂ ୧୧ ଲକ୍ଷ ନଗଦ ଟଙ୍କା ସହିତ ମହାରାଜା ବାହାଦୁରଙ୍କୁ ଅର୍ପିତ ହେଲା । କାର୍ଯ୍ୟ ନିର୍ବାହର ଯଥୋଚିତ ଶୃଙ୍ଖଳା ହୋଇଅଛି । ଅତଃପର ମହାରାଜାଧିରାଜଙ୍କୁ ଉପଦେଶସ୍ୱରୂପ କହିଲେ ତୁମ୍ଭେ ଏଡେ ବଡ଼ ସମ୍ପତ୍ତିର ଅଧିକାରୀ ହେଲ । ପ୍ରଜାମାନଙ୍କ ପ୍ରତି ନ୍ୟାୟ ଓ ସଦୟ ବ୍ୟବହାର କରିବ ସେମାନଙ୍କ ଗୁହାରି ଶୁଣି ଉଚିତ ପ୍ରତିକାର ଦାନ କରିବ । ଗବର୍ଣ୍ଣମେଣ୍ଟଠାରେ ରାଜଭକ୍ତି ଓ ସରକାରୀ ଉଚ୍ଚ କର୍ମଚାରୀ, ସମାନସ୍ଥ ଓ ଅଧୀନ ଲୋକଙ୍କ ପ୍ରତି ଯଥୋଚିତ ସୁବ୍ୟବହାର କରିବ ଏବଂ ସାହାଯ୍ୟ କରିବାକୁ ଅଗ୍ରସର ହେବ । ଏହି ସହଜ ଉପଦେଶ ସ୍ମରଣ ରଖି କାର୍ଯ୍ୟ କଲେ ତୁମ୍ଭେ ଆପଣାର ଓ ବଂଶ ବାନ୍ଧବର ମର୍ଯ୍ୟାଦା ବଢ଼ାଇବ ଏବଂ ପ୍ରଜାବର୍ଗ ଓ ସମାଜସ୍ଥ ଲୋକମାନେ ସୁଖ ସନ୍ତୋଷରେ ରହିବେ । ଈଶ୍ୱର ତୁମ୍ଭଙ୍କୁ ଏଡେ ବଡ଼ ପଦ ଦେଲେ ମାତ୍ର ଏହା ରକ୍ଷା କରିବାର ଭାର ତୁମ୍ଭ ଉପରେ ପଡ଼ିଅଛି । ଯଥାସାଧ୍ୟ ଯୋଗ୍ୟତା ସହିତ ତାହା ବହନ କର ।

---

### ଉତ୍କଳଖଣ୍ଡର ରାଜକୀୟ ସଂଯୋଗ ।

ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ କି ସମସ୍ତ ଉତ୍କଳଭାଷା ପ୍ରଚଳିତ ଭୂଖଣ୍ଡକୁ ଏକ ଗବର୍ଣ୍ଣମେଣ୍ଟର ଅଧୀନ କରିବା ପ୍ରାର୍ଥନାରେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନ ପତ୍ର ପଠାଇଅଛନ୍ତି ତାହା ଆମ୍ଭେମାନେ ଦେଖିଥିଲୁଁ । ଯଦ୍ୟପି ଉକ୍ତ ରାଜା ମହୋଦୟ ଉକ୍ତ ଆବେଦନପତ୍ର ପ୍ରକାଶ୍ୟ ଭାବରେ ପ୍ରଚାର କରି ନାହାନ୍ତି ମାତ୍ର କେତେ ଖଣ୍ଡ ପ୍ରତିଲିପି ଆପଣା ବନ୍ଧୁବର୍ଗଙ୍କୁ ପ୍ରଦାନ କରି ଅଛନ୍ତି ଏବଂ ସେହିସୂତ୍ରେ ଆମ୍ଭେମାନେ ତାହା ପାଠ କରି ସମ୍ପ୍ରତି ପାଠକମାନଙ୍କର ସନ୍ଦେହ ଭଞ୍ଜନାର୍ଥେ ତହିଁର ସଂକ୍ଷେପ ମର୍ମ ଉପହାର ଦେଉଅଛୁଁ । ଉକ୍ତ ଆବେଦନପତ୍ରରେ ଉତ୍କଳଭାଷା ପ୍ରଚଳିତ ଭୂମିଖଣ୍ଡର ବହୁ ବିସ୍ତୃତି, ପ୍ରାଚୀନ ଗୌରବ, ଆଶ୍ଚର୍ଯ୍ୟ କୀର୍ତ୍ତି ଏବଂ ପୂର୍ବକାଳର ଓଡ଼ିଆମାନଙ୍କର ଅବସ୍ଥା ବିଦ୍ୟା ବୁଦ୍ଧି ଶିଳ୍ପନୈପୁଣ୍ୟତା ଇତ୍ୟାଦିର ବିଶଦ ବର୍ଣ୍ଣନା ଉତ୍ତାରୁ ବର୍ତ୍ତମାନ ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଶାସନପ୍ରଣାଳୀ ଅନୁସାରେ ଏହା ତିନ ପ୍ରାଦେଶିକ ଶାସନ ଅର୍ଥାତ୍ ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ଭୁକ୍ତ ହେବା ଏବଂ ସେହି ପ୍ରଦେଶର ମୂଳ ଅଧିବାସୀମାନେ ସର୍ବରୁ ଗବର୍ଣ୍ଣମେଣ୍ଟଙ୍କର ସୁଶାସନ ଫଳ ଭୋଗଦ୍ୱାରା ଅଧିକତର ଉନ୍ନତ ହେବା ହେତୁ ଓଡ଼ିଆମାନେ ପ୍ରତିଯୋଗିତାରେ ସେମାନଙ୍କ ସମକକ୍ଷ

Digitized by srujanika@gmail.com

Split by PDF Splitter



ହୋଇ ନ ପାରି କ୍ରମେ ଦୁର୍ଗତିକୁ ଲଭିବାର ଲେଖାଅଛୁ । ସମସ୍ତ ଉତ୍କଳଭାଷା ପ୍ରଚଳିତ ଭୂଭାଗ ଏକଶାସନାଧୀନ ରହିଲେ ଓଡ଼ିଆମାନଙ୍କର ଶିକ୍ଷା ଓ ବୈଷୟିକ ଉନ୍ନତି ପ୍ରତି ଶାସନକର୍ତ୍ତାଙ୍କର ଏକାନ୍ତ ଯତ୍ନ ଓ ମନୋଯୋଗ ରହିବ, ଅନ୍ୟ କେହି ତାହାଙ୍କୁ ଭୁଲାଇ ନେଇ ପାରିବେ ନାହିଁ ଏବଂ ସେମାନେ ଏକତ୍ର ମିଶି ପରସ୍ପରପ୍ରତି ଅଧିକ ମମତା ଓ ସହାନୁଭୂତି ଦେଖାଇ ପାରିବେ । ସଂକ୍ଷେପରେ ଏହାଦ୍ୱାରା ଏକତାର ସମସ୍ତ ସୁଫଳ ମିଳିବ ଏବଂ ବିଭିନ୍ନତାର ସମସ୍ତ ଦୋଷ ଦୂର ହେବ । ଅତଏବ ରାଜା ବାହାଦୁର ଗବର୍ଣ୍ଣମେଣ୍ଟରେ ଏହି ପ୍ରାର୍ଥନା କରିଅଛନ୍ତି କି ଉତ୍କଳଖଣ୍ଡ ନିମନ୍ତେ ଗୋଟିଏ ପୃଥକ୍ ପ୍ରାଦେଶିକ ଶାସନ ଗଠିତ ହେଉ ଅଥବା ବଙ୍ଗ, ମାନ୍ଦ୍ରାଜ ବା ମଧ୍ୟପ୍ରଦେଶ ମଧ୍ୟରୁ କୌଣସି ଏକ ଶାସନାଧୀନରେ ସମସ୍ତ ଉତ୍କଳଖଣ୍ଡକୁ ରଖାଯାଉ ।

ସମସ୍ତ ଉତ୍କଳ ଏକ ଶାସନକର୍ତ୍ତାର ଅଧୀନ ହେଲେ ରାଜା ବାହାଦୁର ଯେ ଶୁଭଫଳର ଆଶା କରନ୍ତି, ଉତ୍କଳବାସୀ ପ୍ରାୟ ସମସ୍ତେ ସେହି ଆଶା କରନ୍ତି ଏହା ବୋଲିବା ବାହୁଲ୍ୟ ଅଟେ ଏବଂ ଅନୁମାନ ହେଉଅଛି ଯେ ତାହା ହୋଇ ପାରିଲେ ଗବର୍ଣ୍ଣମେଣ୍ଟ ଆନନ୍ଦିତ ହେବେ କାରଣ ସମସ୍ତଙ୍କର ମଙ୍ଗଳ କରିବା ଗବର୍ଣ୍ଣମେଣ୍ଟଙ୍କର ଏକମାତ୍ର ଉଦ୍ଦେଶ୍ୟ । ମାତ୍ର ରାଜା ବାହାଦୁରଙ୍କର ସେହି ଏକତା ସାଧନ ସମ୍ବନ୍ଧୀୟ ପ୍ରାର୍ଥନା ଆମ୍ଭମାନଙ୍କ ମନକୁ ଯୋଗ୍ୟ ନ ଥିବାର ପୂର୍ବରୁ ଆମ୍ଭେମାନେ ପ୍ରକାଶ କରିଅଛୁଁ ଏବଂ ଦୁଃଖର ବିଷୟ ଯେ ତାହାଙ୍କର ଆବେଦନପତ୍ର ପଢ଼ି ସେ ମତ ପରିବର୍ତ୍ତନ କରିବାର କୌଣସି ସୁଯୁକ୍ତି ପାଇଲୁ ନାହିଁ । ଉତ୍କଳ ଖଣ୍ଡର ଆୟତନ ଯେତେ ବିସ୍ତୃତ ହେଉପଛକେ ତାହା ଯେ ଗୋଟିଏ ପୃଥକ୍ ଶାସନ ସ୍ଥାପନ ନିମନ୍ତେ ପ୍ରଚୁର ଏ କଥା କୌଣସିମତେ ବୋଲି ଯାଇ ନ ପାରେ । ଏହି ସମସ୍ତ ରାଜ୍ୟଖଣ୍ଡର ଯେତେ ଲୋକସଂଖ୍ୟା ରାଜା ବାହାଦୁର ଆପଣା ଆବେଦନପତ୍ରରେ ଲେଖିଅଛନ୍ତି ତାହା ଠିକ ଥିବାର ସ୍ୱୀକାର କଲେ ମଧ୍ୟ ବଙ୍ଗଳାର ଗୋଟିଏ କମିଶନରି ବିଭାଗଠାରୁ ଅଧିକ ହେବ ନାହିଁ । ତହିଁର ଅଧିକାଂଶ ଗଡ଼ଜାତ ବା ଜଙ୍ଗଲ ଓ ପର୍ବତମୟ । ସୁତରାଂ ତହିଁର ଆୟରୁ ଗୋଟିଏ ଶାସନର ବ୍ୟୟ ନିର୍ବାହ ହେବା ଅସମ୍ଭବ । ଅତ-ଏବ ଓଡ଼ିଶା ସକାଶେ ଗୋଟିଏ ପୃଥକ୍ ଶାସନର ପ୍ରାର୍ଥନା ଆଦୌ ଅସଙ୍ଗତ । ୨ୟ ପ୍ରାର୍ଥନା ସମ୍ବନ୍ଧରେ ବକ୍ତବ୍ୟ ଏହି କି ସମସ୍ତ ଉତ୍କଳ ଭୂମି, ବଙ୍ଗ, ମାନ୍ଦ୍ରାଜ ବା ମଧ୍ୟପ୍ରଦେଶର ଅନ୍ତର୍ଗତ ହେଲେ ସମାନ ଫଳ ହେବ ଏହା ଯୁକ୍ତିସଙ୍ଗତ ବିବେଚିତ ହେଉ ନାହିଁ । ଓଡ଼ିଶା ଯୋଗ ହେଲେ ସେ ସମସ୍ତ ପ୍ରଦେଶର ରାଜଧାନୀ ବଦଳିବ ନାହିଁ ଅର୍ଥାତ୍ ବର୍ତ୍ତମାନ ପରି ଯଥାକ୍ରମେ କଲିକତା, ମାନ୍ଦ୍ରାଜ ଓ ନାଗପୁରରେ ରହିବ ଏବଂ ଓଡ଼ିଶାର ରାଜଧାନୀ କଟକରେ ରହିବ । ଏଥିକୁ କଟକରୁ କଲିକତା ମା ୨୫୩ ମାଇଲ ମାନ୍ଦ୍ରାଜ ମା ୭୭୬ ମାଇଲ ଏବଂ ନାଗପୁର ମା ୮୯୯ ମାଇଲ ଅଟେ । ଏଥିଉତ୍ତାରୁ ଯେବେ କଟକଠାରୁ ଓ ସମ୍ବଲପୁରକୁ ଯେଉଁ ରେଲବାଟ ପ୍ରସ୍ତୁତ ହେବାର କଥା ଅଛି । ମାତ୍ର ନିକଟରେ ହେବାର ସ୍ଥିର ହୋଇ ନାହିଁ । ଯେବେ ତାହା କୌଣସି କାଳରେ ଫିଟିବ ତେତେବେଳେ କଟକ ଓ ନାଗପୁରର ଦୂରତା ପ୍ରାୟ ମା ୧୫୦ ମାଇଲ ଊଣା ପଡ଼ିବ ମାତ୍ର ତାହାହେଲେ ସୁଦ୍ଧା କଟକଠାରୁ ମାନ୍ଦ୍ରାଜ ଓ ନାଗପୁରର ଦୂରତା ପ୍ରାୟ ସମାନ ପଡ଼ିବ ଏବଂ କଲିକତାର ତିନିଗୁଣ ପଡ଼ିବ । ଅତଏବ ଦୂରତା ବିବେଚନାରେ ଦେଖାଯାଏ ଯେ ସମସ୍ତ ଓଡ଼ିଶା ମାନ୍ଦ୍ରାଜ ବା ମଧ୍ୟପ୍ରଦେଶର ଅଧୀନ ହେଲେ ସେହି ସେହି ପ୍ରଦେଶାନ୍ତର୍ଗତ ଉତ୍କଳ ଖଣ୍ଡର କିଛି ଲାଭ ନାହିଁ ସେମାନେ ଯେମନ୍ତ ଏକ ପ୍ରାନ୍ତରେ ପଡିଅଛନ୍ତି ତେମନ୍ତ ରହିବେ ଏବଂ ତେଲଙ୍ଗା ବା ମହରଟାଙ୍କର ଆଧିପତ୍ୟ ଯେମନ୍ତ ସହୁଅଛନ୍ତି ତେମନ୍ତ ସହିବେ । ମାତ୍ର ବଙ୍ଗାନ୍ତର୍ଗତ ଓଡ଼ିଶା ଯାହା କି ଉତ୍କଳ ଦେଶର ବୃହତ୍ ଓ ପ୍ରଧାନ ଅଂଶ ହେଉଅଛି ତହିଁର ବିଶେଷ କ୍ଷତି ହେବ । କାରଣ ତାହା ମାନ୍ଦ୍ରାଜ ବା ନାଗପୁରଠାରୁ ସେହି ସେହି ପ୍ରଦେଶର ଓଡ଼ିଆଙ୍କ ଅପେକ୍ଷା ଦୂରତର ପ୍ରାନ୍ତସୀମାରେ ପଡିବ ଏବଂ ବଙ୍ଗାଳୀଙ୍କଠାରୁ ଅଧିକତର ଅପରିଚିତ ତେଲଙ୍ଗା ବା ମହରଟାଙ୍କ ସହିତ ପ୍ରତିଯୋଗିତା କରିବାକୁ ବାଧ୍ୟ ହେବ । ଫଳତଃ ଯେ କୌଣସି ଦଗରୁ ବିଚାର କର ଏ ପରିବର୍ତ୍ତନରେ ବଙ୍ଗାନ୍ତର୍ଗତ ଓଡ଼ିଆଙ୍କର ଅପକାର ବିନା ଉପକାରର କୌଣସି ବାଟ ଦିଶୁ ନାହିଁ ଏବଂ ଓଡ଼ିଶାର ଯାହା କିଛି ବର୍ତ୍ତମାନ୍ ଉନ୍ନତି ହେଉଅଛି ତାହା ଦୀର୍ଘକାଳ ସ୍ଥଗିତ ହୋଇ ପଛକୁ ଘୁଞ୍ଚିବ । ଅନ୍ୟାନ୍ୟ ଅସୁବିଧା ଓ କଷ୍ଟର ବିଷୟ ଏଥିପୂର୍ବେ ଆମ୍ଭେମାନେ ଜଣାଇଅଛୁଁ । ସେ ସମସ୍ତର ପୁନରୁକ୍ତି ଅନାବଶ୍ୟକ । ରାଜା ବାହାଦୁର ମହୋଦୟ ସେ ବିଷୟମାନ ଚିନ୍ତା କରିବାର ତାହାଙ୍କର ଆବେଦନ ପତ୍ରରୁ ଜଣା ଯାଉ ନାହିଁ । ଚିନ୍ତା କରିଥିଲେ ସମସ୍ତ ଉତ୍କଳଖଣ୍ଡ ଏକମାତ୍ର ବଙ୍ଗପ୍ରଦେଶରେ ଯୋଗ କରିବାର ପ୍ରାର୍ଥନା କରନ୍ତେ । ତାହା ନ କରି ସେ ବଙ୍ଗ ମାନ୍ଦ୍ରାଜ ବା ମଧ୍ୟପ୍ରଦେଶ କୌଣସି ଏକ ଶାସନ ସଙ୍ଗେ ଯୋଗ କରିବାର ପ୍ରାର୍ଥନାଦ୍ୱାରା ଏକପ୍ରକାରେ ଉତ୍କଳର ହିତାପେକ୍ଷା ଅହିତର ବାଟ ଫିଟାଇ ଦେଇଅଛନ୍ତି । ଯେବେ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବାର ପ୍ରସ୍ତାବ ପାୟୋନିୟର ସମ୍ପାଦକର ଲେଖାନୁସାରେ ବାସ୍ତବରେ ଗବର୍ଣ୍ଣମେଣ୍ଟଙ୍କର ବିବେଚନାଧୀନରେ ଥାଏ ତେବେ ରାଜା ବାହାଦୁରଙ୍କପରି ଉତ୍କଳର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିର ଏହି ଆବେଦନପତ୍ରକୁ ଗବର୍ଣ୍ଣମେଣ୍ଟ ଅନାୟାସରେ ବୁଝିବେ ଯେ ଉତ୍କଳବାସିଙ୍କର ଏ ପ୍ରସ୍ତାବରେ ସମ୍ପୂର୍ଣ୍ଣ ମତ ଅଛି ଏବଂ ଥରେ ଗବର୍ଣ୍ଣମେଣ୍ଟଙ୍କର ଏ ଧାରଣା ହେଲେ ଯେତେ ଆପତ୍ତି ଓ ପ୍ରତିବାଦ କର ତାହା ତେତେ ପ୍ରବଳ ହେବ ନାହିଁ । ରାଜା ବାହାଦୁର ଆବେଦନପତ୍ର ପଠାଇବା ପୂର୍ବେ ଓଡ଼ିଶାବାସିଙ୍କର ମତ ଗ୍ରହଣ କରିଥିଲେ ଏଡ଼େ ଗୋଳମାଳ ଅନିଷ୍ଟ ହୋଇ ନ ଥାନ୍ତା । ସେ ଥିବା ମନେ କରିଥିବେ ଯେ ତାହାଙ୍କୁ ବିନା ଓଡ଼ିଶାର ହିତ ଚିନ୍ତା କରିବାର ଲୋକ ଆଉ କେହି ନାହିଁ । ମାତ୍ର ଉପସ୍ଥିତ ପ୍ରସଙ୍ଗରେ ତାହାଙ୍କର କାର୍ଯ୍ୟ ଦେଖି ଆମ୍ଭେମାନେ ମହା ଦୁଃଖରେ କହୁଅଛୁଁ ପ୍ରଭୁ ଆମ୍ଭମାନଙ୍କର ବନ୍ଧୁଙ୍କଠାରୁ ଆମ୍ଭମାନଙ୍କୁ ତ୍ରାଣ କର ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ମନୋମୋହନ ଚକ୍ରବର୍ତ୍ତୀ ତୃତୀୟ ଷଷ୍ଠବାର ନିମନ୍ତେ ଶ୍ରୀରାମପୁର ସବଡିଭିଜନକୁ ବଦଳି ହେଲେ । କଟକ ରେଭେନସା କଲେଜର ଅଧ୍ୟାପକ ବାବୁ ବ୍ରଜବନ୍ଧୁ ଦତ୍ତ ଏକମାସର ଛୁଟି ପ୍ରାପ୍ତ ହେଲେ ।

ଆସାମର ଚିଫ୍କମିଶ୍ନର ମାନ୍ୟବର ମିଃ ଜେ, ବି ଫୁଲର ତିନମାସ ଛୁଟି ଗ୍ରହଣ କରିବାରୁ ବୋର୍ଡର ମେମ୍ବର ମାନ୍ୟବର ମିଃ ସି, ଡବଲିଉ ବୋଲ୍ଟନ ଆସାମର ଚିଫ୍କମିଶ୍ନରଙ୍କ କାର୍ଯ୍ୟରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

---

ଆମ୍ଭମାନଙ୍କର ମାଜିଷ୍ଟ୍ରେଟ କମିଶ୍ନର ଶ୍ରୀଯୁକ୍ତ ଜେ, ଜି ଗୁପ୍ତ ଗତମାସ ଗସ୍ତ ସମାପ୍ତ କରି ଗତ ମଙ୍ଗଳବାର ଏ ନଗରକୁ ପ୍ରତ୍ୟାଗମନ କରିଅଛନ୍ତି ।

ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏଲ୍, ଏସ୍, ଏସ୍, ଓ ମାଲି ଗତ ମଙ୍ଗଳବାର ଦିବସ ଏଠା ସଦର ମହକୁମାରେ ଉପସ୍ଥିତ ହୋଇ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଗତ ଶନିବାର ରାତ୍ରି ୯ ଘଣ୍ଟା ସମୟରେ ଏଠା ନାଏବ ତହଶୀଲଦାରଙ୍କ ଗୃହରେ ଅଗ୍ନି ଲାଗିଥିଲା । ଦୁଃଖର ବିଷୟ ଗୋଟିଏ ଗୋରୁ ପୋଡ଼ି ମରି ଯାଇଅଛି ।

ପୁରୀର ଜଣେ ପ୍ରଧାନ ଉକିଲ ବାବୁ ଆଶୁତୋଷ ମିତ୍ର ଗତ ବୁଧବାର ଅପରାହ୍ଣ କାଳରେ ଜୀବନଲୀଳା ସମ୍ବରଣ କଲେ । ବାବୁ ମହୋଦୟ ବହୁ ମୂତ୍ର ଓ ଉଦରୀ ରୋଗରେ ବହୁକାଳ ଆକ୍ରାନ୍ତ ଥିଲେ । ତେଣୁକରି ଅନେକ ଦିବସରୁ ଏ ନଗରକୁ ଆସି ଚିକିତ୍ସିତ ହେଉଥିଲେ ।

ଏ ସପ୍ତାହରେ ବୃଷ୍ଟି ହେତୁ ଦୁର୍ଦ୍ଦିନ ହୋଇଅଛି । ବୃଷ୍ଟି ଝଡ଼ ଲାଗିରହିଅଛି । ଅଦିନରେ ବୃଷ୍ଟି ହେବାରୁ ଅହିତର ଆଶଙ୍କା ବେଶୀ ହେଉଅଛି । ମେଘର ଅନ୍ତମର ମଧ୍ୟ ଏପର୍ଯ୍ୟନ୍ତ ଲାଗି ନାହିଁ ।

ଅନ୍ଧକାର ନର ଅଧିକ ପରିମାଣରେ ହେଉଅଛି ।

Digitized by srujanika@gmail.com

ମନୁଷ୍ୟ ପଶୁପକ୍ଷୀବାଚ୍ୟ, ପ୍ରତି ବେଷ୍ଟିମାନଙ୍କ ପ୍ରତି ସଦ୍ବ୍ୟବହାର କରିବା ମନୁଷ୍ୟର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ।

ତା ୧୭।୨।୦୩ କଟକଭେନ୍କ୍ୟୁଲାର ସ୍କୁଲ } ଶ୍ରୀ ଅଦ୍ୱୈତଚରଣପଟ୍ଟନାୟକ ସମିତିର ଜଣେ ସଭ୍ୟ

## ଭୟଙ୍କର ଜଳକଷ୍ଟ ।

ମହାଶୟ !

କଟକଜିଲ୍ଲା ଅନ୍ତର୍ଗତ ବାଙ୍କୀ କିଲ୍ଲାରେ "କନ୍ତ-ପଦ୍ଦିଗ" ନାମରେ ଗୋଟିଏ କ୍ଷୁଦ୍ର ପଲ୍ଲୀଗ୍ରାମ ଅଛି । ଉକ୍ତ ଗ୍ରାମର ଅଧିକାଂଶ ଅଧିବାସିଙ୍କର କେବଳ କୃଷି ବ୍ୟତୀତ ଜୀବିକାନିର୍ବାହର ଅନ୍ୟ ଉପାୟ ନାହିଁ । ଦୈବାତ୍ ଅନାବୃଷ୍ଟି ବଶତଃ ଯେଉଁ ବର୍ଷ କୃଷି ହାନି ହୁଏ, ଉକ୍ତ ବର୍ଷ ଗ୍ରାମର ଅଧିବାସିମାନେ ଯେଉଁ ଦାରୁଣ ଜଠରଜ୍ୱାଳା ଅନୁଭବ କରନ୍ତି ତାହା ଭୁକ୍ତଭୋଗୀ ଏବଂ ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ଜାଣିବ । ସେ କଥା ଦୂରେ ଥାଉ—ପ୍ରାଣଧାରଣର ଏକାନ୍ତ ଉପଯୋଗୀ ଜଳ ମଧ୍ୟ ପାନ କରିବାକୁ ମିଳେ ନାହିଁ । ଗ୍ରାମର ପ୍ରାୟ ଏକମାଇଲ ଦୂରରେ ଅଂଶୁପାହ୍ନକ ଏବଂ ମହାନଦୀ ୪ କ୍ରୋଶ, "ଡଟିମା ତଟେ ବାସ କରି ନ ଗଲା ଶୋଷ" ଏହି ବାକ୍ୟ କନ୍ତପଦ୍ଦିଗର ଭାଗ୍ୟରେ ଘଟେ । ଏହି କଷ୍ଟର ପରିହାର ନିମନ୍ତେ ଗ୍ରାମବାସିମାନେ ବାଙ୍କିର ପୂର୍ବ ତହସିଲଦାର ବାବୁ ବଳରାମ ଦାସଙ୍କ ନିକଟରେ ସରକାରୀ ସାହାଯ୍ୟଦ୍ୱାରା ସେହି ଗ୍ରାମରେ ଗୋଟିଏ ପୁଷ୍କରିଣୀ ଖନନ ନିମିତ୍ତ ଆବେଦନ କରିଥିଲେ । ଉକ୍ତ ମହାଶୟଙ୍କ ପ୍ରସ୍ଥାନରେ ବ୍ୟର୍ଥ ମନୋରଥ ହୋଇ ନିଜ ନିଜର ଭାଗ୍ୟକୁ ଅଦର ଅଦ୍ୟାବଧି ସେହିପରି ଜଳକଷ୍ଟ ଅନୁଭବ କରୁଅଛନ୍ତି । ଗ୍ରାମରେ କେବଳ ୩।୪ଟି କୂପ ଏବଂ ଦୁଇଟା କ୍ଷୁଦ୍ର ଘାଟ ଅଛି ଯେ ସେ ସବୁତ ଗ୍ରୀଷ୍ମକାଳରେ ଏକାବେଳକେ ଶୁଷ୍କ ହୋଇଯାଏ । ପ୍ରଜାବତ୍ସଳ ଇଂରାଜ ରାଜାଙ୍କ ରାଜ୍ୟରେ ଏପରି ଅସହନୀୟ କଷ୍ଟରେ ଜୀବନ ଯାପନ କରିବା କି ଭଲ ? ଏହି କଷ୍ଟର ଆଶୁ ପରିହାର ନିମନ୍ତେ ଆମ୍ଭେମାନେ କଟକ ଜିଲ୍ଲାର ପ୍ରଜାବତ୍ସଳ ନ୍ୟାୟପରାୟଣ କଲେକ୍ଟର ସାହେବ ଏବଂ ବାଙ୍କୀର ଅଧୁନାତନ ସବ୍‌ଡେପୋଟୀ କଲେକ୍ଟର ମାନନୀୟ ବାବୁ ଶ୍ରୀ ମୁରଲି ମିଶ୍ର ମହୋଦୟଙ୍କର ଶୁଭଦୃଷ୍ଟି ସବିଶେଷରୂପେ ପ୍ରାର୍ଥନା କରୁଅଛୁଁ ।

କନ୍ତପଦ୍ଦିଗ, ବାଙ୍କୀ } ଶ୍ରୀ ସନାତନ ପ୍ରଧାନ

ମାନନୀୟ ସବଡେପୁଟୀ ଏବଂ ଉକ୍ତ ସମୟରେ ତହ କଲେକ୍ଟରଙ୍କଠାରେ ଉଚିତ ଆବେଦନପତ୍ରଦ୍ୱାରା ଗ୍ରାମବାସିମାନଙ୍କର ଏ ଅଭାବ ସୁଦ୍ଧା ଜଣାଇବା ଉଚିତ । ତାହା ହେଲେ ଅବଶ୍ୟ ଉଚିତ ପ୍ରତୀକାର ପାଇବେ । ବାଙ୍କୀ ସରକାରଙ୍କର ଖାସ ଜମିଦାରୀ ଅଟେ ଏବଂ ତହିଁର ପ୍ରକୃତ ଅଭାବ ମୋଚନ ସକାଶେ ଅର୍ଥର ଅଭାବ ହୋଇ ନ ପାରେ ।

ସମ୍ପାଦକ

---

ମହାଶୟ !

ମହାମହୋପାଧ୍ୟାୟ ଶ୍ରୀଚନ୍ଦ୍ରଶେଖର ସାମନ୍ତ ବା ପଠାଣିସାମନ୍ତଙ୍କ ଦୋହାଇ ଦେଇ ତାହାଙ୍କ ନାମରେ ପ୍ରକାଶିତ ପଞ୍ଜିକାକୁ ଏକମାତ୍ର ବିଶୁଦ୍ଧ ପଞ୍ଜିକା ବୋଲି କେହି ସ୍ୱାର୍ଥବାନ୍ ବ୍ୟକ୍ତି ବିଜ୍ଞାପନ ଇତ୍ୟାଦି ନାନା କୌଶଳରେ ଲୋକଙ୍କୁ ବୁଝାଇବାର ଚେଷ୍ଟା କରୁଅଛନ୍ତି । ନାନା କ୍ରିୟା କଳାପର ଶୁଭଦିନ ନିର୍ଣ୍ଣୟ କରିବା ପାଞ୍ଜିର ପ୍ରଧାନ ପ୍ରୟୋଜନ । ସେ ବିଷୟରେ ଉକ୍ତ ପାଞ୍ଜିରେ ଅଧିକ ଭ୍ରମ ଥିବାର ଆମ୍ଭେ ପ୍ରତିବର୍ଷ ଦେଖାଇ ଆସିଅଛୁ । ୧୩୧୦।୧୧ ବା ଇଂରାଜୀ ସନ ୧୯୦୩।୪ ସାଲର ପାଞ୍ଜି ଯାହାକି ସମ୍ପ୍ରତି ବାହାର ଅଛି ତହିଁରେ ଥିବା ଭ୍ରମ ମଧ୍ୟରୁ କେତେଗୁଡିଏ ନିମ୍ନେ ପ୍ରକାଶ କଲୁଁ ଯଥା—

୧—ବୈଶାଖ ପ୍ରଥମଦିନ ଗ୍ରହଚକ୍ରରେ ଗ୍ରହାବସ୍ଥିତ ବାମଦିଗରୁ ନ ହୋଇ ଦକ୍ଷିଣ ଦିଗରୁ ହୋଇଅଛି । ଏହିପରି ବର୍ଷ ଶେଷ ପର୍ଯ୍ୟନ୍ତ ଏହି ଭୁଲ ଚାଲିଯାଇଥିବାରୁ; ଏବଂ ଏହି ପଞ୍ଜିକାନୁଯାୟୀ କାହାର ଜନ୍ମ ପତ୍ରିକା ପ୍ରସ୍ତୁତ ହେଲେ ତାହା ଅକର୍ମଣ୍ୟ ହୋଇଯିବ ।

୨—ଆସନ୍ତା ମାଘରେ ବୃହସ୍ପତି ସ୍ୱର୍ଗ୍ର ହୋଇ ମୀନ ରାଶିକୁ ଗମନ କରିବା ବିଷୟ ଏହି ପାଞ୍ଜିରେ ଲେଖା ହୋଇ ନାହିଁ ।

୩—ଜ୍ୟେଷ୍ଠ ଦି ୨୮ ନ ଜ୍ୟେଷ୍ଠା ନକ୍ଷତ୍ରରେ ଓ ପୌଷ ଦି ୯ ନ ଗୁହାରମ୍ଭ ହେବାର ନିୟମ ନାହିଁ । ଏହା ସ୍ମୃତି ବିରୁଦ୍ଧ ଅଟେ । ଅନ୍ତର ମଧ୍ୟ ଅନୁକ୍ତ ମାସରେ ଓ ଅନୁକ୍ତ ନକ୍ଷତ୍ରରେ ନବବଧୂ ଯାତ୍ରା, ଅନ୍ନପ୍ରାଶନ ଓ ଦେବତା ପ୍ରତିଷ୍ଠାଦି ଅନେକ ଶୁଭକର୍ମମାନ ଦିଆ ଯାଇଅଛି । ବାହୁଲ୍ୟ ଭୟରେ ସେ ସମସ୍ତ ଉଲ୍ଲେଖ କଲୁ ନାହିଁ ସ୍ମୃତିଜ୍ଞ ଓ ଜ୍ୟୋତିର୍ବିଦ ମହୋଦୟଗଣ ଦେଖନ୍ତୁ, ଆମ୍ଭେ ଯାହା ଲେଖିଲୁଁ ତାହା ଠିକ କି ନା ।

ଆମ୍ଭ କୃତ ଏହି ସନର ପଞ୍ଜିକାରେ ଆସନ୍ତା କାର୍ତ୍ତିକ ମାସର ଦି ୨।୫।୨୭।୨୭।୨୮।୨୯ ନମ୍ୱରଙ୍କରେ ବିବାହ ଲେଖା ଥିବାରୁ କେହି୨ ଏହା ଭୁଲ ବୋଲି ମନେ କରୁଥିବାର ଆମ୍ଭେ ଶ୍ରବଣ କରିଅଛୁଁ । ମାତ୍ର ଏହା କଦାପି ଭୁଲ ନୁହେ । ଏହାର ସ୍ମୃତି ପ୍ରମାଣ ଏହି, ଯଥା, ରାଜମାର୍ତ୍ତଣ୍ଡେ ମାର୍ଗଶୀର୍ଷେ,ବିବାହେଷୁ,କନ୍ୟାସଂବରଣେଷୁ ଚ । ଦଶମାସାଃପ୍ରଶସ୍ୟନ୍ତେ ଚୈତ୍ରପୌଷବିବର୍ଜିତା ।ଇତି

୧୮।୨।୧୯୦୩ } ବଶମ୍ବଦ ଶ୍ରୀସଦାଶିବ ଜଡ଼ୀରହ

---

ମହାଶୟ !

ଗତ ଜାନୁୟାରୀ ତା ୨୯ ରିଖ "ଓଡ଼ିୟା ଓ ନବସମ୍ବାଦ"ରେ ପ୍ରକାଶିତ "ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କ ପ୍ରତି ଅଭ୍ୟର୍ଥନା" ଶୀର୍ଷକ ପ୍ରବନ୍ଧଟି ପାଠ କରି ବାଲେଶ୍ୱରବାସିଙ୍କ ରୁଚି ଉପରେ ପଦେ ଅଧେ କହିବୁଁ ବୋଲି ମନ କଲାଇଥିଲୁଁ, କିନ୍ତୁ କାଳେ ଆମ୍ଭର କଥାଗୁଡିକୁ ସେ ସମୟରେ,କେହି କେହି ଘେନା ନ କରି ପାରନ୍ତି ଏହି ଆଶଙ୍କାରେ ପାଠକବର୍ଗଙ୍କଠାରୁ ଆଜଯାଏ ମୁଲତବି ନେଇଥିଲୁଁ । ବର୍ତ୍ତମାନ୍ ଅଭ୍ୟର୍ଥନାର ଧୁମଧାମ ଆଉ ନାହିଁ, ଜନତାର ବାହାବା ଲୁହାଟ ନୀରବ ଏଣୁକରି ଏ ସମ୍ବନ୍ଧରେ ଅମ୍ଭେ ଯାହା କହିବୁଁ ତାହା ଲୋକେ ସ୍ଥିରଚିତ୍ତ ଧୀରବୁଦ୍ଧି ଓ ପକ୍ଷାଙ୍ଗ କୁଶଳରେ ବୁଝିବାକୁ ଅବଶ୍ୟ ସକ୍ଷମ ହେବେ ଏହି ଆଶାରେ ନିମ୍ନଲିଖିତ କେତୋଟି କଥା କହିବାକୁ ସାହସୀ ହେଲୁଁ ।

ସମ୍ମାନାର୍ହବ୍ୟକ୍ତିର ସମ୍ମାନ ସର୍ବତୋଭାବରେ ବାଞ୍ଛନୀୟ। କିନ୍ତୁ ତାହା ବୋଲି କି ତହିଁର କାଳାକାଳ ନାହିଁ ? ରାଜା ବାହାଦୁର ବାଲେଶ୍ୱରର "କୋହିନୁର" ହୋଇ ପାରନ୍ତି କିନ୍ତୁ ତାହା ବୋଲି କି ବାଲେଶ୍ୱର ବାସିଏ ତାହା ଅକାଳେ ମୁଣ୍ଡାଉଥିବେ ? ଲୋକାତୀତ କାର୍ଯ୍ୟ ବା ଗୁଣର ସମାଦର ସର୍ବଥା ହୋଇ ଥାଏ, କିନ୍ତୁ ରାଜା ବାହାଦୁର ବର୍ତ୍ତମାନ୍ ସ୍ଥଳରେ ଦିଲ୍ଲୀ ଦରବାରକୁ ଗମନ କରି ସେଠାରେ ଏରୂପ କ ଲୋକାତୀତ କାର୍ଯ୍ୟ ବା ଗୁଣ ଦେଖାଇଲେ ଯେ ବାଲେଶ୍ୱର ବାସିଏ ତାହାଙ୍କର ପ୍ରତ୍ୟାଗମନ ବେଳକୁ ତାହାଙ୍କୁ ଷୋଡ଼ଶୋପଚାରରେ ପୂଜିବାକୁ ଲଣ୍ଡଭଣ୍ଡ ହୋଇ ଗଲେ ? ତାମାସାର ମଧ୍ୟ ସୀମା ଅଛି, କିନ୍ତୁ ଏ ଅଭ୍ୟର୍ଥନା ତହିଁକି ବଳି ଯାଇଅଛି । କାହିଁ ବିଚାରାସନରେ ବସି କେହି ଧର୍ମ ଓ ନ୍ୟାୟର ସୂକ୍ଷ୍ମ ବିଚାର କରିବେ ବା କାହିଁ ଜନାକୀର୍ଣ୍ଣ ଷ୍ଟେଶନଠାରେ ପରସ୍ପର ଠେଲାଠେଲି ହୋଇ ଆପଣା ଆପଣାର ଭକ୍ତି ବା ହୃଦୟ-ଦୌର୍ବଲ୍ୟର ପରାକାଷ୍ଠା ଦେଖାଇବେ. କାହିଁ ପବିତ୍ର ବିଦ୍ୟାଳୟରେ ବସି ତରୁଣ ବୟସ୍କ ବାଳକେ ବିଦ୍ୟାଚର୍ଚ୍ଚା କରିବେ ନା କାହିଁ ରାସ୍ତାର ଧୂଳିପାର୍ଶ୍ୱରେ ସାପାବଳି ଧରି ଜନତାର ଅପରିଣାମଦର୍ଶିତାର ଜ୍ୱଳନ୍ତ ଛବି ଦେଖାଇବେ । ଏ ସବୁ ଦୃଶ୍ୟ ବାଲେଶ୍ୱର ଭିନ୍ନ ଅନ୍ୟ କାହିଁ ସମ୍ଭବେ ? ମୟୂରଭଞ୍ଜ ମହାରାଜା ଏ ଅଭ୍ୟର୍ଥନାରେ ଯୋଗ ଦେବାଦ୍ୱାରା କେବଳ ନିଜ ଉଦାରତାର ପରିଚୟ ଦେଇଅଛନ୍ତି କିନ୍ତୁ ତାହା ବୋଲି ଏହି ବାଲେଶ୍ୱର ବାସିଙ୍କ ପକ୍ଷେ ବଡ଼ ଗୌରବର ବିଷୟ ନୁହେ । ସମ୍ବାଦ ପତ୍ରମାନଙ୍କରୁ ପ୍ରକାଶ ଯେ ଦିଲ୍ଲୀ ଦରବାରରେ ଦେଶୀୟ ନରପତି ଭିନ୍ନ ଉପାଧି ପ୍ରାପ୍ତ ରାଜାମାନଙ୍କ ପ୍ରତି ଏମନ୍ତ କିଛି ବିଶେଷ ସମ୍ମାନ

Split by PDF Splitter
Digitized by srujanika@gmail.com

ପ୍ରଦର୍ଶିତ ହୋଇ ନାହିଁ, ତେବେ "ଓଡ଼ିଆ ଓ ନବସମ୍ବାଦ" ସମ୍ପାଦକ ମହାଶୟ ଯଦି ଏ ସମ୍ବନ୍ଧରେ କିଛି ଅଧିକ ଜାଣିଥାନ୍ତି ତାହା ହେଲେ ତାହା ରାଜା ବାହାଦୁରଙ୍କର ଅଭ୍ୟର୍ଥନା ସଙ୍ଗେ ସଙ୍ଗେ ପ୍ରକାଶ କରିଥିଲେ ବଡ଼ ଭଲ ହୋଇଥାନ୍ତା । ଆମ୍ଭେ ତାହାଙ୍କୁ ବିନୀତଭାବେ ପଚାରୁଁ ଯେ ଏଥି ପୂର୍ବେ ବଙ୍ଗୀୟ ବ୍ୟବସ୍ଥାପକ ସଭା ବା କଟକ ଦରବାର, କି ନିତାନ୍ତ ପକ୍ଷେ କଟକ ସବଜଜଙ୍କ ଅଦାଲତରୁ ପ୍ରତ୍ୟାଗମନକାଳେ ବାଲେଶ୍ୱର ବାସୀଏ ରାଜା ବାହାଦୁରଙ୍କର କିରୂପ ଅଭ୍ୟର୍ଥନା କରିଥିଲେ ତାହା ମଧ୍ୟ ଏଥି ସଙ୍ଗେ ସଙ୍ଗେ ପ୍ରକାଶ କରିଥିଲେ କି ସାମାନ୍ୟ ମାତ୍ର ଆଭାସ ଦେଇଥିଲେ ଅଧିକ ଭଲ ହୋଇ ନ ଥାନ୍ତା କି ? ସେ ଏ ସମ୍ବନ୍ଧରେ ଯାହା କହନ୍ତୁ ଆମ୍ଭଙ୍କୁ ଏ କାଣ୍ଡଟି କେମନ୍ତ କେମନ୍ତ ଅଡୁଆ ଲାଗିଅଛି ।

ନବସମ୍ବାଦକ ମହାଶୟ ! ଏ ସମ୍ବନ୍ଧରେ ଆମ୍ଭର ଯାହା କହିବାର ଥିଲା କହିଲୁଁ । ଆପଣଙ୍କର ଯଦି ମନକୁ ଆସେ ତେବେ ଏହାକୁ ଆପଣଙ୍କ ପତ୍ରରେ କିଞ୍ଚିତ ସ୍ଥାନ ଦେବେ, ନଚେତ୍ ଆପଣ ଜାଣିଲେତହିଁ ଯଥେଷ୍ଟ ହେଲା । ଇତି ।

ଆପଣଙ୍କର ଦାସାନୁଦାସ
ଶ୍ରୀ ତାମ୍ବୁଲବିହାରୀ ଦାସ
। ସା । ପ୍ରତାପାଟି । ଜ । ବେଣିନସହର ।

---

ମହାଶୟ !

"ଅଭିଷେକ ଶ୍ଲୋକ"

ପଣ୍ଡିତମାନଙ୍କର ମଙ୍ଗଳ କାମନା ଗର୍ଭିତ ନବ ଶ୍ଲୋକ ନବ ରାଜ୍ୟାଭିଷେକୋତ୍ସବର ଅଙ୍ଗୀଭୂତ ହୁଏ, ଏ ପ୍ରଥା ଏତଦ୍ଦେଶରେ ଅବିଦିତ ନୁହେଁ । ଅତଏବ ମୁଁ ନବ ସମ୍ରାଟଙ୍କ ପରବର୍ତ୍ତୀ ଭଗୀୟ ନବ ରାଜ୍ୟାଭିଷେକୋତ୍ସବକାଳୀ ରାଜା, ମହାରାଜା, ଜମିଦାର ପ୍ରଭୃତି ସମସ୍ତଙ୍କୁ ନିମ୍ନ ଲିଖିତ ଶ୍ଲୋକ ଗୁଡ଼ିକ ଉପହାର ଦେଲି ।

(ଅଥାବାଚ୍ୟଃ ସର୍ବଃ ସ୍ୱମତିପରିଣାମାବଧିଗୁଣକ)

ସ୍ୱସ୍ତି
ସମସ୍ତକଲ୍ୟାଣଗୁଣନିଧାନସର୍ବୋପମାର୍ହାନ୍ୱିତ-
ଶାସ୍ତ୍ରଧାରପ୍ରଚଣ୍ଡପ୍ରତାପ ଶତଃ
ଶ୍ରୀମାନ୍
ସପ୍ତମଏଡ୍‌ୱାର୍ଡୋବିଜୟତାଂ ।

ଭଦ୍ରଂ ସମାସାଦ୍ୟ ପଦଂ ଧରିତ୍ରୀ, ସମସ୍ତ ଲୋକେଷୁ ସମାନବୃଦ୍ଧିଂ । ସୁରସ୍ଥଲୀଂ ଜନୟ ପୁଣ୍ୟଲଭ୍ୟାଂ, କ୍ରିୟାଦୟଂ ସପ୍ତମ ଏଡ୍‌ୱାର୍ଡଃ । ୧ ।

ଯଦଙ୍ଗକୀର୍ତ୍ତ୍ୟା ବିଜିତଃ ସୁଧାଂଶୁଃ ଶୀତେନଧା-ବଙ୍କକଳଙ୍କପଙ୍କାର୍ଥଂ । ପୁନଃ ପୁନର୍ମ୍ମଣ୍ଡନମାତନୋତି କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୨ ।

ସର୍ବାଣି ସାମୁଦ୍ରିକଲକ୍ଷଣାନି ଭଦ୍ରାଣି କାମାର୍ଥ-ଫଳାନ୍ୟମାସ୍ୟେ । ଅବ୍ୟର୍ଥତାଂ ଭଜନ୍ତି ଭବନ୍ତୁ ଯସ୍ୟ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୩ ।

କୁବେର ଏବୋଽପି ଗୁଣପ୍ରସୂର୍ଯ୍ୟଃ ସର୍ବଶାସ୍ତ୍ରାର୍ଥବିପାରଦର୍ଶୀ । ପ୍ରିତେଽପି ହେତୌ ବ୍ୟସନୈ-ର୍ବିସକ୍ତୋ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୪ ।

ଯୋ ରାଜମାନ୍ୟୈର୍ନିବଶମ୍ବଦୋଽପି କୃପାପଂଥ ନୋଲ୍ଲଙ୍ଘତ ସର୍ବକାଳଂ । ଇଚ୍ଛାବିଗ୍ରହଃ କ୍ୱ ନ ଯେନ ଦତ୍ତୋ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୫ ।

ଈର୍ଷ୍ୟାବିଶେଷାରୁଣିତା ଭବନ୍ତୀ ସ୍ୱେଚ୍ଛାବରୁ-ଦ୍ଧବ୍ୟବହାର ପୁଂସି । ନ ଶ୍ରୂୟତେ ଯସ୍ୟ ବିଗ୍ରହ-ଦୃଷ୍ଟିକୀର୍ତ୍ତି କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୬ ।

ଅଯୋଗ୍ୟତାଦୂଷିତଶାସନାନାଭୀତା ଯଦୀୟା ନରପାଲଧାରା, କୁର୍ବୀତ ନାଲେ ହ୍ରଦିତ ସ୍ୱକାର୍ଯ୍ୟଂ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୭ ।

ଯସ୍ୟ ପ୍ରଭାବାଦହିତୋଽପି ସ୍ଥିତାଃ କ୍ଷମନ୍ତେ ନ ନମ୍ରପକୃତ୍ୟୈ । ସାର୍ଦ୍ଧଂ ଖଳୈର୍ଯ୍ୟାଭୁକ୍ତତସ୍ତରୈଶ୍ଚ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୮ ।

ଯଃ ସ୍ୱାର୍ଥପତ୍ୟସ୍ୟ ଫଳଂ ପ୍ରଜାନାଂ ତାତଃ ସୁତାନାମିବ ମନ୍ୟତେଽସ୍ୱ । ଶ୍ରେୟଃ ସ୍ୱସୌଖ୍ୟାନ୍ୟ-ବିଗୃହ୍ୟ ସନ୍ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୯ ।

ଯଦୁଷ୍ଟବ ସାମ୍ରାଜ୍ୟ ଇଦଂ ଜଗମ୍ଯଜନନ୍ତି ଲୋକା-ସ୍ତିରଦଣ୍ଡିତାସ୍ତୁ । ସାନ୍ଦ୍ରଂ ସମସ୍ତୈରୁପକାରବର୍ଗୈ-କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୦ ।

ସ୍ୱଦୂରଦେଶୋଦ୍ଭବ ବସ୍ତୁଜାତଂ ମନୋରମଂ ଯତ୍କୃପଯୋପଯାତ । ପ୍ରୀଣାତି ନେତ୍ରାଣି ଜଗଂ ଜନାନାଂ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୧ ।

ଯସ୍ୟ ପ୍ରତାପେ ପ୍ରଶମଂଗତସ୍ତେ କୁବେରସ୍ତୁ କୋପେ ଧନଦଃ ପ୍ରସାଦେ । ବାଣୀ ଚ ବକ୍ତ୍ରେ କମଳା ଚ ହାସ୍ୟେ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ ॥

ଯଦୁଷ୍ଟଦେହେ ଲିଖି ଭୂମିରେଖା ସ୍ୱଦେହବ-ନ୍ୟସ୍ତ ବସ୍ତୁସ୍ତବାପା । ତଂ ମଙ୍ଗଳାର୍ଥଂ ବ୍ରତମାଚ-ରୋତି କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୩ ।

ଯସ୍ୟାସ୍ତି ବେଦାଲୟସନ୍ନିବେଶାଦ୍ଦୃଷ୍ଟାଧିକାରେ ଭ୍ରମନାଃ କୃତାନ୍ତଃ । ମନ୍ୟେ ସ୍ୱଯାନଂ ମହତ୍ତ୍ୱଂ ବିଧତ୍ତେ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୪ ।

ଯୋଽଶେଷସମ୍ଭ୍ରାନ୍ତନୃପୈରଧୀଶୈଃ ପ୍ରଣମ୍ୟ ମାନୋଽପି ଗୁଣୈର୍ଗୁରୁତ୍ୱୈଃ । ସ୍ୱସ୍ଥାପିତୈର୍ନିତ୍ୟମି-ତୈରଧୀନୋ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୫ ।

ସମ୍ପାଦୟତ୍ୟାଶୁ ସ କର୍ମ୍ମଶାନ୍ତି ଯାତାଦହଃ ପୂର୍ବମଦୃଷ୍ଟରୂପୈଃ । ଯୁଦ୍ଧେଷ୍ଟିପଦଯୋଃ ହୃଦିବାନ ପ୍ରଭେଦଂ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୬ ।

ସମସ୍ତବିଦ୍ୟା ଜନୁ ଲୁପ୍ତକଳ୍ପା ଅସଲିଦାନାଂ ପୁନରୁତ୍ଥିତାସ୍ତାଃ । ଯଦାଶ୍ରୟତ୍ୟାସ୍ତୁତପୌରୁଷେଣ କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୭ ।

ନାଗଜ୍ୟଲ୍ଲେଽଖିଲଭୂମିପାଳା ବନତ୍ରମୌଳୀ ମଣିଦୀପଲକ୍ଷ୍ୟା । ସିଂହାସନେ ଯଂ ହ୍ୟୁପହାରହସ୍ତା କ୍ରିୟାଦୟଂ ସପ୍ତମଏଡ୍‌ୱାର୍ଡଃ । ୧୮ ।

ତଂ ବନ୍ଧୁନାଯୋହ୍ୟଷ୍ଟଲୋକପାଳମସ୍ତୁ ।

ଅଶେଷକାଳଗୁଣଶ୍ରେଣିଭୂଷଣୀ ପ୍ରିୟାମିଶାଦନ-ସୁଖଦ ଯଂ ଶଚୀ । ସୁଧର୍ମ୍ମରକ୍ଷଂ ଧ୍ରୁବମିନ୍ଦ୍ରସିଂହଂ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ।୧୯।

(ଅଷ୍ଟାଭିର୍ଲୋକପାଲାନାଂ ମାତ୍ରାଭିର୍ନିର୍ମ୍ମିତୋ ନୃପଃ)

ତଥାହି

ସୁରଦ୍ରୁମାହ୍ଲାଦସପତ୍ନଗୋତ୍ରପକ୍ଷଭିଦ୍ଯୋ ଯୋ ବହୁଧୋପସେବିତଃ । ଗୁରୁପ୍ରଧାନୋ ବରମାନସା-କ୍ଷୟଃ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ॥ (ଇନ୍ଦ୍ର)

ପ୍ରତାପକାନ୍ତ୍ୟଧିକଦୀପ୍ତିଶାଳିନାଂ ସତାଂ ସମୀ-ପେଽଭିମୁଦୁଦ୍ଧାରଣାଦ୍ଧି । ଦ୍ରୁତୋଽନଭାଗେ ହି ହବିର୍ଭୁଜୋ ଯତଃ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ । ୨୧ । (ବହ୍ନି)

ବିବର୍ତ୍ତିନାମଃ ସିତମଣ୍ଡଳେ ଯମୋଽବଗାର୍ଯ୍ୟ ଯଦ୍ ପମନ୍ୟୋଽପି ନୋଲ୍ଲଙ୍ଘ । ପ୍ରଜାସୁ ଦଣ୍ଡଂ ସମ-ବର୍ତ୍ତିନଂ ଭୃଶଂ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ॥ (ଯମ)

ଜନାନ୍ଦ୍ୟୋଽଲଙ୍ଘ୍ୟଦଯାସ୍ୟ ଦୁର୍ଦ୍ଦମାଶ୍ରେଷ୍ୟ ରକ୍ଷୋଽଧିପତିସ୍ତୁ ଯନ୍ମୟଃ । ଅନୁଦ୍ୟୁତୈର୍ନିର୍ଣ୍ଣୀତବତ୍ନାଂ ଜରହିତ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ॥ (ନୈଋତି)

ପ୍ରକାଶସୁଭ୍ରମୁପତିଦୁମାତ୍ମନୋ ନଭ୍ରାବଲୀଶାର୍ଦ୍ଧ-ନକୃତସ୍ୱେଦ ଯଃ । ଶ୍ରିୟଃ ପ୍ରବୃତସ୍ତଟିନୀଶମନ୍ଦିରଃ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ।୨୪। (ବରୁଣ)

ଦଧାନ ଉଦ୍ଧ୍ୟାଂ ମୃଗସ୍ୟାକିସନ୍ତତାଂ ଧ୍ୱଜାଙ୍ଗ-ଲେଖାହୃତକାୟତାଂ ତଥା । ନ ସୂତସ୍ୟତ୍ୟାସ୍ତ-ସ୍ୱମୀରଣାଂ ନ ଯଃ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ । ୨୫ । (ବାୟୁ)

ଅନେକଦେଶାଗତଦୀନପଣ୍ଡିତମନୋରଥାଦ୍ଧ୍ୟଧିକାର୍ଥଦାନତଃ । ପ୍ରସିଦ୍ଧ୍ୟତେ ଯୋ ଧନଦୋ ବିଚକ୍ଷଣୈଃ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ॥ (କୁବେର)

କୁମାରପୁତ୍ରୋ ବରଶୈଳସିନ୍ଧୁରଳଃ ପ୍ରସିଦ୍ଧ-ସୌନ୍ଦର୍ଯ୍ୟବିନିର୍ଜ୍ଜିତସ୍ମରଃ । ସଭୂତଗୌରୀପ୍ରିୟଶୀଲ-ଦୂନଚ ଯଃ ସ ଏଡ୍‌ୱାର୍ଡୋ ଜୟତ୍ୱେଷୁ ସପ୍ତମଃ ॥ (ଈଶାନ)

ସୌର୍ଯ୍ୟଂ ଯସ୍ୟ ବସୁନ୍ଧରେନ୍ଦ୍ରବିବୃତଂ ସନ୍ମନସ୍ତୁଲାତ
ଦାନଂ ଯସ୍ୟ ସମସ୍ତଯାଚକଜନା ଶ୍ରେଯସ୍କରଂ ସାତ୍ତ୍ୱିକଂ ।
ଶୀଳଂ ଯସ୍ୟ ସତାଂ ମତଂ କ୍ୱଚିଦପି ନାବର୍ଜ୍ଜିତଂ ପରଂ
ପାସ୍ୟାତ୍ସପ୍ତମଏଡ୍‌ୱାର୍ଡନୃପମହାରାଜଂ ଧର୍ମାଶୋଽଶବାହ ।୨୮
ଯଦ୍ଦୃଂ ଯସ୍ୟ ସୁଖ ବିଦେଶୋ ନିଜ ପୁରୀ [illegible]
ଅରେଯସ୍ୟ ନିର୍ଣ୍ଣୀତକାନିସ୍ୱଭେ ପାତୁସି ସେନା ପଥ ।
ଭୂତିର୍ଯସ୍ୟ ନିଜ ପ୍ରଶ୍ରିତ ବଚନଂ ସ୍ନିଗ୍ଧଂ ଘନା ବର୍ଷିଣା ।
ପାସ୍ୟାତ୍ସପ୍ତମଏଡ୍‌ୱାର୍ଡନୃପମହାରାଜକଗିରିନ୍ଦ ଚ୍ଛାସ୍ୱଂ । ୨୯ ।

ଜଗଦୀଶ । କୃପାମ୍ବୋଧେ ପ୍ରାର୍ଥନେୟଂ ଭବାନ୍ତିକେ ।
ଚିରଂ ଜୀବତୁ ସୌଖ୍ୟେନ ଶ୍ରୀଲଃ ସପ୍ତମଏଡ୍‌ୱାର୍ଡ୍‌ ॥

ଇତି ୫।୧।୦୩

ଓଁ ତତ୍ସତ୍

(ଅଥାବାଚ୍ୟଃ ସର୍ବଃ ସ୍ୱମତିପରିଣାମାବଧିଗୁଣକ)

କାବ୍ୟତୀର୍ଥୋପାଧିକଃ
ଶ୍ରୀ ଦାମୋଦର ନନ୍ଦ ଶର୍ମ୍ମା
ହେଃ ପଣ୍ଡିତ, ଯାଜପୁର ହାଇ ସ୍କୁଲ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଲୋକନାଥ ପଧାନ ନରେନ୍ଦ୍ରପଦା [illegible] | | ଟ ୩ |
| " ଜଗନ୍ନାଥ ମହାପାତ୍ର | କଟକ | ଟ ୧ |
| ସଭା । ବ । ସୃଜନି | ସମ୍ବଲ | ଟ ୩ |
| ଶ୍ରୀ ବାବୁ ସନ୍ନ୍ୟାସୀ ସାହୁ ଷ୍ଟମଜର | ଚନ୍ଦୀପ | ଟ ୩ |
| " ବାଉଳିଆ ଦାସ | ଭାଗହଂସ | ଟ ୧୦ |
| " ହରିଚରଣ ବାବୁର୍ଣ୍ଣ ଜଗାଲି କଟକ | | ଟ ୨ |

Split by PDF Splitter
Digitized by srujanika@gmail.com

Split by PDF Splitter




## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | |
|---|---|
| Oriya Alphabet and Spelling Book. For Infant Class and Standard I ... | As. 1 |
| Oriya L. P. Science Reader | „ 3 |
| Oriya L. P. Arithmetic ... | „ 4 |
| Oriya U. P. Science Reader | „ 4 |
| Oriya U. P. History Reader (Bengal) ... | „ 3 |
| Oriya U. P. Geography Reader | „ 3 |
| Oriya U. P. and Middle Vernacular Arithmetic ... | „ 8 |
| Oriya U. P. Literature Book | „ 3 |
| Oriya U. P. and M. V. Practical Geometry and Mensuration | „ 4 |
| Oriya M. V. Science Reader | „ 7 |
| Oriya M. V. History Reader ... | „ 4 |
| Oriya M. V. Literature Book | „ 6 |
| Oriental Drawing Books 1&2 As. 4 each | |
| Do. 3 and 4 ... | As 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | 5 pice |
| "O. M. P." Blank Drawing Books | As. 1 & As. 1 6 |
| Dr. Sircars English Reader I | 4 0 |
| Do. Do. II. | 5 0 |
| Simple English Reader (Dhar) | 7 0 |

C.L.S. School Books as follows:—

| | |
|---|---|
| Grammatical Primer „ | As. 2 0 |
| Manual of English Grammar | „ 6 0 |
| 1st Standard English Book | „ 1 6 |
| New English First Reader | „ 4 0 |
| Do. Second „ | „ 6 0 |
| Do. Third „ | „ 8 0 |
| Do. Fourth „ | „ 10 0 |
| Do. Fifth „ | „ 12 0 |
| Do. Sixth „ | „ 12 0 |

*For any of these books apply to:—*

R. J. GRUNDY,
*Supt. Orissa Mission Press,*
CUTTACK.


## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ଭଦ୍ରୋଳ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ଘାଉଣ୍ଡ) ସନ ୧୯୦୩ ମସୀହା ଫିବ୍ରେଓରି ମାସ ତା ୨୩ ରିଖଠାରୁ ସନ ୧୯୦୪ ମସୀହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ୧ ବର୍ଷ ୧ ମାସ ନିମନ୍ତେ ସନ ୧୯୦୩ ମସୀହା ଫିବ୍ରେଓରି ମାସ ତା ୨୩ ରିଖ । ମୁ । ସନ ୧୩୧୦ ସାଲ ଫଗୁଣ ମାସ ଦି ୧୨ ନ ଦିବା ଘ ୧୨ ଘା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହୁଜୁରରେ ପ୍ରକାଶ୍ୟ ଡାକ ନିଲାମ-ଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉ-ଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ କଥିତ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନ-ରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେବାକ୍ଷଣି ନିଲାମି ଜରସମଳର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜରସମଳ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଗ୍ରହିତାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱହସ୍ତରେ କବୁଲ-ଯତ୍ନ ଲେଖିଦେଇ ରେଜଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଅବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦ୍ଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଡାକ ଅଗ୍ରାହ୍ୟ କରାଯିବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ମାନ ବନ୍ଦୀ କରାଯିବ ।

ଥାନା କଟକ ଥାନା ଜଗତସିଂହପୁର
ଥାନା ବାଙ୍କୀ ଥାନା ଭଦ୍ରୋଳ
ଥାନା ସାଲେପୁର

ପ୍ରକାଶ ଥାଉ କି ବାଙ୍କୀ ଥାନାରେ କେବଳ ବୈତେଶ୍ୱର ପାଉଣ୍ଡ ଏକବର୍ଷ ଏକମାସ ନିମନ୍ତେ ନିଲାମ ହେବ ।

M. DAS
*Vice-Chairman*




## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ । ଏଇଚ, ଡି କୁଣ୍ଡୁର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ " ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । " ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଦିର, ଧଣିଆ ଗୁଣ୍ଡି, ଗୁଜରାତ ପ୍ରଭୃତି କୌଣସି ପ୍ରକାର ମସ-ଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହ-ମାନେ ବ୍ୟବହାର କରୁଥିଲେ; ମିଷ୍ଟର କୁଣ୍ଡୁ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରୁଅଛନ୍ତି ଏବଂ ଉତ୍ସ ସହିତ କେତେ ଗୁଡ଼ଏ ଦନ୍ତଦୋଷ ଭେଷଜ ମିଶ୍ରିତ କରଥିବାରୁ ଏତଦ୍ଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଡ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୨ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦।୵, ୬ ଶିଶିରେ ଟ ୦ ୷୵ ଅଣା, ଡଜନକୁ ଟ ୦ ୪ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ଏଜେଣ୍ଟ:— ' କୁଣ୍ଡୁ ଏଣ୍ଡ କୋମ୍ପାନି " ୧୧୫ ନମ୍ବର ବାଗବଜାର ଷ୍ଟ୍ରୀଟ, କଲିକତା

ସର୍ବପ୍ରକାର ଜ୍ୱର, ଘା, ଚର୍ମ୍ମ-ବାଦି ପ୍ରଭୃତି ଆରୋଗ୍ୟପକ୍ଷେ ଭୂରାନ୍ତ ।

### " ଜ୍ୱର ସଂହାର "

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେପରି ପୁରୁଣା ହେଉ ନିରୂଶକ୍ତି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୦ ।୵ ଟ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତି ସ୍ଥାନ :—" ଡବଲଉ, ଟେଲିଲ-ଏଣ୍ଡ କୋମ୍ପାନି" ୧, କଲିକତା ।


Digitized by srujanika@gmail.com